


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୯ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 29 MARCH 2024

Vol.No. 35 ■ No.86 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପଦ୍ମ ଧରିଲେ ଭର୍ତ୍ତୃହରି-ସିଦ୍ଧାନ୍ତ-ଦମୟନ୍ତୀ



ନୂଆଦିଲ୍ଲୀ, ୨୮/୩ : ବିଜେପିରେ ଯୋଗ ଦେଇଛନ୍ତି କଟକ ସାଂସଦ ଭର୍ତ୍ତୃହରି ମହତାବ, ଅଭିନେତା ତଥା ପୂର୍ବତନ ଲୋକସଭା ସାଂସଦ ସିଦ୍ଧାନ୍ତ ମହାପାତ୍ର। ତାଙ୍କ ସହିତ ସାହିତ୍ୟିକ, ସମାଜସେବୀ ତଥା ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ପ୍ରଫେସର ଦମୟନ୍ତୀ ବେସ୍ରା ବିଜେପିରେ ଯୋଗ ଦେଇଛନ୍ତି। । ଆଜି ଦିଲ୍ଲୀ ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ଦଳର ସାଧାରଣ ସଂପାଦକ ବିନୋଦ ତାୱଡେ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭର୍ତ୍ତୃହରି ମହତାବ ପଦ୍ମ ଧରିଛନ୍ତି। ବିଜେପିରେ ସାମିଲ ପରେ ସାଂସଦ ଭର୍ତ୍ତୃହରି ମହତାବ କହିଛନ୍ତି, ରାଷ୍ଟ୍ରବାଦ, ଏକାତ୍ମତା ଓ ପୂର୍ବୋଦୟ ବିଜେପି ଜରିଆରେ ହୋଇପାରିବ। ରାଜ୍ୟର ପ୍ରଗତି ଓ ଉନ୍ନତି ପାଇଁ କାମ କରିବାକୁ ବିଜେପି ଜରିଆରେ ସୁଯୋଗ ମିଳିବ। ମୋଦିଙ୍କ ଶକ୍ତି, ଶାହଙ୍କ ବିଶ୍ୱାସ ଓ ନଡ୍ଡାଙ୍କ ପ୍ରେରଣା ଆଗକୁ ନେବାକୁ ସାହାଯ୍ୟ କରିବ। ଏକ ନୂଆ ଟିମ୍ ସହ ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛି। ଓଡ଼ିଶାରେ ଯେଉଁ ପରିବର୍ତ୍ତନ ହେବାକୁ ଯାଉଛି, ତାହା ଆସିଲେ ସମସ୍ତେ ଦେଖିପାରିବେ। ୨୨ ମାର୍ଚ୍ଚ ଶୁକ୍ରବାର ଦିନ ଭର୍ତ୍ତୃହରି ବିଜେଡିରୁ ଇସ୍ତଫା ଦେଇଥିଲେ। ସେ ତାଙ୍କ ଇସ୍ତଫାପତ୍ର ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଥିଲେ। ସେ ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ବିଜେଡି ଛାଡ଼ିବା ପରେ ସେ ବିଜେପିରେ ଯୋଗ ଦେବେ ବୋଲି ଚର୍ଚ୍ଚା ହୋଇଥିଲା। ଏହି ଚର୍ଚ୍ଚାର ଆଜି ଅନ୍ତ ଘଟିଛି। ଭର୍ତ୍ତୃହରି ୬ ଥର ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି। ୧୯୯୮, ୧୯୯୯, ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ରେ ସେ ଲଗାତାର କଟକ ଲୋକସଭା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଛନ୍ତି।୨୦୧୭ରେ ସେ ଆଉଟଷ୍ଟାଣ୍ଡିଂ ପାର୍ଲାମେଣ୍ଟାରିଆନ ଆୱାର୍ଡ ପାଇଥିବା ବେଳେ ୨୦୧୭, ୨୦୧୮, ୨୦୧୯ ଓ ୨୦୨୦ରେ ସଂସଦ ରତ୍ନ ଆୱାର୍ଡରେ ସମ୍ମାନିତ ହୋଇଛନ୍ତି। ବିଜେଡିରୁ ଇସ୍ତଫା ଦେବା ପରେ ଭର୍ତ୍ତୃହରି ବିଭିନ୍ନ ପ୍ରସଙ୍ଗକୁ ନେଇ ବାରମ୍ବାର ବାରମ୍ବାର ବିଜେଡିକୁ ଟାର୍ଗେଟ କରୁଥିଲେ। କିଛି ଦିନ ତଳେ ନିଜର ସଂପାଦକୀୟରେ ବିଜେଡିକୁ ବାଣ ମାରିଥିଲେ ଭର୍ତ୍ତୃହରି । ଏହି ଲେଖାର ଶୀର୍ଷକ ଥିଲା "ଦୁର୍ନୀତିର ଘଡ଼ା ପୂରିଲାଣି, ଫାଟିବ କି ଭାଙ୍ଗିବ ନିଶ୍ଚୟ"। ଏଥିରେ ସେ କେଉଁ ପରିସ୍ଥିତିରେ ଏବଂ କାହିଁକି ଦଳ ଛାଡ଼ିଲେ, ବିଜେଡି ଓ ଏହାର ନେତୃତ୍ୱ ଏବେ କେଉଁ ସ୍ତରକୁ ଗଲେଣି ତାହା ଉଲ୍ଲେଖ କରିଥିଲେ। ସିଦ୍ଧାନ୍ତ ମହାପାତ୍ର ଦୁଇ ଥର ବିଜେଡି ଟିକେଟରେ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ୨୦୦୯ ଓ ୨୦୧୪ରେ ସେ ବ୍ରହ୍ମପୁର ଲୋକସଭା ଆସନରୁ ନିର୍ବାଚିତ ହୋଇଥିଲେ। ୨୦୧୯ରେ ଦଳ ଆଉ ତାଙ୍କୁ ଟିକେଟ ଦେଇ ନଥିଲା। ତାଙ୍କ ବଦଳରେ ଚନ୍ଦ୍ରଶେଖର ସାହୁଙ୍କୁ ଦଳ ଟିକେଟ ଦେଇଥିଲା। ସେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ୨୦୦୪ରେ କଂଗ୍ରେସ ଟିକେଟ୍‌ରେ ସେ ବ୍ରହ୍ମପୁର ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୯ ଓ ୨୦୧୪ରେ ସିଦ୍ଧାନ୍ତ ମହାପାତ୍ରଙ୍କଠାରୁ ପରାସ୍ତ ହୋଇଥିଲେ ଚନ୍ଦ୍ରଶେଖର ସାହୁ। ୨୦୧୯ରେ ଟିକେଟ୍ କଟିବା ପରଠୁ ସିଦ୍ଧାନ୍ତ ମହାପାତ୍ର ବିଜେଡିରେ କୋଣଠେସା ହୋଇଯାଇଥିଲେ। ଅନ୍ୟପକ୍ଷରେ ନିକଟରେ ବିଜେଡି ଛାଡ଼ିଥିବା କଟକ ସାଂସଦ ଭର୍ତ୍ତୃହରି ମହତାବ ମଧ୍ୟ ଆଜି ବିଜେପିରେ ମିଶିଛନ୍ତି। ସମସ୍ତେ ସେହି ଗୋଟିଏ କାର୍ଯ୍ୟକ୍ରମରେ ଦଳରେ ସାମିଲ ହୋଇଥିଲେ।

## ଟିକେଟ ମିଳିଲାନି: ବିଜେଡିରୁ ସତୀଶଙ୍କ ଇସ୍ତଫା



ଯାଜପୁର: ବିଜେଡିରୁ ଇସ୍ତଫା ଦେଇଛନ୍ତି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସତୀଶ ବିଶ୍ୱାଳ। ସେ ଚଳିତ ନିର୍ବାଚନରେ ଯାଜପୁର ଜିଲ୍ଲା ଧର୍ମଶାଳା ବିଧାନସଭା ଆସନରୁ ଦଳରୁ ଟିକେଟ ପାଇବାକୁ ଆଶା ରଖିଥିଲେ। ଗତକାଲି ବିଜେଡି ଏହି ଆସନ ପାଇଁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ପ୍ରାର୍ଥୀ କରିବା ପରେ ଆଜି ସତୀଶ ଜାରକାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଦଳରୁ ଇସ୍ତଫା ଦେଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ସେ ତାଙ୍କର ▶▶ପୃଷ୍ଠା ୭

## ଉତ୍ତରପ୍ରଦେଶର କୁଖ୍ୟାତ ମାଫିଆ ଡନ ମୁଖତାର ଅନସାରୀ ମୃତ



ବାନ୍ଦା, ୨୮/୩ : ମାଫିଆ ଡନ୍ ମୁଖତାର ଅନସାରୀ ମୃତ୍ୟୁବରଣ କରିଛି। ହୃଦଘାତ କାରଣରୁ ତାହାର ମୃତ୍ୟୁ ହୋଇଥିବା କୁହାଯାଉଛି । ଏହା ପରେ ସମଗ୍ର ଉତ୍ତରପ୍ରଦେଶରେ ହାଇଆଲର୍ଟ ଜାରି ହେବା ସହ ସୁରକ୍ଷାକୁ ବଢାଇଦିଆଯାଇଛି । ସୂଚନା ଅନୁସାରେ ଜେଲରେ ଥିବାବେଳେ ତାହାର ହୃଦଘାତ ହେବା କାରଣରୁ ସେ ଅଚେତ ହୋଇପଡ଼ିଥିଲା । ଅଚେତ ଅବସ୍ଥାରେ ଉଦ୍ଧାର ପରେ ଜେଲର ଡାକ୍ତରୀ ଦଳ ତାକୁ କଡ଼ା ସୁରକ୍ଷା ମଧ୍ୟରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଦୁଇ ଦିନ ତଳେ ଜେଲରେ ▶▶ପୃଷ୍ଠା ୭

## ରେଭିନ୍ୟୁ ସୁପରଭାଇଜରଙ୍କ ପାଇଁ ଲାଞ୍ଚ ଗ୍ରହଣ କରୁଥିଲେ ଅବସରପ୍ରାପ୍ତ ଅମୀନ: ଧରିଲା ଭିଜିଲାନ୍ସ



ଜଗତସିଂହପୁର, ୨୮/୩ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଗତସିଂହପୁରର ଜମି ଅଧିଗ୍ରହଣ ଅଧିକାରୀଙ୍କ ଅଫିସର ରେଭିନ୍ୟୁ ସୁପରଭାଇଜର ଗଣେଶ ମଲ୍ଲିକ। ସେ ଏବେ ପାରାଦୀପ ସ୍ଥିତ ସ୍ୱତନ୍ତ୍ର ଜମି ଅଧିଗ୍ରହଣ କ୍ୟାମ୍ପ ଅଫିସରେ ନିଯୁକ୍ତ ହୋଇଛନ୍ତି। ତାଙ୍କ ସହିତ କ୍ଷୀରୋଦ ରଥ ନାମକ ଜଣେ ବ୍ୟକ୍ତି ଧରାପଡ଼ିଛନ୍ତି। କ୍ଷୀରୋଦ ଜଣେ ବରିଷ୍ଠ ଅମୀନ, ଯିଏ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ସାରିଛନ୍ତି। ଜଣେ ବ୍ୟକ୍ତିଙ୍କୁ ଜମି ଅଧିଗ୍ରହଣ ବାବଦ ଅର୍ଥ ଦେବା ପାଇଁ ଓ ତତ୍ ସଂପର୍କିତ କାମ କରି ଦେବା ପାଇଁ ରେଭିନ୍ୟୁ ସୁପରଭାଇଜର ଗଣେଶ ମଲ୍ଲିକ ଲାଞ୍ଚ ମାଗିଥିଲେ। ଗଣେଶ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଅଭିଯୋଗକାରୀଙ୍କଠାରୁ ଆଜି ବରିଷ୍ଠ ଅମୀନ କ୍ଷୀରୋଦ ରଥ ୪୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ସେହି ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା। ପରେ ତାଙ୍କୁ ଓ ଗଣେଶ ମଲ୍ଲିକଙ୍କୁ ଗିରଫ କରିଥିଲେ ଭିଜିଲାନ୍ସ ଅଧିକାରୀ। ଭିଜିଲାନ୍ସ ପକ୍ଷରୁ ରେଭିନ୍ୟୁ ସୁପରଭାଇଜର ଗଣେଶ ମଲ୍ଲିକ ଓ କ୍ଷୀରୋଦ ରଥଙ୍କ ଗୋଟିଏ ଲେଖାଏଁ ଠିକଣାରେ ଚଢ଼ାଉ କରାଯାଇଛି। ଉଭୟ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି।

## ତାତି ଉପରମୁହାଁ: ପାରଳାଖେମୁଣ୍ଡି ଉତ୍ତପ୍ତ ସହର



ଭୁବନେଶ୍ୱର, ୨୮/୩ (ନି.ପ୍ର): ରାଜ୍ୟର ପାରଦ ଉପରମୁହାଁ ହୋଇଛି। ଯେଉଁଥିପାଇଁ ଆଜି ଜୀବନ ଯାତ୍ରା ଅସ୍ତବ୍ୟସ୍ତ ହୋଇଛି। ୫ ସହର ତାପମାତ୍ରା ୩୯ ଡ଼ିଗ୍ରୀ ଛୁଇଁଛି। ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ପାଲଟିଛି ଉତ୍ତପ୍ତ ସହର। ଏଠାରେ ଆଜି ଦିନ ତାପମାତ୍ରା ସର୍ବାଧିକ ୩୯.୮ ଡ଼ିଗ୍ରୀ ରେକର୍ଡ କରାଯାଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ପୂର୍ବାନୁମାନ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ବାଲେଶ୍ୱରରେ ୩୫.୧ ଡିଗ୍ରୀ, ଚାନ୍ଦବାଲିରେ ୩୮.୨ ଡିଗ୍ରୀ, କଟକରେ ୩୮.୪ ଡିଗ୍ରୀ, ପାରାଦୀପରେ ୩୩.୧ ଡିଗ୍ରୀ, ଭୁବନେଶ୍ୱରରେ ୩୭.୩ ଡିଗ୍ରୀ, ଗୋପାଳପୁରରେ ୩୩.୦ ଡିଗ୍ରୀ, ପୁରୀରେ ୩୩.୧ ଡିଗ୍ରୀ, ଅନୁଗୋଳରେ ▶▶ପୃଷ୍ଠା ୭

## ନ୍ୟାୟପାଳିକା ଉପରେ କିଏ ପକାଉଛି ଚାପ ?: ଓକିଲଙ୍କ ଚିଠି ପରେ ମୋଦି ବନାମ କଂଗ୍ରେସ କଳି ତେଜିଲା



ନୂଆଦିଲ୍ଲୀ, ୨୮/୩ :ଦେଶର ପ୍ରାୟ ୬୦୦ ବରିଷ୍ଠ ଓକିଲ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ଚିଠି ଲେଖିଛନ୍ତି। କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ନ୍ୟାୟପାଳିକା ଉପରେ ଚାପ ପକାଇଛନ୍ତି, ସେମାନେ ନ୍ୟାୟିକ ପ୍ରକ୍ରିୟାକୁ ପ୍ରଭାବିତ କରିବାକୁ ଚାହୁଁଛନ୍ତି ଓ ଦେଶର କୋର୍ଟଙ୍କୁ ବଦନାମ କରିବାକୁ ଚାହୁଁଛନ୍ତି। ବିଶେଷ କରି ଅତିରଞ୍ଜିତ ଯୁକ୍ତି ଓ ରାଜନୀତିକ ଏଜେଣ୍ଡାକୁ କାର୍ଯ୍ୟକାରୀ କରି ସେମାନେ ଏପରି କରୁଛନ୍ତି। ବିଶେଷ କରି ଦୁର୍ନୀତି ଅଭିଯୋଗରେ ମାମଲାରେ ଫସୁଥିବା ରାଜନେତାଙ୍କ କ୍ଷେତ୍ରରେ ନ୍ୟାୟପାଳିକାଙ୍କୁ ପ୍ରଭାବିତ କରିବା ପାଇଁ ପ୍ରଭାବିତ କରୁଛନ୍ତି। ୬୦୦ ଓକିଲଙ୍କ ଏପରି ଚିଠି ପରେ କଂଗ୍ରେସକୁ ସିଧାସଳଖ ଟାର୍ଗେଟ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେହିପରି କଂଗ୍ରେସ ମଧ୍ୟ ଏହାର ଜବାବ ଦେଇଛି। ମୋଦି ନିଜ ଏକ୍ସ ଆକାଉଣ୍ଟରେ କହିଛନ୍ତି, ଅନ୍ୟକୁ ଧମକାଇବା ଓ ଡରାଇବା କଂଗ୍ରେସର ସଂସ୍କୃତି। ୫ ଦଶନ୍ଧି ତେଳେ ସେମାନେ ନିଜେ ପ୍ରତିବଦ୍ଧ ନ୍ୟାୟପାଳିକା ପାଇଁ ଆହ୍ୱାନ ଦେଇଥିଲେ। ସେମାନେ ଅତ୍ୟନ୍ତ ଲଜ୍ଜାଜନ ଭାବେ ନିଜର ସ୍ୱାର୍ଥପର ଫାଇଦା ପାଇଁ ଅନ୍ୟମାନଙ୍କ ପ୍ରତିବଦ୍ଧ ଚାହୁଁଥିଲେ। କିନ୍ତୁ କଂଗ୍ରେସ ପାର୍ଟି ଦେଶ ପ୍ରତି କିଛି ବି ପ୍ରତିବଦ୍ଧତା ପାଳନ କରିନାହିଁ। ଏବେ ଏଥିରେ କୌଣସି ଆଶ୍ଚର୍ଯ୍ୟ ନାହିଁ। ୧୪୦ କୋଟି ଭାରତୀୟ ସେମାନଙ୍କୁ ଅଗ୍ରାହ୍ୟ କରିଛନ୍ତି ବୋଲି ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏପରି ବୟାନକୁ କଂଗ୍ରେସ ପକ୍ଷରୁ ▶▶ପୃଷ୍ଠା ୭






## କୋର୍ଟରେ ପୁରୁଣା କଥା ଦୋହରାଇଲା ଇଡି: ୧ ଯାଏ ରିମାଣ୍ଡରେ ଗଲେ କେଜ୍ରିୱାଲ



ନୂଆଦିଲ୍ଲୀ, ୨୮/୩ : ତଥାକଥିତ ଅବକାରୀ ନୀତି ଦୁର୍ନୀତି ଘଟଣାରେ ଗିରଫ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ କୌଣସି ପ୍ରକାରର ଆଶ୍ୱସ୍ତି ମିଳି ନାହିଁ। ପୁରୁଣା କଥା ଦୋହରାଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କୁ ପୁଣି ରିମାଣ୍ଡରେ ନେଇଛି। ଆସନ୍ତା ୧ ତାରିଖ ଯାଏ ସେ ଇଡି ରିମାଣ୍ତରେ ରହିବେ। ମାର୍ଚ୍ଚ୨୧ ତାରିଖରେ ଇଡି କେଜ୍ରିୱାଲଙ୍କୁ ଗିରଫ କରିଥିଲା। ଏହାପରେ ତାଙ୍କୁ ୨୨ ତାରିଖରୁ ୭ ଦିନ ଅର୍ଥାତ ୨୮ ତାରିଖ ଯାଏ ରିମାଣ୍ଡରେ ନେଇଥିଲା। ଆଜି ରିମାଣ୍ଡ ଅବଧି ଶେଷ ହେଉଥିବାରୁ ଇଡି ରାଉଜ ଆଭିନ୍ୟୁ କୋର୍ଟରେ ତାଙ୍କୁ ହାଜର କରିଥିଲା। ଏହି ସମୟରେ ଇଡି ତାଙ୍କୁ ଆଉ ୭ ଦିନର ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। କିନ୍ତୁ କୋର୍ଟ ତାଙ୍କୁ ୪ ଦିନର ରିମାଣ୍ଡରେ ପଠାଇ ଦେଇଛନ୍ତି। ଆଡିସିନାଲ ସଲିସିଟର ଜେନେରାଲ ଏସ୍ ?ଭି ରାଜୁ ଓ ସ୍ପେଶାଲ କାଉନସିଲ ଜୋହେବ ହୁସେନ ଇଡି ପାଇଁ ଯୁକ୍ତି ରଖିଥିଲେ। ସେମାନେ କହିଛନ୍ତି ଯେ ତଦନ୍ତ ବେଳେ ଠାବ ହୋଇଥିବା ଡିଜିଟାଲ ତଥ୍ୟର ଯାଞ୍ଚ ଆବଶ୍ୟକ। କେଜ୍ରିୱାଲ ଡିଜିଟାଲ ତଥ୍ୟ ପାଇବା ପାଇଁ ଆବଶ୍ୟକ ପାସୱାର୍ଡ ଦେଉ ନାହାନ୍ତି। ସେ କୌଣସି ପ୍ରଶ୍ନର ଉତ୍ତର ଦେଉ ନାହାନ୍ତି। ତାଙ୍କୁ କିଛି ଲୋକଙ୍କ ସାମ୍ନାସାମ୍ନି ଜେରା କରିବାର ▶▶ପୃଷ୍ଠା ୭

## ବରୁଣଙ୍କ ଭାବପ୍ରବଣ ଚିଠି: ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ପିଲଭିତ୍ ସହିତ ତୁଟିବନି ମୋ ସମ୍ପର୍କ

ନୂଆଦିଲ୍ଲୀ, ୨୮/୩ : ପିଲଭିତ୍ ସାଂସଦ ତଥା ବିଜେପି ନେତା ବରୁଣ ଗାନ୍ଧୀ ଚଳିତ ଲୋକସଭା ନିର୍ବାଚନରେ ପ୍ରାର୍ଥୀ ଭାବେ ଆଉ ନଜର ଆସିବେ ନାହିଁ। ବିଜେପି ହାଇକମାଣ୍ଡ ଏହି ଲୋକସଭା ଆସନରୁ ବରୁଣଙ୍କ ଟିକେଟ କଟା ଯାଇଛି। ବରୁଣଙ୍କ ବଦଳରେ ଜିତିନ ପ୍ରସାଦଙ୍କୁ ପ୍ରାର୍ଥୀ କରାଯାଇଛି। ବରୁଣ ପିଲଭିତ୍ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ଭାବପ୍ରବଣ ଚିଠି ଲେଖିଛନ୍ତି। ଏହା ତାଙ୍କ ସୋସିଆଲ ମିଡ଼ିଆ ହାଣ୍ଡେଲ ଏକ୍ସରେ ଶେୟାର କରାଯାଇଛି। ବରୁଣ ଲେଖିଛନ୍ତି ହୁଏତ ସାଂସଦ ଭାବେ ପିଲଭିତ୍ ସହିତ ମୋର ସମ୍ପର୍କ ଶେଷ ହୋଇଛି କିନ୍ତୁ ପରିବାର ଭାବେ ପିଲଭିତ୍ ସହିତ ମୋ ସମ୍ପର୍କ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ରହିବ। ପିଲଭିତ୍‌ର ଜନସାଧାରଣଙ୍କ ସହିତ ମୋର ଅଗଣିତ ସ୍ମୃତି ରହିଛି। ମୁଁ ୩ ବର୍ଷର ଛୋଟ ଶିଶୁ ସମୟରୁ ମୋର ସ୍ମୃତି ମୋ ଆଖି ଆଗରେ ନାଚି ଯାଉଛି। ମୁଁ ସେତେବେଳେ କେବେ ମଧ୍ୟ କଳ୍ପନା କରି ନ ଥିଲି ଯେ ଏହି ମାଟି ମା' ମୋର କର୍ମଭୂମି ପାଲଟି ଯିବ ଏବଂ ଏଠାକାର ଜନସାଧାରଣ ମୋ ପରିବାର ସଦସ୍ୟ ହୋଇଯିବେ। ମୁଁ ଅତ୍ୟନ୍ତ ଭାଗ୍ୟଶାଳୀ ଯେ ପିଲଭିତ୍‌ରେ ମତେ ବହୁ ବର୍ଷ ଧରି ଲୋକଙ୍କର ସେବା କରିବାର ଅବସର ମିଳିଥିଲା। ▶▶ପୃଷ୍ଠା ୭

# ୨୧ତମ ଜାତୀୟ ନାଟ୍ୟ ମହୋତ୍ସବ 'କ୍ୟାନଫେଷ୍ଟ' ଉଦ୍‌ଯାପିତ

## ଶେଷ ସନ୍ଧ୍ୟାରେ ନାଗ ଓ ନାରୀର ସତୀତ୍ୱକୁ ନେଇ ନାଟକ 'ନାଗମଣ୍ଡଳ'



ପାରାଦୀପ, ୨୮/୩ (ନି.ପ୍ର): କ୍ୟାନମାସ ଦ୍ୱାରା ଆୟୋଜିତ କାନଫେଷ୍ଟର ଜୟଦେବ ସଦନଠାରେ ମଞ୍ଚସ୍ଥ ହୋଇଛି ବିଶିଷ୍ଟ ନାଟ୍ୟକାର ଗିରୀଶ କର୍ଣ୍ଣଡଙ୍କ ରଚିତ କାଳଜୟୀ ନାଟକ 'ନାଗମଣ୍ଡଳ'। ବ୍ଲାକ୍ ମୋତି କଳା, ଦିଲ୍ଲୀର କଳାକାରମାନେ ଏହି ନାଟକ ପରିବେଷଣ କରିଥିଲେ। ନିର୍ଦ୍ଦେଶକ ସତ୍ୟବ୍ରତ ରାଉତଙ୍କ ଏହି ନାଗମଣ୍ଡଳ ନାଟକଟି ଆଜିର ପୁରୁଷପ୍ରଧାନ ସମାଜରେ ନାରୀର ସ୍ୱାଧୀନତା କିପରି ସଙ୍କୋଚିତ ହୋଇଯାଇଛି ତାହା ଏହି ନାଟକରେ ଆଲୋକପାତ ହୋଇଛି।ରାନୀଙ୍କୁ ନେଇ ଏହି ନାଟକର କାହାଣୀ କେନ୍ଦ୍ରିତ।ସ୍ୱପ୍ନ ଦେଖିଥିବା ଜଣେ ଯୁବତୀ, ଯିଏ ଆପନ୍ନାଙ୍କୁ ବିବାହ କରିବା ପରେ ନିଜକୁ ଘରର ଚାରି କାନ୍ଥରେ ସୀମିତ ରହିଛନ୍ତି ଏବଂ ଆପନ୍ନା ରାଣୀଙ୍କୁ ଅବହେଳା କରି ଅନ୍ୟ ମହିଳାଙ୍କ ସହ ସମ୍ପର୍କ ରଖୁଛନ୍ତି ମାନେ ପରକୀୟ ପ୍ରୀତିରେ ଲିପ୍ତ ରହୁଛନ୍ତି। ପରେ ଏହାର ସମାଧାନ ପାଇଁ ଆସି ପହଞ୍ଚୁଛନ୍ତି ଜଣେ ବୃଦ୍ଧା।ରାଣୀ ବୃଦ୍ଧାଙ୍କୁ ନିଜ ଦୁଃଖ ଜଣାଇବା ପରେ ବୃଦ୍ଧାଜଣକ ଏହାର ଉପାୟ ବାହାର କରୁଛନ୍ତି। ଚେରମୂଳି ବାଟି ସ୍ୱାମୀ ଆପନ୍ନାଙ୍କୁ ପିଆଇ ଦେଲେ ସେ ତୋ ପ୍ରତି ସ୍ନେହ କରିବେ ବୋଲି ସେ ରାଣୀଙ୍କୁ କହିଛନ୍ତି । ରାଣୀ ସିନା ହଁ ମାରିଛନ୍ତି, କିନ୍ତୁ ଯେତେବେଳେ ଚେରମୂଳି ପ୍ରସ୍ତୁତ ହୋଇଛି,ତାହା ଲାଲ ରଙ୍ଗ ହୋଇଯିବାରୁ ଭୟରେ ତାକୁ ଏକ ବାଉଁଶ ଗଛ ତଳେ ପକାଇଛନ୍ତି , ଏହା ଏକ ନାଗ ସାପ ଉପରେ ପଡ଼ିବାରୁ ସାପଟି ରାଣୀଙ୍କ ପ୍ରତି ଆକର୍ଷିତ ହୋଇ ରାତିରେ ଆପାନ୍ନାଙ୍କ ରୂପରେ ପରିଣତ ହୋଇ କିପରି ପ୍ରେମ ବ୍ୟକ୍ତ କରିଛି ନାଟକରେ ଦର୍ଶାଯାଇଛି। ପରେ ରାଣୀ ଗର୍ଭବତୀ ହୋଇଛନ୍ତି। ମାତ୍ର ଆପନ୍ନା ରାଣୀଙ୍କ ଏ ଅବସ୍ଥା ଦେଖି ପେଟରେ ବଢୁଥିବା ପିଲାଟି ତାଙ୍କର ନୁହେଁ ବୋଲି କହିଛନ୍ତି। ଏନେଇ ପଞ୍ଚାୟତ ଡକାଯାଇଛି। ବ୍ଲାକ୍ ମୋତି କଳା, ଦିଲ୍ଲୀ କଳାକାରମାନେ ସାପ ଏବଂ ରାଣୀଙ୍କ ସଂପର୍କ କୁ ନେଇ ଏକ ନୂତନ ଚିନ୍ତା ସହ ଭାବଧାରା ମାଧମରେ ଦର୍ଶକଙ୍କୁ ଏଭଳି ଏକ କାଳଜୟୀ ନାଟକ ଭେଟିଦେଇଛନ୍ତି। ନାଟକରେ ରାଣୀଙ୍କୁ ସତ କହିବାକୁ କୁହାଯାଇଛି, ଯଦି ସେ ମିଛ କୁହନ୍ତି , ସାପ ତାଙ୍କୁ କାମୁଡ଼ିବ, ଦୃଶ୍ୟଟି ଲୋକଙ୍କୁ ଚକିତ କରିଛି। ନାଗ ଓ ନାରୀକୁ ନେଇ ଏହି ନାଟକ ଦର୍କକଙ୍କୁ ମନୋରଂଜନ କରିବା ସହ ସମାଜ କିପରି ନାରୀର ସତୀତ୍ୱ ଉପରେ ପ୍ରଶ୍ନ କରେ ତାକୁ ନିଖୁଣ ଭାବରେ ଅଭିନୟ କରିଛନ୍ତି କଳାକାରମାନେ। ନାଟକ, ଦର୍ଶକ ଓ କଳାକାରଙ୍କ ସମନ୍ୱୟରେ 'ନାଗମଣ୍ଡଳ ' ସଫଳତା ସାଉଁଟିବା ସହ ଶେଷ ହୋଇଛି ୨୧ତମ ଜାତୀୟ ନାଟ୍ୟ ମହୋତ୍ସବ 'କ୍ୟାନଫେଷ୍ଟ'। ଶେଷ ସନ୍ଧ୍ୟାରେ ପାରାଦୀପ ବନ୍ଦର ପ୍ରାଧିକରଣର ଅଧକ୍ଷ ପି.ଏଲ ହରନାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପାରାଦୀପ ଭଳି ଜାଗାରେ ନାଟକକୁ ଜୀବିତ ରଖିବାରେ କ୍ୟାନମାସ ଗ୍ରୁପ୍ ର ନିରନ୍ତର ପ୍ରୟାସକୁ ପ୍ରଶଂସା କରିବା ସହିତ ନାଟ୍ୟ କଳାକାର ମାନଙ୍କ ଜୀବନ୍ତ ଅଭିନୟକୁ ଅତ୍ୟନ୍ତ ଉଚ୍ଚକୋଟୀର ବୋଲି କହିଛନ୍ତି । ଏହି ସନ୍ଧ୍ୟାରେ ଅନ୍ୟାନ୍ୟ ସମ୍ମାନୀୟ ଅତିଥି ଭାବେ ଭାରତୀୟ ତଟରକ୍ଷୀ ବାହିନୀର କମାଣ୍ଡର ସଞ୍ଜୟ ନେଗି, ପାରାଦୀପ ବନ୍ଦର ପ୍ରାଧିକରଣ ର ଉପାଧକ୍ଷ ନିଲାଭ୍ର ଦାସ ଗୁପ୍ତା ଯୋଗ ଦେଇ କ୍ୟାନଫେଷ୍ଟ ୨୦୨୪ କୁ ଉଦଯାପିତ କରିଛନ୍ତି ।

# ୫ ଜଣିଆ ଡକାୟତ ଦଳଙ୍କୁ ଗିରଫ କଲା କେନ୍ଦ୍ରାପଡ଼ା ପୋଲିସ

କେନ୍ଦ୍ରାପଡ଼ା, ୨୮/୩ (ନି.ପ୍ର): ଏକ ୫ ଜାଣିଆ ଡକାୟତ ଦଳକୁ ଗିରଫ କରିଛି କେନ୍ଦ୍ରାପଡ଼ା ପୋଲିସ୍। ଏଥିରେ ୩ ଜଣ ଡକାୟତ ଦଳର ସଦସ୍ୟ ଥିବାବେଳେ ଦୁଇଜଣ ଚୋରି ସାମଗ୍ରୀ କିଣିଥବା ବ୍ୟବସାୟୀ ରହିଛନ୍ତି। ଏହି ଡକାୟତ ଦଳଠାରୁ ଏକ ପଲସର ମଟର ସାଇକେଲ, ସୁନା ଓ ରୂପା ଗହଣା, ନଗଦ ଟଙ୍କା ସମେତ ଏକାଧିକ ମୋବାଇଲ ଫୋନ ଜବତ୍ କରିଛି ପୋଲିସ। ଗିରଫ ଡକାୟତମାନେ ହେଲେ ରଞ୍ଜନ ଦାସ, ବବିନା ଦାସ, ବାପୁନ ଦାସ। ଚୋରି ସାମଗ୍ରୀ କିଣିଥିବା ବ୍ୟବସାୟୀ ହେଲେ ରାମଚନ୍ଦ୍ର ସାହୁ ଓ କାର୍ତିକ ସାହୁ। ମାର୍ଚ୍ଚ ୧୭ ତାରିଖରେ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବଡମୂଳବସନ୍ତ ଗାଁର ଭୀମସେନ୍ ପ୍ରଧାନଙ୍କ ଘରେ ବିଳମ୍ବିତ ରାତ୍ରିରେ ହୋଇଥିବା ଡକାୟତି ଘଟଣାରେ ରାଜନଗର ପୋଲିସ ଲକ୍ଷ୍ମଣ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଲକ୍ଷ୍ମଣ ଠାରୁ ମିଳିଥିବା ସୂଚନା ଆଧାରରେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଏମାନେ ସମସ୍ତେ କେଳା ସମ୍ପ୍ରଦାୟର। ଦିନରେ ଠାବ କରି ରାତିରେ ଘରେ ପଶି ଡକାୟତି କରିବା ଏମାନଂକର କାମ। ଗିରଫ ରଞ୍ଜନ ଦାସର ଘର ବାଲେଶ୍ୱର ଜିଲା ଅବଜୁଣ ଗାଁରେ ବୋଲି ପୋଲିସ୍ କହିଛି। ଗିରଫ ଡକାୟତମାନଙ୍କ ନାମରେ କେନ୍ଦ୍ରାପଡା ଜିଲାର ମାର୍ଶାଘାଇ, ରାଜନଗର, ପଟ୍ଟାମୁଣ୍ଡାଇ, ପାଟକୁରା, କୁଦା ନଗରୀ, ଟାଉନ୍ ଥାନା ସମେତ ଜଗତ୍ସିଂହପୁରର ତିର୍ତୋଲ ଥାନାରେ ମଧ ମାମଲା ରହିଥିବା କେନ୍ଦ୍ରାପଡା ଏସ୍ପି ସିଦ୍ଧାର୍ଥ କଟାରିଆ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତଙ୍କ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୨୮/୩ (ନି.ପ୍ର): କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସ ଦିନିକିଆ କେନ୍ଦ୍ରାପଡ଼ା ଗସ୍ତରେ ଆସି ସାଧାରଣ ନିର୍ବାଚନ ୨୦୨୪ ସମ୍ପର୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ସମସ୍ତ ପଦକ୍ଷେପ ଉପରେ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ପୀତାମ୍ବର ସାମଲ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପଜିଲ୍ଲାପାଳ ଅଶୋକ କୁମାର ଦାସ, ଉପ ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, ଆଂଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନ ର ଆଦର୍ଶ ଆଚରଣ ବିଧିକୁ କଡ଼ାକଡ଼ିଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ଭାରତର ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରଣିତ ନୀତିନିୟମକୁ ଅକ୍ଷରେ ଅକ୍ଷରେ ପାଳନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଯଥାର୍ଥ କାରଣ ନଥାଇ ମେଡିକାଲ ସାର୍ଟିଫିକେଟ୍‌ର ସାହାଯ୍ୟ ନେଇ ନିର୍ବାଚନ ଡ୍ୟୁଟିରୁ ନାମ କାଟିବାକୁ ଚାହୁଁଥିବା ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ମୋଟରଯାନ ପରିଚାଳନା କାର୍ଯ୍ୟକୁ ସଠିକ୍ ଭାବରେ କରିବା ପାଇଁ ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିୟମିତ ଯାଂଚ, ଠିକ୍ ସମୟରେ ମଦ କାଉଂଟର୍ ବନ୍ଦହେବା, ଲାଇସେନ୍ସ ନବୀକରଣ(ରିନ୍ୟୁଆଲ) ଉପରେ ଗୁରୁତ୍ୱାରୋପ କରିବାକୁ ସେ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଭଲ୍‌ନେରେବୁଲ ବୁଥ୍ ମ୍ୟାପିଙ୍ଗ୍ କାର୍ଯ୍ୟକୁ ଠିକ୍ ଢଙ୍ଗରେ କରିବା ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ସମସ୍ତ ଭୋଟ୍ ଗ୍ରହଣ କେନ୍ଦ୍ର ମାନଙ୍କରେ ଆବଶ୍ୟକୀୟ ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବସ ଦୁର୍ଘଟଣା: ଜଣେ ମୃତ, ୭ ଗୁରୁତର

ଜୟପୁର, ୨୮/୩ (ନି.ପ୍ର): କୋରାପୁଟ ଜିଲ୍ଲା ରେ ଘରୋଇ ବସ ଭୟଙ୍କର ଦୁର୍ଘଟଣାରେ ଛାର ଖାର। ବସ୍, ଜାତୀୟ ରାଜପଥ ୩୨୬ରେ ଭୟଙ୍କର ଦୁର୍ଘଟଣାରେ ଚେତାଶୂନ୍ୟ ବସ୍ ଯାତ୍ରୀ । ଏପରି ଭୟଙ୍କର ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୭ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି । ଏପରି ଘଟଣା ଘଟିଛି କୋରାପୁଟ ସଦର ଥାନା ଅନ୍ତର୍ଗତ ପୋଡ଼ାଗଡ ଜାତୀୟ ରାଜପଥ ୩୨୬ କଡ଼ରେ ଭୟଙ୍କର ଦୁର୍ଘଟଣା ଘଟିଲା ଯଦ୍ୱାରାକି ପାଖାପାଖି ଦୁଇ ଘଂଟା ଧରି ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ମାଲକାନଗିରିରୁ ବ୍ରହ୍ମପୁର ଯାଉଥିବା ଏହି ଘରୋଇ ବସ୍ କୋରାପୁଟ ନିକଟସ୍ଥ ପୋଡ଼ାଗଡ ଠାରେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକା ଦେଇ ଦୁଇରୁ ତିନିଥର ପାଲଟି ମାରିବା ଦ୍ୱାରା ଭୟଙ୍କର ଦୁର୍ଘଟଣା ଘଟିଲା, ଏପରିକି ଡ୍ରାଇଭର ଜଣକ ଅତ୍ୟଧିକ ମଦ୍ୟପାନ କରିବା ଦ୍ୱାରା ଏପରି ହୋଇଥିବା ଯାତ୍ରୀ କହିଛନ୍ତି। ସେପଟେ ଏପରି ଖବର ପାଇଁ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ । ତା ସହ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରୁ ୭ଟି ଆମ୍ବୁଲାନ୍ସ ସମେତ ଲକ୍ଷ୍ମୀପୁର ମେଡିକାଲରୁ ଆମ୍ବୁଲାନ୍ସ ପହଞ୍ଚି ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ । ସେପଟେ କୋରାପୁଟ, ଲକ୍ଷ୍ମୀପୁରରୁ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ । ମାଲକାନଗିରିକୋରାପୁଟ ସଦର ପୋଲିସ ଓ ଲକ୍ଷ୍ମୀପୁର ପୋଲିସ ସମେତ କୋରାପୁଟ ଏସଡିପିଓ, ଦସମନ୍ତପୁର୍ ବିଡ଼ିଓ, ଦଶମନ୍ତପୂର୍ ତହସିଲଦାର ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ଜାତୀୟ ଆଲୋଚନାଚକ୍ର 'ବିକ୍ଷିତ ଭାରତ -୨୦୪୭: ଅର୍ଥନୈତିକ ଏବଂ ପରିଚାଳନା ଚ୍ୟାଲେଞ୍ଜ' ଉଦ୍ଘାଟିତ

ଜୟପୁର, ୨୮/୩ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ବିକଶିତ ଭାରତ-୨୦୪୭: ଅର୍ଥନୈତିକ ଓ ପରିଚାଳନା ଆହ୍ୱାନ' ଶୀର୍ଷକ ଦୁଇ ଦିନିଆ ଜାତୀୟ ଆଲୋଚନାଚକ୍ର ମାର୍ଚ୍ଚ ୨୭, ୨୦୨୪ରେ ଉଦ୍ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଉଦ୍ ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗଦେଇଥିବା ବେଳେ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ଏନ୍ ସି ପଣ୍ଡାଙ୍କ ସମେତ ରାଞ୍ଚିସ୍ଥିତ ମେକନ୍ ଲିମିଟେଡ୍ର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (କର୍ପୋରେଟ୍ ସର୍ଭିସେସ୍) ସଞ୍ଜୀବ କୁମାର, ପଞ୍ଜାବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ପବିତ୍ର କୁମାର ମିଶ୍ର, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ଇରାଲା ଲୋକାନନ୍ଦ ରେଡ୍ଡୀ ଏବଂ ଜଗଦଲପୁରସ୍ଥିତ ମେକନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆଇଆର ଏବଂ ସେଫ୍ଟି) ଡ. ମନୋରଞ୍ଜନ ବିଶ୍ୱାସଙ୍କ ସମେତ ବିଶିଷ୍ଟ ଶିକ୍ଷାବିତ୍ ଓ ଶିଳ୍ପ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ। ଏହି ସେମିନାର ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ବ୍ୟବସାୟ ପରିଚାଳନା ବିଭାଗର ବିଭାଗୀୟ ମୁଖ୍ୟ ତଥା ଆବାହକ ଡ. ପଦ୍ମ ଚରଣ ମିଶ୍ର, ସଂଗଠନ ସମ୍ପାଦକ ଡ. ପ୍ରଶାନ୍ତ କୁମାର ବେହେରା ଏବଂ ଡିବିଏମ୍ ର ସଂଯୋଜକ ଡ. ସୁବାସ ଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଦକ୍ଷ ଟିମ୍ ଦ୍ୱାରା ଆୟୋଜିତ ଏହି ଆଲୋଚନାଚକ୍ରରେ ଭାରତର ଅର୍ଥନୈତିକ ଓ ପରିଚାଳନା କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଫେସର ତ୍ରିପାଠୀ ଏକ ବିକଶିତ ଭାରତ ଗଠନରେ ଶାନ୍ତି ଓ ସମୃଦ୍ଧିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ସହ ପାଶ୍ଚାତ୍ୟ ବିଚାରଧାରା ଉପରେ ସ୍ୱଦେଶୀ ବ୍ୟବସାୟ ପରିଚାଳନା ନୀତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଏହି ଧାରଣାର ଉଦାହରଣ ଆଦିବାସୀ ସମ୍ପ୍ରଦାୟର ଦୃଢ଼ତା ସହିତ ଉଦାହରଣ ଦେଇଥିଲେ, ଯେଉଁମାନେ ଆର୍ଥିକ କଷ୍ଟ ସତ୍ତ୍ୱେ, ସନ୍ତୋଷ ଏବଂ ଶାନ୍ତିରେ ପରିଣତ ଜୀବନ ଯାପନ କରନ୍ତି । ସେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଶାନ୍ତିରେ ଯୋଗଦାନ କରୁଥିବା ଅନ୍ତର୍ନିହିତ କାରଣଗୁଡ଼ିକୁ ଅନୁସନ୍ଧାନ କରିବାକୁ ପରାମର୍ଶ ଦେଇଥିଲେ । ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତର ସାମ୍ପ୍ରତିକ ଅର୍ଥନୈତିକ ସ୍ଥିତି ସମ୍ପର୍କରେ ଆଲୋକପାତ କରିବା ସହ ଗଣତାନ୍ତ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ କେବଳ ଜିଡିପି ତଥ୍ୟ ଅପେକ୍ଷା ସ୍ଥାୟୀ ଅଭିବୃଦ୍ଧି ଲକ୍ଷ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ରେଜିଷ୍ଟ୍ରାର ପ୍ରଫେସର ଏନ୍ ସି ପଣ୍ଡା ଭାରତୀୟ ଆକାଂକ୍ଷା ଉପରେ ସେମିନାରର ବିଷୟଗତ ଧ୍ୟାନକୁ ପ୍ରଶଂସା କରିବା ସହ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତରେ ବିକାଶ ପାଇଁ ଏକ ଅନନ୍ୟ ଆଭିମୁଖ୍ୟ ପରିକଳ୍ପନା କରିଥିଲେ। ଏହି ସେମିନାରରେ ଅର୍ଥନୈତିକ ସୁଯୋଗ, ଅନ୍ତର୍ଭୁକ୍ତ ବିକାଶ, ପ୍ରଯୁକ୍ତିବିଦ୍ୟା, ମାର୍କେଟିଂ, ଫାଇନାନ୍ସ, ସ୍ଥାୟୀତା, ଉଦ୍ଭାବନ ଏବଂ ଉଦ୍ୟୋଗଶୀଳତା ଭଳି ବିଭିନ୍ନ ବିଷୟ ଉପରେ ଅଧିବେଶନ ଅନୁଷ୍ଠିତ ହେବ । ଏହାବ୍ୟତୀତ ପେପର ଉପସ୍ଥାପନା ପାଇଁ ଦୁଇଟି ବୈଷୟିକ ଅଧିବେଶନ, ବିଶିଷ୍ଟ ବକ୍ତାମାନଙ୍କ ଦ୍ୱାରା ଛଅଟି ଅଧିବେଶନ ଏବଂ ସେମିନାରର ଉପ-ବିଷୟବସ୍ତୁ ଉପରେ ଏକ ପ୍ୟାନେଲ ଆଲୋଚନା ଅନୁଷ୍ଠିତ ହେବ । ଡ. ପ୍ରଶାନ୍ତ କୁମାର ବେହେରା ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଡ. ପଦ୍ମ ଚରଣ ମିଶ୍ର ବିଭାଗ ର ସମୀକ୍ଷା କରିଥିଲେ। ଡ. ସୁବାସ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ପ୍ରୀତିନନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡ. ସୀତାନାଥ ରାୟଗୁରୁ, ନୀତିନ କୁମାର ହୋତା ଓ ଶ୍ରୀନିବାସ ରାଓ କେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି ।

# କାଙ୍କଦିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୨ତମ ବାର୍ଷିକ ଉତ୍ସବ ଓ ମାତୃ ସମ୍ମିଳନୀ

କେନ୍ଦ୍ରାପଡ଼ା, ୨୮/୩ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କାଙ୍କଦିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୨ତମ ବାର୍ଷିକ ଉତ୍ସବ ଓ ମାତୃ ସମ୍ମିଳନୀ ମହାସମାରୋହରେ ପାଳିତ ହୋଇଯାଇଅଛି। ଉକ୍ତ ସଭାରେ ପରିଚାଳନା ପରିଷଦର ସଭାପତି ସୌମ୍ୟରଞ୍ଜନ ସ୍ୱାଇଁ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ରବୀନ୍ଦ୍ର କୁମାର ବଳ, ମୁଖ୍ୟବକ୍ତା ଭାବେ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ ଯୋଗଦେଇ ପିଲାମାନଙ୍କର ବିକାଶରେ ମା'ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଜଣେ ଭଲ ମଣିଷ ହେବାପାଇଁ ଅର୍ଥର ଆବଶ୍ୟକତା ନଥାଏ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ସମ୍ମାନିତ ଅତିଥିଭାବେ କେନ୍ଦ୍ରାପଡ଼ାର ସହ-ଜିଲ୍ଲା ପ୍ରମୁଖ ତଥା ଶିକ୍ଷାବିକାଶ ସମିତି ଓଡ଼ିଶାର ଦିନେଶ ଚନ୍ଦ୍ର ଦେବନାଥ ଯୋଗଦେଇ ଶିଶୁ ବିଦ୍ୟାମନ୍ଦିରର ବିଭିନ୍ନ ମାର୍ଗଦର୍ଶକ ଓ ନିୟମ ବିଷୟରେ ଦିକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ ସଭାରେ ବହୁ ଶିଶୁ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଭିନ୍ନ ଶ୍ରେଣୀର ପିଲାମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ବିଭିନ୍ନ ନାଚ ଓ ଗୀତରେ ଅତିଥି ଓ ଦର୍ଶକମାନଙ୍କୁ ଅଭିଭୂତ କରିଥିଲେ। ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଓ ଗୁରୁମାମାନଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଭା ସାଫଲ୍ୟ ମଣ୍ଡିତ ହୋଇଥିଲା। ଶେଷରେ ବିଦ୍ୟାମନ୍ଦିରର ପରିଚାଳନା ସମିତିର ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ ଏହି ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

## ମାସେ ଗଲାନି : ସାମାନ୍ୟ ପବନରେ ଉଡିଗଲା ଲକ୍ଷ୍ମୀ ବସଷ୍ଟାଣ୍ଡ ଫଳକ

ଚମ୍ପୁଆ, ୨୮/୩ (ନି.ପ୍ର): ଲୋକଙ୍କୁ ସରକାରୀ ଯୋଜନା ଭେଟି ଦେବା ଲକ୍ଷ ରଖିଥିବା ରାଜ୍ୟ ସରକାରଙ୍କ ଯୋଜନା ଗୁଡିକ ସବୁ ଫେଲ ମାରୁଥିବା ଦେଖିବାକୁ ମିଳିଛି। ସରକାର ଯୋଜନା ନାମରେ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ଠିକାଦାର ଓ ଅଧିକାରୀଙ୍କ ମଧୁ ଚନ୍ଦ୍ରିକା ପାଇଁ ନିମ୍ନ ମାନର କାମ ହୋଇ ଯୋଜନା ସବୁ ଫେଲ ମାରୁଥିବାରୁ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତ ଅନ୍ତର୍ଗତ ଚେଙ୍ଗଯୋଡ଼ା ଲକ୍ଷ୍ମୀ ବସଷ୍ଟାଣ୍ଡ ନିର୍ମାଣର ଏକ ମାସ ନ ପୁରୁଣୁ ସାଧାରଣ ପବନରେ ବସ ଷ୍ଟାଣ୍ଡ ଫଳକ ଭାଙ୍ଗି ଉଡି ଯାଇଥିବା ଦେଖିବାକୁ ମିଳି ଥିବାବେଳେ ସେହିପରି ଭଣ୍ଡା ଠାରେ ନିର୍ମିତ ହୋଇ ଥିବା ଲକ୍ଷ୍ମୀ ବସଷ୍ଟାଣ୍ଡ ଫଳକ ମଧ ସାମାନ୍ୟ ପବନରେ ଉଡିଯାଇଛି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଭିତିରି ବୁଝାମଣାରେ ନିମ୍ନମାନର କାମ କରି ଅନୁଦାନ ଟଙ୍କାକୁ ଚଳୁ କରିଥିବାରୁ ସାଧାରଣ ପବନରେ ବସଷ୍ଟାଣ୍ଡ ଫଳକ ସବୁ ଭାଙ୍ଗି ଉଡି ଯାଇଥିବା ଅଭିଯୋଗ ଆଣିବା ସହିତ ଏହା ଉପରେ ଉଚ୍ଚ କର୍ତୃପକ୍ଷ ବିଧିବଦ୍ଧ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ରେ ଦାବୀ ହେଉଛି।

# ସୁବିଧା ଆପ୍ ବ୍ୟବହାର ପାଇଁ ତାଲିମ

ମାଲକାନଗିରି, ୨୮/୩ (ନି.ପ୍ର): ଚଳିତ ସାଧାରଣ ନିର୍ବାଚନରେ ସୁବିଧା ଆପର ବ୍ୟବହାର କରାଯାଉଛି। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ନୋଡାଲ ଅଧିକାରୀଙ୍କୁ ଏହି ଆପ୍ ଏବଂ ଏନକୋର ପେରିମିଶନ ମଡ୍ୟୁଲ ବ୍ୟବହାର ନିମନ୍ତେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସଚିନ୍ ପାୱାରଙ୍କ ଅଧକ୍ଷତାରେ ସୁବିଧା ଆପ୍ ତାଲିମ ଆଜି ଅନୁଷ୍ଠିତ ହୋଇଥିଲା। ତାଲିମ ଶିବିରରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏହି ଆପ୍ ତଥା ଅନଲାଇନରେ ଆବେଦନ କରିପାରିବେ ବୋଲି କୁହାଯାଇଥିଲା। ଯାହା ଦ୍ୱାରା ନାମାଙ୍କନ ପତ୍ର, ଆଫିଡିପିଟ୍ ଓ ରାଲି ସଭା ସମିତି ଇତ୍ୟାଦି ପାଇଁ ଅନଲାଇନ ମାଧମରେ ଆବେଦନ କରିପାରିବେ। ଆବେଦନ କରିବାର ୪୮ ଘଂଟା ମଧରେ ପ୍ରମାଣପତ୍ର ପାଇ ପାରିବେ। ସେହିପରି ପ୍ରଚାର ପାଇଁ ଆବଶ୍ୟକ ଅନୁମତିର ତାଲିକା ଦେଖିବାର କ୍ଷମତା ଓ ସେମାନଙ୍କର ଅନୁମତି ପ୍ରୟୋଗର ସ୍ଥିତିକୁ ଟ୍ରାକ୍ କରିବାର କ୍ଷମତା, ଅନୁମତି ଫର୍ମ ଡାଉନଲୋଡ୍ କରି ଅନଲାଇନରେ ଦାଖଲ କରିବାର କ୍ଷମତା ପ୍ରାର୍ଥୀଙ୍କ ସଂପୂର୍ଣ୍ଣ ବିବରଣୀ ରହିଛି। ଜିଲ୍ଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଏଫଏଲସି ହୋଲ ଓ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ସୁବିଧା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ସେହିପରି ଉପସ୍ଥିତ ସମସ୍ତ ରାଜନୈତିକ ପ୍ରତିନିଧିଙ୍କୁ ସି ଭିଜିଲ ଆପ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିବା ପାଇଁ ଜିଲ୍ଲାପାଳ ନିବେଦନ କରିଛନ୍ତି। ଆଜିର ଏହି ତାଲିମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ,ସାଧାରଣ, ସୋମନାଥ ପ୍ରଧାନ, ଉପ ଜିଲ୍ଲାପାଳ, ଦୂର୍ଯ୍ୟଧନ ଭୋଇ ଓ ଅନ୍ୟାନ୍ୟ ନୋଡାଲ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ରାଜନୈତିକ ଦଳ ର ପ୍ରତିନିଧି ଭାବେ ବିଜେଡିରୁ ଦୂର୍ଯ୍ୟଧନ ମାଡକାମୀ, ବିଜେପିରୁ ସଞ୍ଜୟ ସରକାର, କଂଗ୍ରେସରୁ ଜି ଶ୍ରୀନିବାସ ରାଓ ଓ ପର୍ଶୁରାମ ଭକ୍ତ, ବିଏସପିରୁ କୁମାର ଜାଲିଆ ଉପସ୍ଥିତ ଥିଲେ।

# କ୍ଷତି ପୂରଣ ଦାବିରେ ଶବ ରଖି ରାସ୍ତା ଅବରୋଧ: ଥାନା ଘେରାଉ

ଜୟପୁର, ୨୮/୩ (ନି.ପ୍ର): ଜୟପୁର ଅଟୋ ଚାଳକ ସଂଘ ସମ୍ପାଦକ ନାରାୟଣ ରଥଙ୍କ ମୃତ୍ୟୁକୁ ନେଇ ଜୟପୁର ଅଟୋ ଚାଳକ ସଂଘ ତରଫରୁ ଆଜି ଜୟପୁର ଟାଉନ ଥାନା ଘେରାଉ କରିବା ସହ ମୃତ ଦେହ ରଖି ଜାତୀୟ ରାଜପଥ ୨୬କୁ ଅବରୋଧ କରିଛନ୍ତି । ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୁରଣ ସହ ସଂପୃକ୍ତ ଘରୋଇ ବସ ମାଲିକଙ୍କ ବିରୋଧରେ କାଯ୍ୟାନୁଷ୍ଠାନ ପାଇ ଦାବି କରିଛନ୍ତି । ଜୟପୁର ଅଟୋ ଚାଳକ ସଂଘ ତରଫରୁ ଟାଉନ ଥାନା ଘେରାଉ, ଜାତୀୟ ରାଜପଥ ଅବରୋଧ କରିଛନ୍ତି । ଏହା ସହ ଜୟପୁର ଟାଉନ ଥାନା ଅଧିକାରିଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ବସ ଚାଳକ ମାନେ ମଦ୍ୟପାନ କରି ମନମୁଖୀ ଗାଡି ଚଳା ଚଳ କରି ନିରୀହ ଯାତ୍ରୀ ଙ୍କ ପ୍ରାଣ ହାନିର ତଦନ୍ତ କରିବାକୁ ଦାବି କରାଯାଇଛି । ଖମ୍ବେସ୍ୱରି ବସ କୋରାପୁଟ ପଡାଗଡରେ ଦୁର୍ଘଟଣାରେ ଜୟପୁର ଜୟନଗର ଚିଲିଗୁଡାରେ ରହୁଥିବା ନାରାୟଣ ରଥ ଙ୍କ ମୃତ୍ୟୁ ହୋଇଛି । ମୃତ ରଥ ଅଟୋ ଚାଳକ ସଂଘର ସମ୍ପାଦକ ଥିଲେ । ବସ ମାଲିକଙ୍କ ବେପାରୁଆ ମନବୃତି ଏବଂ ବସ ଚାଳକ ମଦ୍ୟପ ଥିବାରୁ ନିରୀହ ଯାତ୍ରୀଙ୍କ ପ୍ରାଣହାନୀ ହୋଇଛି । ସମସ୍ତ ବସ ଚାଳକ ମାନଙ୍କୁ ଏବଂ ମାଲିକ ମାନଙ୍କୁ ଉପ ଯୁକ୍ତ ଦଣ୍ଡ ବିଧାନ ସହ ମୃତ ନାରାୟଣ ରଥକୁ ନ୍ୟାୟ ଦେବାକୁ ଦାବି କରିଛନ୍ତି ।

# ବିଭିନ୍ନ କୃଷି ସମବାୟ ସମିତିରେ କୃଷି ଋଣ ଆଦାୟ ମେଳା

କେନ୍ଦ୍ରାପଡ଼ା, ୨୮/୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଂଚଳରେ ଥିବା କୃଷି ସମବାୟ ସମତିରେ କୃଷି ଋଣ ଆଦାୟ ମେଳା ଅନୁଷ୍ଠିତ ହୋଇଯାଇଛି । ବଗଡା କୃଷି ସମବାୟ ସମିତିର ସଭାପତି ଇଂ ଅକ୍ଷୟ କୁମାର ପାଣିଙ୍କ ଅଧକ୍ଷତାରେ ଆୟୋଜିତ ଏହି ଋଣ ମେଳାରେ ୯୪ ଚାଷୀଙ୍କ ଠାରୁ ୧୧.୭୫ ଲକ୍ଷ ଟଙ୍କା ଋଣ ବାବଦକୁ ଅଦାୟ କରିଥିବା ଜଣାପଡିଛି । କାର୍ଯ୍ୟକ୍ରମରେ ସଂପାଦକ କାଳନ୍ଦୀ ଚରଣ ବିଶ୍ୱାଳ, ସହ ସଂପାଦକ ଦୟାନିଧି ଜେନା, ସଂଘମିତ୍ରା ସ୍ୱାଇଁଙ୍କ ସମେତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ । ସେହିପରି ଭରତପୁର ସମିତିର ସଭାପତି ବସନ୍ତ କୁମାର ରାଉଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଋଣ ଆଦାୟ ମେଳାର କଟକ ସିସିସିବି ର ସଂପାଦକ ସୁବୋଧ କୁମାର ଲେଙ୍କା ଉପସ୍ଥିତ ରହି ୫୭୮ ଜଣଙ୍କ ଚାଷୀଙ୍କ ଠାରୁ ୩୦ ଲକ୍ଷ ଟଙ୍କା ଆଦାୟ କରିଥିବା ଜଣାପଡିଛି । ସେହିପରି ଓସ୍ତପୁର ସମତିରେ ସଭାପତି ପ୍ରଦ୍ୟୁମ୍ନ କୁମାର ଜେନଙ୍କ ତତ୍ତ୍ୱାବଧାନ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂପାଦକ ପ୍ରେମାଞ୍ଜନ ସାହୁ, ଉପ ସଭାପତି କନକଲତା ସ୍ୱାଇଁ, ୩୪୦ ଜଣ ଚାଷୀଙ୍କ ଠାରୁ ଋଣ ବାବଦକୁ ୧୪ ଲକ୍ଷ ୨୨ ହଜାର ଟଙ୍କା ଆଦାୟ କରିଛନ୍ତି । ସେହିପରି ବାରୁଅ ସମବାୟ ସମିତିରେ ସଭାପତି ନାରାୟଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଋଣ ମେଳାରେ ସଂପାଦକ ଶ୍ରୀହର୍ଷ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ୮୦୦ ଚାଷୀଙ୍କ ଠାରୁ ୩୨ ଲକ୍ଷ ଟଙ୍କା ଋଣ ବାବଦକୁ ଅଦାୟ କରିଥିବା ଜଣାପଡିଛି ।

# କେମ୍ ତରଫରୁ ରାଗ ଫଗୁଣ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୨୮/୩ (ନି.ପ୍ର): କେନ୍ଦ୍ରାପଡ଼ାର ଅଗ୍ରଣୀ କଳା, ସାହିତ୍ୟ, ବୌଦ୍ଧିକ ବିକାଶ ଅନୁଷ୍ଠାନ(କେମ୍) ତରଫରୁ ହୋଲି ଉତ୍ସବ ଉପଲକ୍ଷେ ଶବ୍ଦ ସ୍ୱର ଓ ରଙ୍ଗର କକଲେଟ୍ 'ରାଗ ଫଗୁଣ' ଅନୁଷ୍ଠିତ ହୋଇଯାଇଛି। କେମ୍‌ର ମୁଖ୍ୟ ଉପଦେଷ୍ଟା କଥାକାର ଡକ୍ଟର ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଥମେ ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ରାଉତରାୟ ପାରମ୍ଭିକ ସୂଚନା ଦେବା ସହ ସାହିତ୍ୟ ଓ ହୋଲି ସମ୍ପର୍କରେ ବହୁ ତଥ୍ୟଭିତିକ ତୁଳନାତ୍ମକ ଆଲୋଚନା କରିଥିଲେ। ବିଶିଷ୍ଟ କବି ଅନ୍ନପୂର୍ଣ୍ଣା ମହାନ୍ତି କହିଲେ ହୋଲି ହେଉଛି, ଏକ ଭାଇଚାରାର ପର୍ବ ଏହା ସମସ୍ତଙ୍କୁ ସ୍ନେହ, ପ୍ରେମ ଓ ସମ୍ପର୍କର ଡୋରରେ ବାନ୍ଧି ଦେଇଥାଏ। ଏହା କେବଳ ସମ୍ପର୍କ ଯୋଡ଼େ ନାହିଁ, ଦୀର୍ଘଦିନର ତୁଟିଥିବା ସମ୍ପର୍କକୁ ବି ପୁନର୍ଜୀବିତ କରିଥାଏ। ଗାଳ୍ପିକ ବଂଶୀଧର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ରଙ୍ଗିନ୍ ଆସରରେ ବହୁତ୍ କବି କବୟିତ୍ରୀ ହୋଲି ସମ୍ବନ୍ଧୀୟ କବିତା ଓ ଗଳ୍ପ ପାଠ କରିଥିଲେ। ବଂଶୀଧର ମହାନ୍ତିଙ୍କ ଗଳ୍ପ 'ଅଶୁଭ ଫଗୁଣ', ସ୍ୱପ୍ନାଂଶୁ କୁମାର ଦାସଙ୍କ ଗଳ୍ପ 'ସେଦିନୁ ଖେଳିନି ହୋଲି' ସମସ୍ତଙ୍କ ହୃଦୟକୁ ସ୍ପର୍ଶ କରିଥିଲା। କବୟିତ୍ରୀ ଗୋଲାପ ରାଉତ, ଅଶୋକ କୁମାର ସାହୁ, ଶ୍ରୀଧର କୁମାର ମହାନ୍ତି, ମନୋରଞ୍ଜନ ତ୍ରିପାଠୀ, ରଜନୀ କାନ୍ତ ଦାସ, ରଞ୍ଜନ ବାଇ, ନୃସିଂହ ଚରଣ ତ୍ରିପାଠୀ, ବିପିନ କୁମାର ମଲ୍ଲ, ଶ୍ରୀଧର କୁମାର ଭୋଳ ପ୍ରମୁଖ କବିତା ପାଠ କରିଥିଲେ। କେମ୍‌ର ସମ୍ପାଦକ ମହମ୍ମଦ ଯାହିଦ ଖାଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇନଜୀବୀ ଶେଷଦେବ ଦାସ, କେମ୍ ଓ ପୁନର୍ବାସ କର୍ମକର୍ତାମାନେ ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ଶୁକ୍ରବାର, ୨୯ ମାର୍ଚ୍ଚ ୨୦୨୩

# ନିଅନ୍ତୁ ଖାସ୍ ଯତ୍ନ



ସମାଜ ପୂର୍ବାପେକ୍ଷା ବହୁତ ବଦଳିଛି ଏକ କଥା ସତ। କିନ୍ତୁ ଏବେ ବି ବଦଳି ନାହିଁ ଆମର ମାନସିକତା। ସେକ୍ସ ଓ ଯୌନାଙ୍ଗକୁ ନେଇ ସର୍ବାସାଧାରଣ ସ୍ଥାନରେ ଚର୍ଚ୍ଚା ହେଲେ ଆମକୁ ଲାଜ ଲାଗେ। ଅବଶ୍ୟ ଲାଜ କରିବା ଭୁଲ ନୁହେଁ, ମାତ୍ର ମହିଳାଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ ହେବା ଜରୁରୀ। ମହିଳାମାନେ ବାହ୍ୟ ସୌନ୍ଦର୍ଯ୍ୟର ବେଶ୍ ଯତ୍ନ ନେଇଥାନ୍ତି। କିନ୍ତୁ ଯୌନାଙ୍ଗରେ ସ୍ୱଚ୍ଛତା ପ୍ରତି ସେତେଟା ଯତ୍ନବାନ ହୁଅନ୍ତି ନାହିଁ। ଏହା ବ୍ୟତୀତ ମହିଳାମାନେ ନିଜକୁ ପାରିବାରିକ ଏବଂ ବୃତ୍ତିଗତ ଜୀବନରେ ବ୍ୟସ୍ତ ରଖୁଥିବା ବେଳେ ଶରୀରର ଉପଯୁକ୍ତ ଯତ୍ନ ନେଇପାରନ୍ତି ନାହିଁ। ଫଳରେ ଯୌନାଙ୍ଗରେ ବିଭିନ୍ନ ସଂକ୍ରମଣ ଦେଖାଯିବା ସହ ସର୍ଭିକାଲ କ୍ୟାନସର ହେବାର ସମ୍ଭାବନା ରହିଛି।

- ଅନେକ ସମୟରେ ମହିଳାମାନଙ୍କ ଯୌନାଙ୍ଗ କୁଣ୍ଡାଇ ହୁଏ। ଏଥିପାଇଁ ମହିଳାମାନେ ଅନେକ ଅପ୍ରୀତିକର ପରିସ୍ଥିତିରେ ସମ୍ମୁଖୀନ ହୁଅନ୍ତି। ଜୀବାଣୁ ଜନିତ ସଂକ୍ରମଣ, ମାସିକ ଋତୁସ୍ରାବ ବନ୍ଦ ହେବା ସମୟରେ ହରମୋନ ପରିବର୍ତ୍ତନ, ଯୌନାଙ୍ଗ ନିକଟ ଓଦା ରହିବା ଅଥବା ଓଦା ପୋଷାକ କାରଣରୁ ଏହା ହୋଇଥାଏ।

- ଯୌନାଙ୍ଗ ସଫା କରିବା ପାଇଁ ସାଧାରଣ ସାବୁନ୍ ବା କୌଣସି କ୍ଲିନଜର ବ୍ୟବହାର କରନ୍ତୁ ନାହିଁ। ଏହାଦ୍ୱାରା ଭଲ ବ୍ୟାକ୍ଟେରିଆ ନଷ୍ଟ ହେବା ସହ ସଂକ୍ରମଣ ଆଶଙ୍କା ବଢ଼ିଥାଏ। ପିଏଚଯୁକ୍ତ ଲୋସନ ଯେପରିକି 'ଭି ୱାସ' ଭଳି ଉତ୍ପାଦ ବ୍ୟବହାର କଲେ ସଂକ୍ରମଣ କମ୍ ହୁଏ। ସାବୁନରେ ଏକ ପିଏଚ ଫ୍ୟାକ୍ଟର ୫.୫ରହିଛି ଯାହା ଚର୍ମ ପିଏଚ ଫାକ୍ଟର ସହ ସମାନ। ଯୌନାଙ୍ଗ ଚର୍ମ ଅତ୍ୟନ୍ତ ସମ୍ବେଦନଶୀଳ, ତେଣୁ ସେ କ୍ଷେତ୍ରରେ ପିଏଚ୍ ସ୍ତର ୩.୮ରୁ ୪.୫ ପର୍ଯ୍ୟନ୍ତ ରହିଥାଏ। ସର୍ବଦା ଯୌନାଙ୍ଗ ପିଏଚ ସ୍ତର ଠିକ୍ ରଖନ୍ତୁ।

- ଯୌନାଙ୍ଗକୁ ସର୍ବଦା ଶୁଖିଲା ଏବଂ ସଫା ରଖନ୍ତୁ। ଗାଧୋଇବା କିମ୍ବା ଶୌଚାଳୟରୁ ଆସିବା ପରେ ଉକ୍ତ ସ୍ଥାନକୁ ଶୁଖିଲା ସୂତା କପଡ଼ା ଅଥବା ଟିସୁରେ ଭଲ ଭାବେ ପୋଛି ଟାଲକମ ପାଉଡ଼ର ବ୍ୟବହାର କରନ୍ତୁ।

- ଟାଇଟ ଅନ୍ତବସ୍ତ୍ର ପିନ୍ଧିବା ଦ୍ୱାରା ବେଳେବେଳେ ଏହି ସ୍ଥାନ କୁଣ୍ଡାଇ ହୋଇଥାଏ।

- ଋତୁସ୍ରାବ ସମୟରେ ବ୍ୟବହାର କରୁଥିବା ନାପକିନକୁ ୫ରୁ ୭ ଘଣ୍ଟା ମଧ୍ୟରେ ପରିବର୍ତ୍ତନ କରନ୍ତୁ। କାରଣ ଏହା ଅଧିକ ସମୟ ରହିଲେ ସଂକ୍ରମଣ ଆଶଙ୍କା ଥାଏ।

- ମହିଳାମାନେ ସହବାସ ପରେ ଯୌନାଙ୍ଗକୁ ପରିଷ୍କାର କରିବା ଏକାନ୍ତ ଆବଶ୍ୟକ। ନିୟମିତ ପ୍ରଚୁର ପରିମାଣରେ ପାଣି ପିଇଲେ ଏହା ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ସହ ସଂକ୍ରମଣରୁ ଦୂରେଇ ରଖିଥାଏ। ଯୌନାଙ୍ଗ ସଂକ୍ରମଣ ହେବା ଦ୍ୱାରା ସର୍ଭିକାଲ କର୍କଟ ହେବାର ଭୟ ରହିଛି। ତେଣୁ ଯଥା ସମ୍ଭବ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଅନ୍ତୁ।

# ନେକ୍‌ଲେସ୍ ଫ୍ୟାଶନ



**ରିଙ୍ଗ ଲୁକ୍ ନେକ୍‌ଲେସ୍:-**
ଏହି ନେକ୍‌ଲେସ୍କୁ ୱେଷ୍ଟନ ଏବଂ ଇଣ୍ଡିଆନ ଉଭୟ ଡ୍ରେସ୍ ସହ ପିନ୍ଧିପାରିବେ । ଏହା ଖୁବ୍ ହାଲକା । ପିନ୍ଧିଲେ କମ୍ଫର୍ଟେବୁଲ ଓ ଷ୍ଟାଇଲିଶ ଲାଗିଥାଏ ।

**ଚୋକର ନେକଲେସ୍:-**



ବେକର ଗୋଲେଇ ସହ ସମାନ ଅବା ଟିକେ ଲମ୍ବା ଆକାରର ହୋଇଥାଏ ଏହି ନେକ୍‌ଲେସ୍ । କାର୍ପେଟରେ ଭେଲଭେଟ୍, ପ୍ଲାଷ୍ଟିକ୍, ଚମଡ଼ା, ସିଲଭର, ଗୋଲଡ ଓ ପ୍ଲାଟିନମ୍ ଆଦି ମ୍ୟାଟେରିଆଲର ଏହି ନେକ୍‌ଲେସ୍ ମିଳୁଛି । ଏହା ଉଭୟ ସାଂସ୍କୃତିକ ଏବଂ ଷ୍ଟାଇଲିଶ ଲୁକ୍ ଦେଇଥାଏ। ଏହାକୁ ଆପଣ ଗାଉନ୍, ଲେହେଙ୍ଗା, ଶାଢ଼ି ଏବଂ ଲଙ୍ଗ କୁର୍ତ୍ତି ସହ ପିନ୍ଧିପାରିବେ ।



**ଷ୍ଟଡ୍ସ ନେକଲେସ୍:-**
ଏହି ନେକଲେସ୍‌କୁ ଆପଣ ୱେଷ୍ଟର୍ନ ଡ୍ରେସ ସହ ପିନ୍ଧିପାରିବେ ।

**ମେଟଲ ନେକଲେସ୍:-**
ମେଟଲ ନେକଲେସକୁ ଆପଣ ୱେଷ୍ଟର୍ନ ଏବଂ ଇଣ୍ଡିଆନ ଉଭୟ ଡ୍ରେସ୍ ସହ ପିନ୍ଧିପାରିବେ । ଆପଣ ଚାହିଁଲେ ଏହାକୁ ଡ୍ରେସ୍ ସହ ପିନ୍ଧି ଅଫିସ୍ ମଧ୍ୟ ଯାଇପାରିବେ ।

# ସୁଖୀ ଦାମ୍ପତ୍ୟ ପାଇଁ ଆପଣାନ୍ତୁ ଏହି ୫ଟି କଥା



ଦାମ୍ପତ୍ୟ ଜୀବନର ଦେବତା ହେଉଛନ୍ତି ଶିବ । ଝିଅମାନେ ଭଲ ବର ପାଇବା ପାଇଁ ତ ସ୍ତ୍ରୀମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଦେବେବ ମହାଦେବଙ୍କର ଉପାସନା କରିଥାନ୍ତି । ୧୨ମାସ ଭିତରୁ ଶ୍ରାବଣ ମାସ ଶିବଙ୍କର ସବୁଠାରୁ ପ୍ରିୟମାସ ଭାବରେ ଜଣାଯାଏ । କାରଣ ଏହି ମାସରେ ପ୍ରଭୁ ଶିବ ପାବର୍ତୀ ମାଙ୍କୁ ବିବାହ କରିଥିଲେ । ତେବେ ଏହି ଶ୍ରାବଣ ମାସରେ ପ୍ରତ୍ୟେକ ଦମ୍ପତୀଙ୍କୁ ସୁଖୀଦାମ୍ପତ୍ୟ ଜୀବନ ପାଇଁ ଭଗବାନ ଶିବଙ୍କ ଠାରୁ ଏହି ୫ଟି କଥା ଶିଖିବା ଦରକାର ।

**ସମାନତାର ଅଧିକାର:-** ଭଗବରନ ଶିବଙ୍କୁ ଅର୍ଦ୍ଧନାରୀଶ୍ୱର ବୋଲି କୁହାଯାଏ । କାରଣ ଶିବଙ୍କ ପ୍ରତିମୂର୍ତ୍ତିରେ ଭଗବାନ ଅଧା ନାରୀ ଓ ଅଧା ପୁରୁଷ ସ୍ୱରୂପ ରେ ଦେଖାଯାନ୍ତି । ଏହି ସ୍ୱରୂପ ମାଧ୍ୟମରେ ଭଗବାନ ଶିବ ସବୁ ବିବାହିତ ଯୋଡ଼ିଙ୍କୁ କହିବାକୁ ଚାହଁଛନ୍ତି କି ସ୍ୱାମୀ ସ୍ତ୍ରୀ ଶରୀରିକ ରୂପେ ଭିନ୍ନ ଭିନ୍ନ ହେଲେ ମଧ୍ୟ ସେମାନେ ମନ ଭିତରେ ଏକ ବା ଅଭିନ୍ନ ।

**ଭଲପାଇବା:-** ଶିବଙ୍କ ବେକରେ ସାପ ଥାଇ ମଧ୍ୟ ପାର୍ବତୀ ତାଙ୍କୁ ବିବାହ କରିଥିଲେ ଏଥିରୁ ଜଣାଯାଇଛି ସୁଖୀ ଦାମ୍ପତ୍ୟ ପାଇଁ ସୁନ୍ଦରତା କୌଣସି ପ୍ରକାରେ ମାନେ ରଖେନାହିଁ । ସୁଖୀ ଦାମ୍ପତ୍ୟ ପାଇଁ କେବଳ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଭଲପାଇବା ଓ ସମର୍ପଣଭାବର ହିଁ ଆବଶ୍ୟକତା ଥାଏ।

**ଶଚୋଟପର୍ଣ୍ଣ ଆ:-** ଯେତେବେଳେ ଶିବଙ୍କର ଅପମାନରେ ମାଁ ପାର୍ବତୀ ଶତୀ ହୋଇଯାଇଥିଲେ ସେହି ସମୟରେ ଶିବ ନିଜର ତାଣ୍ଡବ ରୂପ ଧାରଣ କରି ସଂସାର ଧ୍ୱଂସ କରିବାକୁ ବସିଥିଲେ । ପରେ ଦେବତାମାନଙ୍କ ଅନୁରୋଧ କ୍ରମେ ଶିବ ଶାନ୍ତ ହୋଇଥିଲେ ଏଥିରୁ ଯଣା ଯାଉଛି କି ଶିବଙ୍କର ପାର୍ବତୀଙ୍କ ପ୍ରତିଥିବା ଅଗାଧ ପ୍ରେମ ଓ ପ୍ରେମରେ ଥିବା ସଚ୍ଚୋଟ ପଣିଆ।

**ଜଣେ ଭଲ ମୁଖିଆ:-** ପରିବାରର ମୁଖ୍ୟଲେଶକ ଯେପରି ପରିବାରର ସମସ୍ତ ଦାଯୀତ୍ୱ ସୁଚାରୁ ରୂପେ ତୁଲେଇଥାନ୍ତି । ଭଗବାନ ଶିବ ନିଜ ପରିବାରକୁ ସଠିକ ଭାବେ ଚଳାଇଥାନ୍ତି । ଭଗବାନ ଶିବଙ୍କ ବାହନ ଓ ମାଁ ପାର୍ବତୀଙ୍କ ବାହନ ମଧ୍ୟରେ ଶତ୍ରୁତାର ସମ୍ପର୍କ ଥିଲେ ମଧ୍ୟ ସେମାନେ କେବେ ଯାକୁ ନେଇ ମତଭେଦର ଶୀକାର ହୋଇନାହାନ୍ତି । ଦାମ୍ପତ୍ୟ ଜୀବନର ବିଶମ ପରିସ୍ଥିତରେ ଶିବ ସବୁବେଳେ ପରିବାରକୁ ସାଥିରେ ନେଇ ଯାଇଥାନ୍ତି ।

# ମୁଖରୁ କଳା ଦାଗ ଦୂର କରିବା ପାଇଁ



ମୁହଁରେ ବ୍ରଣହେବା ମହିଳାମାନଙ୍କ ପାଇଁ ଏକ ମୁଖ୍ୟ ସମସ୍ୟା । କିନ୍ତୁ ଏହି ବ୍ରଣ ଝାଡ଼ିଦେଇ ଯାଇଥିବା କଳାଦାଗ ବ୍ରଣଠାରୁ ମଧ ବଡ଼ ସମସ୍ୟା । ଏହି ସମସ୍ୟାକୁ ଦୂର କରିବା ପାଇଁ ମହିଳାମାନେ ଅନେକ ପ୍ରକାର କସମେଟିକ୍ ଏବଂ ଘରୋଇ ଉପଚାରକୁ ଆପଣାଇଥାନ୍ତି । ହେଲେ ଆଶାତୀତ ଫଳ ପାଇନଥାନ୍ତି । ଏବେ ଏହି କଳାଦାଗର ସମସ୍ୟାକୁ କରନ୍ତୁ ଦୂର । ଦୁଇଟି ଆଳୁକୁ ଭଲଭାବରେ ଗ୍ରାଇଣ୍ଡିଙ୍ଗ କରନ୍ତୁ ଏବପଂ ଏଥିରେ ଗୋଲାପ ଜଳ, ଲେମ୍ବୁ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଫ୍ରିଜର ଆଇସ୍ ବକ୍ସକୁ ଆଣି ଏହି ମିଶ୍ରଣକୁ ଢ଼ାଳନ୍ତୁ ।ଏବଂ ପ୍ରତିଦିନ ଏହି ବରଫକୁ ମୁହଁରେ ଶୋଇବା ପୂର୍ବରୁ ବା ସକାଳେ ଉଠିବାପୂର୍ବରୁ ଭଲ ଭାବରେ ଘସି ୧୦ମିନିଟ ପାଇଁ ଛାଡ଼ି ମୁହଁ ଧୋଇଦିଅନ୍ତୁ । ପ୍ରତି ଦୁଇଦିନ ବ୍ୟବଧାନରେ ଏପରି କରନ୍ତୁ ଦେଖିବେ ଆପଣଙ୍କ କଳାଦାଗ ଧିରେଧିରେ ଦୂର ହେବାକୁ ଲାଗିବ ।

# କଫି ପିଅନ୍ତୁ: ଦୀର୍ଘାୟୁ ହେବେ



ଆପଣ ଦୀର୍ଘାୟୁ ହେବାକୁ ଚାହାଁନ୍ତି କି ? ତେବେ କଫିକୁ କରନ୍ତୁ ନିଜର। ଏକ ଅଧ୍ୟୟନୁ ଜଣାପଡ଼ିଛି କଫି ବ୍ୟବହାର ଯୋଗୁଁ କିଡନୀ ରୋଗାଗ୍ରସ୍ତ ଥିବା ବ୍ୟକ୍ତିର ଜୀବନକାଳ ମଧ୍ୟ ବଢ଼ିପାରିବ। ଯେଉଁ ବ୍ୟକ୍ତି ଯେତେ କଫି ପିଅନ୍ତି ସେମାନଙ୍କ ସହରସ୍ଥିତ ସେଣ୍ଟ୍ରୋ ହସ୍ପିଟାଲର ଜଣେ ବିଶେଷଜ୍ଞଙ୍କ ମତ ଅନୁସାରେ ଜଣାପଡ଼ିଛି ଯେ, କିଡନୀ ରୋଗାକ୍ରାନ୍ତ ବ୍ୟକ୍ତି ଅଧିକ ମଧ୍ୟରେ ମୃତ୍ୟୁର ଆଶଙ୍କା ୨୪ ପ୍ରତିଶତ କମ ହୋଇଯାଏ। ମାତ୍ର ଅଳ୍ପ ମାତ୍ରାରେ କଫି ପପିଉଥିବା ବ୍ୟକ୍ତିଙ୍କ ମଧ୍ୟରେ ଏହା ୧୨ ପ୍ରତିଶତ କମ୍ ଦେଖାଯାଇଥାଏ। ପର୍ତ୍ତୁଗାଲ ମାତ୍ରାରେ କଫି ପିଇବା ଉଚିତ। ଏହାଦ୍ୱାରା ମୃତ୍ୟୁ ଆଶଙ୍କା ଦୂରହୁଏ। ଏହା ଏକ ସରଳ ଏବଂ ଶସ୍ତା ବିକଳ୍ପ ରୂପେ ପ୍ରମାଣିତ ହୋଇଛି। ଗବେଷକ ସିକେଡ଼ି ରୋଗରେ ଆକ୍ରାନ୍ତ ୨୩୨୮ ରୋଗୀଙ୍କୁ ନେଇ ଅଧ୍ୟୟନ କରିଥିଲେ। ଏହି ଗବେଷଣାକୁ ନ୍ୟୁ ଏରାଲେନ୍ସରେ ହେଉଥିବା ଏଏସଏନ କିଡନୀ ସପ୍ତାହରେ ପ୍ରଦର୍ଶନ କରାଯିବ। ଗୋଟେ କପ କଫି ପିଇବା ଦ୍ୱାରା ଆଖିକୁ ଭଲ ଲାଭ ମିଳିଥାଏ। ଆମେରିକାନ କେମିକାଲ ସୋସାଇଟି ତଥ୍ୟ ଅନୁସାରେ, କଫି ପିଇବା ଦ୍ୱାରା ମଧୁମେହ ରୋଗରୁ ମଧ୍ୟ କିଛି ମାତ୍ରାର ଉପଶମ ମିଳିଥାଏ।

# ଯୁବପିଢ଼ିଙ୍କ ନୂଆ ପାଠ୍ୟକ୍ରମ: ମେସିନ୍ ଲର୍ଣ୍ଣିଙ୍ଗ୍




ଇଉରୋପୀୟ ଓ ଆମେରିକୀୟ ରାଷ୍ଟ୍ରରେ ଫାଷ୍ଟ ଫୁଡ୍ ଦୋକାନ ସପିମଲ ଓ କେତେକ ଚିକିତ୍ସାଳୟରେ ଆଜିକାଲି ଯନ୍ତ୍ରଚଳିତ ମାନବ ତଥା ରୋବଟ୍ ହିଁ ସ୍ୱାଗତ କରୁଥିବାର ଦେଖାଯାଉଛି । ଲୋକେ ଏଇ ନୂତନ ରୋବଟ୍ ସେବାକୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ଏସବୁ ସହ ଆଗେଇବାକୁ ମଧ ପ୍ରସ୍ତୁତ ହେଲେଣି । ଜାପାନର ଏକ ନାମୀ ହୋଟେଲ ୩ବର୍ଷ ତଳେ ହିଁ ୨୦ଟି ରୋବଟ୍‌ଙ୍କୁ କର୍ମଚାରୀ ଭାବେ ନିଯୁକ୍ତି ଦେଇଥିବାର ପ୍ରକାଶ । ହୋଟେଲର ମ୍ୟାନେଜରଙ୍କ ମତରେ ଅନେକ କାମ ସୁରୁଖୁରରେ ହେବା ସହ ଏକ ନିର୍ଦ୍ଦିଷ୍ଟ ସମୟରେ କାମ ସାରିବାକୁ ନେଇ ବ୍ୟତିବ୍ୟସ୍ତ ହେବାର ନାହିଁ । ବିଭିନ୍ନ କମ୍ପାନୀ ଓ କେତକ ବ୍ୟାଙ୍କରେ ରୋବେଟ୍ ଓ ଚ୍ୟାଟବୋଟ୍ ହିଁ ଗ୍ରହକଙ୍କ ଅଧିକାଂଶ ସମସ୍ୟାର ସମାଧାନ କରୁଥିବାର ଦେଖାଯାଉଛି । ବିଶେଷଜ୍ଞଙ୍କ ଦଳଙ୍କ ମତରେ ୨୦୨୦ ସୁଦ୍ଧା ଏହି ଯନ୍ତ୍ରଚଳିତ ମାନବର ଲୋକପ୍ରିୟତା ଶୀର୍ଷରେ ପହଞ୍ଚିବ ବୋଲି ଅନୁମାନ ରହିଛି। ଏଣୁ ଏହି ରୋବଟ୍ ନିର୍ମାଣ କ୍ଷେତ୍ରରେ ଯୁବପିଢ଼ିଙ୍କ ଅବଦାନ ଆବଶ୍ୟକ ହେଲାଣି । ମେସିନ୍ ଲର୍ଣ୍ଣିଙ୍ଗ ପାଠ୍ୟକ୍ରମ ବୀଉିୟ ହେଲେ ହେଁ ଚାକିରୀର ବ୍ୟାପକ ସୁଯୋଗ ଥିବାର ବିଶେଷଜ୍ଞଙ୍କ ମତ ୩ବର୍ଷର ଅନୁଧାନରୁ ଜଣାପଡ଼ିଛି ଯେ ମେସିନ୍ ଲର୍ଣ୍ଣିଙ୍ଗ କ୍ଷେତ୍ରରେ ୩୫ଲକ୍ଷ ନୂତନ ସୁଯୋଗ ବାହାରିଛି । ୨-୪ ବର୍ଷର ଅଭିଜ୍ଞତା ଥିଲେ ଏହି କ୍ଷେତ୍ରରେ ୨୦ଲକ୍ଷ ପ୍ୟାକେଜ ମିଳିଥାଏ ବୋଲି ପ୍ରକାଶ ।

# ୫୭ଲକ୍ଷ ବର୍ଷ ପୁରୁଣା ପାଦ ଚିହ୍ନ

ଜୀବ ଜଗତର ଉତ୍ପତ୍ତି ନେଇ ଗବେଷକମାନେ ନିରନ୍ତର ଗବେଷଣା ଚଳାଇଛନ୍ତି। ବିଶେଷ କରି ମାନବଜାତିର ବିକାଶକୁ ନେଇ ସେପରି କିଛି ଠୋସ୍ ପ୍ରମାଣ ମିଳିପାରୁ ନାହିଁ, ଯାହାକୁ ସମସ୍ତେ ବିଶ୍ୱାସ କରିପାରିବେ। ଏହି ଧାରାରେ ଗବେଷକମାନେ ଗ୍ରୀସ୍‌ର ଏକ ଦୀପରୁ ଯେଉଁ ସନ୍ଧାନ ପାଇଛନ୍ତି ତାହା ଗବେଷଣାର ଧାରାକୁ ଆହୁରି ଆଗକୁ ନେବ ବୋଲି କୁହାଯାଉଛି।

ଏଠାକାର ଭୂତତ୍ୱବିତମାନେ ଗ୍ରୀସ୍‌ର ୱେଷ୍ଟର୍ଣ୍ଣ କ୍ରେଟ୍‌ର ଦୀପରୁ ପାଇଛନ୍ତି ଏକ ମାନବ ପଦଚିହ୍ନ। ଏହା ୫୭ଲକ୍ଷ ବର୍ଷ ପୁରୁଣା ବୋଲି କୁହାଯାଉଛି। ପୂର୍ବରୁ ଆଫ୍ରିକାରେ ମିଳିଥିବା ପଦଚିହ୍ନ ଠାରୁ ଏହା ଆହୁରି ପୁରୁଣା। ପାଦରେ ଆକାର ସହ ଆଙ୍ଗୁଠି ଏବଂ ଆଙ୍ଗୁଠିର ଗୋଲେଇ ଏହି ଚିହ୍ନରୁ ସ୍ପଷ୍ଟ ଜଣାପଡୁଛି। ଏହି ମଣିଷର ପଦଚିହ୍ନ ବୋଲି ସ୍ପଷ୍ଟ ହେବାପରେ ଗବେଷକମାନେ ଏହି ଧାରାରେ ଆହୁରି ଆଗକୁ ଯିବାକୁ ବାଟ ପାଇଛନ୍ତି।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୯ ମାର୍ଚ୍ଚ ୨୦୨୪, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସୀମାପାର ଆକ୍ରମଣ...

ଅକ୍ଟୋବର ୭ ତାରିଖରେ ହମାସ୍‌ର ସୀମାପାର ଆକ୍ରମଣ ଏବଂ ୧୨୦୦ ଇସ୍ରାଏଲୀଙ୍କ ନିଧନ ଗାଜାକୁ ଲକ୍ଷ୍ୟଭୁକ୍ତ କରି ଏହା ଉପରେ ପ୍ରତିଆକ୍ରମଣ କରିବା ପାଇଁ ଇସ୍ରାଏଲକୁ ଏକ ପ୍ରକାର ବାଧ କରିଥିଲା ବୋଲି କୁହାଯାଇପାରେ। ସେ ସମୟରେ ଇସ୍ରାଏଲ ସପକ୍ଷରେ ବିଶ୍ୱ ସମୁଦାୟର ସହାନୁଭୂତି ରହିଥିଲା। ଇସ୍ରାଏଲ ଗାଜା ଉପରେ ଆକ୍ରମଣ କରିବାକୁ ଇତି ମଧ୍ୟରେ ପାଖାପାଖି ଛଅ ମାସ ବିତି ଗଲାଣି। ଆକ୍ରମଣ ଆରମ୍ଭରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଯେଉଁ ଲକ୍ଷ୍ୟ ରଖୁଥିଲେ ହମାସ୍‌କୁ ସମୂଳେ ନିପାତ କରିବାକୁ, ତାହା ତ ଏଯାବତ୍ ସାଧିତ ହୋଇନାହିଁ, ବରଂ ଏହି ଯୁଦ୍ଧରେ ପାଲେଷ୍ଟାଇନ୍‌ର ୩୨ ହଜାରରୁ ଅଧିକ ସଂଖ୍ୟକ ଲୋକ ନିହତ ହେବା ସହିତ ୭୪ ହଜାରରୁ ଅଧିକ ସଂଖ୍ୟକ ଲୋକ ଆହତ ହୋଇଛନ୍ତି। କେବଳ ଏତିକି ନୁହେଁ, ଗାଜା ପଟିର ୯୦ ପ୍ରତିଶତରୁ ଅଧିକ ଲୋକ ବାସଚ୍ୟୁତ ହୋଇ ପଡ଼ିଛନ୍ତି ଏବଂ ଏହା ପରେ ବି ଦୈନନ୍ଦିନ ଯେତିକି ସଂଖ୍ୟକ ଲୋକ ମୃତ୍ୟୁବରଣ କରୁଛନ୍ତି, ତାହା ସାମ୍ପ୍ରତିକ ସମୟର ଯେ କୌଣସି ବଡ଼ ଧରଣର ଯୁଦ୍ଧରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟାଠାରୁ ଅଧିକ। ଏହା ବାଦ୍ ଲକ୍ଷ ଲକ୍ଷ ଲୋକ ରହିବା ପାଇଁ ଆଶ୍ରୟ ସ୍ଥଳ, ଅନାହାର ଏବଂ ରୋଗ ସହିତ ସଂଘର୍ଷ କରି ଚାଲିଛନ୍ତି । ଏସବୁକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୨୫ ତାରିଖରେ ଜାତିସଂଘର ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ଗାଜା ପଟିରେ 'ତୁରନ୍ତ ଯୁଦ୍ଧ ବିରତି' ସହିତ ହମାସ୍ ଦ୍ୱାରା ରଖା ଯାଇଥିବା ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ଆହ୍ୱାନ ଦେଇ ଏକ ପ୍ରସ୍ତାବ ପାରିତ କରିଛି । ପୂର୍ବରୁ ଯେଉଁ ଯୁକ୍ତରାଷ୍ଟ୍ର ଆମେରିକା ଇସ୍ରାଏଲକୁ ଦୃଢ଼ ସମର୍ଥନ ଜଣାଇ ଥିଲା ଗାଜା ଉପରେ ପ୍ରତିଶୋଧମୂଳକ ପ୍ରତିଆକ୍ରମଣ କରିବାକୁ ଏବଂ ଏହି ଯୁଦ୍ଧ ବିରତି ପାଇଁ ଉପସ୍ଥାପିତ ପୂର୍ବର ପ୍ରତ୍ୟେକଟି ଜାତିସଂଘ ପ୍ରସ୍ତାବ ଉପରେ ଭିଟୋ ପ୍ରୟୋଗ କରି ଆସିଥିଲା, ତାହା ଏଥର ନିଜର ମତଦାନରୁ ବିରତ ରହିଥିଲା, ଯାହା ଏହି ଯୁଦ୍ଧ ନିମନ୍ତେ ବର୍ତ୍ତମାନ ବାଇଡେନ୍ ପ୍ରଶାସନର ନୀତିରେ ପରିବର୍ତ୍ତନକୁ ସୂଚାଇଛି। ବ୍ରିଟେନ୍ ସହିତ ଅନ୍ୟାନ୍ୟ ସମସ୍ତ ସଦସ୍ୟ, ଯେଉଁମାନେ ବର୍ତ୍ତମାନ ପର୍ଯ୍ୟନ୍ତ ଯୁଦ୍ଧ ବିରତିକୁ ପ୍ରତିରୋଧ କରି ଆସୁଥିଲେ, ସେମାନେ ଏଥର ପ୍ରସ୍ତାବ ସପକ୍ଷରେ ମତଦାନ କରିଛନ୍ତି। ଇସ୍ରାଏଲ ୟୁଏନ୍‌ଏସ୍‌ସିର ଏହି ପ୍ରସ୍ତାବ ଉପରେ ଉତ୍କ୍ଷିପ୍ତ ହୋଇଛି । ଏହାର ଶୀର୍ଷ ସ୍ଥାନୀୟ ଅଧିକାରୀମାନେ ଏହି ନିଷ୍ପତ୍ତିକୁ ଏବେ କାର୍ଯ୍ୟକାରୀ କରିବେ ନାହିଁ ବୋଲି ସୂଚାଇଛନ୍ତି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଘନିଷ୍ଠ ଭାବରେ ଜଣାଶୁଣା ଦୁଇଜଣ କ୍ୟାବିନେଟ ମନ୍ତ୍ରୀଙ୍କର ପୂର୍ବରୁ ଯୋଜନା ହୋଇଥିବା ୱାଶିଂଟନ୍ ଗସ୍ତକୁ ବାତିଲ କରାଯାଇଛି ଏବଂ ପଣବନ୍ଦୀମାନଙ୍କ ମୁକ୍ତି ବାବଦରେ କୌଣସି ସର୍ତ୍ତ ରଖା ଯାଇ ନଥିବାରୁ ଚୀନ୍ ଓ ରୁଷିଆ ଇସ୍ରାଏଲର ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। କିନ୍ତୁ ଏସବୁ ଘଟଣାକ୍ରମକୁ ଟିକିଏ ନିରିଖେଇ ଦେଖିଲେ ଜାଣିହେବ ଯେ ଏଥିରେ ଇସ୍ରାଏଲର ଦୁର୍ବଳତା ନିହିତ । ନିକଟ ଅତୀତରେ ଇସ୍ରାଏଲର ନେତାମାନେ ବାରମ୍ବାର କହିଛନ୍ତି ଯେ ଦକ୍ଷିଣପୂର୍ବ ସହର ରାଫା, ଯେଉଁଠି ପ୍ରାୟ ୧.୪ ମିଲିଅନ୍ ପାଲେଷ୍ଟିନୀୟ ଏକ ପ୍ରକାର ବାନ୍ଧି ହୋଇ ରହିବା ଭଳି ରହିଛନ୍ତି, ତା' ଉପରେ ଆକ୍ରମଣ କରାଯିବ । ସମ୍ପ୍ରତି ୟୁଏସ୍‌ଏସ୍‌ର ପ୍ରସ୍ତାବ ପରେ ରାଫା ଉପରେ ଆକ୍ରମଣ କରାଯିବା ଅତ୍ୟନ୍ତ ଗର୍ହିତ କାର୍ଯ୍ୟ ହେବ। କହିବା ବାହୁଲ୍ୟ, ପ୍ରଥମରୁ ଇସ୍ରାଏଲ ତା'ର ନାଗରିକମାନଙ୍କ ପ୍ରାଣହାନିର କାରଣ ପାଲଟି ଥିବା ହମାସ୍ ଉପରେ ପ୍ରତିଶୋଧ ନେବା ପାଇଁ ଯାହା କରୁଥିଲା, ତା' ପ୍ରତି ଅନେକ ରାଷ୍ଟ୍ରଙ୍କର ସହାନୁଭୂତି ଓ ସମର୍ଥନ ରହିଥିଲା। କିନ୍ତୁ ପରବର୍ତ୍ତୀ କାଳରେ ହମାସ୍‌ର କାର୍ଯ୍ୟ ପାଇଁ ସମଗ୍ର ଗାଜା ଅଧିବାସୀଙ୍କୁ ଏହା ଦଣ୍ଡିତ କରିବା ଇସ୍ରାଏଲ ବିରୁଦ୍ଧରେ ବିଶ୍ୱ ଜନମତକୁ ଜାଗ୍ରତ କରିଛି। ଇସ୍ରାଏଲ ଯଦି ପରିସ୍ଥିତିର ଏକ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରେ, ତା'ହେଲେ ଏହା ଅବଶ୍ୟ ୟୁଏନ୍‌ଏସ୍‌ଏସିର ପ୍ରସ୍ତାବକୁ ମାନି ନେଇ ଯୁଦ୍ଧ ବିରତି ଘୋଷଣା କରିବ। ଏମିତିରେ ବି ଅକ୍ଟୋବର ୭ ତାରିଖର ଘଟଣା ପାଇଁ ଇସ୍ରାଏଲର ବ୍ୟାପକ ଗୁଇନ୍ଦା ଏବଂ ସୁରକ୍ଷା ବିଫଳତା ଦାୟୀ ଥିଲା, ଯେଉଁଥିପାଇଁ ଶ୍ରୀଯୁକ୍ତ ନେତାନ୍ୟାହୁ ନିଜକୁ ନୈତିକ ଭାବରେ ଉତ୍ତରଦାୟୀ ଭାବିବା ଉଚିତ । କିନ୍ତୁ ତାହା ନ କରି ସେ ଯୁଦ୍ଧକୁ ବଢ଼ାଇ ଚାଲିଛନ୍ତି, ଯାହାର ପରିଣତି ଗାଜାବାସୀଙ୍କ ପାଇଁ ବେଳକୁ ବେଳ ଭୟାବହ ହୋଇ ଚାଲିଛି ଏବଂ ତା' ସହିତ ନଷ୍ଟ ହୋଇ ଚାଲିଛି ପଶ୍ଚିମ ଏସିଆର ଶାନ୍ତି ଓ ପରିସ୍ଥିତିର ସ୍ଥିରତା। କେବଳ ଏତିକି ନୁହେଁ, ଇସ୍ରାଏଲ ମଧ୍ୟ ତା'ର ଅଧିକରୁ ଅଧିକ ମିତ୍ର ଓ ଶୁଭେଚ୍ଛୁ ରାଷ୍ଟ୍ରଙ୍କୁ ହରାଇ ଚାଲିଛି । ସଦ୍ୟତମ ଘଟଣାକ୍ରମର ବିକାଶ ସେତିକି ବେଳେ ହୋଇଛି, ଯେତେବେଳେ କି ରୁଷିଆ, ଚୀନ୍ ଏବଂ ଇରାନ୍ ସେମାନଙ୍କ ସ୍ଥିତିରେ ସଂଯୋଜନା ଆଣି ପଶ୍ଚିମ ଏସିଆରେ ରାଜନୀତିକୁ ପ୍ରଭାବିତ କରିବା ନିମନ୍ତେ ଗୋଟିଏ ପରେ ଗୋଟିଏ ଉଦ୍ୟମ କରି ଚାଲିଛନ୍ତି। ରୁଷିଆ ଉପରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ଆକ୍ରମଣ ବର୍ତ୍ତମାନର ଭୂ-ରାଜନୀତିକ ଅସ୍ଥିରତାରେ ଅନ୍ୟ ଏକ ସ୍ତର ଯୋଗ କରିଛି, ବିଶେଷକରି ରୁଷିଆ ଏହା ଉପରେ ଆତଙ୍କବାଦୀ ଆକ୍ରମଣରେ ଆଇଏସ୍‌ର ସମ୍ପୃକ୍ତି ଉପରେ ତଦନ୍ତ କରିବା ପରିବର୍ତ୍ତେ ଯେତେବେଳେ ଏହାକୁ ୟୁକ୍ରେନ୍ ସହିତ ଯୋଡ଼ିବାର ବ୍ୟବସ୍ଥା କରୁଥିବା ଭଳି ମନେ ହେଉଛି। ପଶ୍ଚିମ ଏସିଆରେ ଅସ୍ଥିରତା ଦିଗରେ ପଥ କଢ଼ାଇ ନେଉଥବା ଯେ କୌଣସି ପ୍ରକାରର କାର୍ଯ୍ୟ ଅବଶ୍ୟ ସଂଘର୍ଷରତ ବୈଶିକ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇବ, ଆଉ ଏଥିରୁ ରକ୍ଷା ପାଇବା ପାଇଁ କୌଣସି ଦେଶ ସକ୍ଷମ ହେବାର ସମ୍ଭାବନା କ୍ଷୀଣ। ତେଣୁ ସମୟ ଉପଗତ ହୋଇଛି, ଶ୍ରୀଯୁକ୍ତ ନେତାନ୍ୟାହୁ ୟୁଏସ୍‌ଏସ୍‌ର ପ୍ରସ୍ତାବକୁ ମାନି ନେଇ ଯୁଦ୍ଧର ତୁରନ୍ତ ପରିସମାପ୍ତି ଘଟାଇବା ସହିତ ଗାଜାକୁ ମାନବୀୟ ସହାୟତା ପ୍ରଦାନର ପଥ ପରିଷ୍କାର କରିବା ଉଚିତ । ସଙ୍ଗେ ସଙ୍ଗେ ଆନ୍ତର୍ଜାତିକ ମଧ୍ୟସ୍ଥିଙ୍କ ସହାୟତାରେ ପଣବନ୍ଦୀଙ୍କ ମୁକ୍ତି ପାଇଁ ଉଦ୍ୟମ କରିବା ବିଧେୟ ।

# ଓଡିଶା, ମୋ ଓଡିଶା, ଆମ ଓଡ଼ିଶା



**ବିଷ୍ଣୁ ପ୍ରସାଦ ଦାସ**

ଭାରତ ବର୍ଷରେ ଓଡିଶା ବଙ୍ଗୋପସାଗର କୂଳରେ ଅବସ୍ଥିତ ଏକ ସମ୍ପୂର୍ଣ୍ଣ ରାଜ୍ୟ, ଏହାର ପରିସୀମା ପଶ୍ଚିମ ବଙ୍ଗ, ଛତିଶ ଗଡ଼, ଆନ୍ଧ୍ର ପ୍ରଦେଶ, ଝାଡ଼ଖଣ୍ଡ କୁ ଛୁଇଁଛି, ଏହାର ସାମୁଦ୍ରିକ ରେଖା ପ୍ରାୟ ୪୫୦ କିଲୋମିଟର, କ୍ଷେତ୍ରଫଳ ପ୍ରାୟ ୧,୫୫,୭୦୭ ବର୍ଗ କିଲୋମିଟର, ପ୍ରଧାନ ନଦୀ ମହାନଦୀ। ବର୍ତ୍ତମାନର ଓଡିଶା ପ୍ରଦେଶ ଅତୀତରେ କଳିଙ୍ଗ, ଉତ୍କଳ, ଉଡ୍ର ଇତ୍ୟାଦି ଅନେକ ନାମରେ ପରିଚିତ ଥିଲା ସମୟ ସହିତ ତାଳଦେଇ ଅନେକ ଉତ୍ଥାନ ପତନ, ଅନେକ ଶାସକଙ୍କ ଦ୍ୱାରା ଶାସିତ ହୋଇ ଓଡିଶା ନିଜର ଗୌରବ ଆଜି ମଧ୍ୟ ବଜାୟ ରଖିଛି ବୋଲି ବହୁଳ ଭାବେ ପ୍ରଚାରିତ ହେଉଛି, ତେବେ ଏଥିରେ କେତେ ସତ୍ୟତା ଭରି ରହିଛି ତାହା ଅନେକେ ଜାଣନ୍ତି । ଭାରତବର୍ଷରେ ଯେତେ ରାଜ୍ୟ ଅଛି ତନ୍ମଧ୍ୟରୁ ଶାନ୍ତି ପ୍ରିୟ ରାଜ୍ୟ ହିସାବରେ ଓଡିଶା ଅନ୍ୟତମ, ଓଡ଼ିଶାର କଳା, ସଂସ୍କୃତି, ମନୋରମ ପ୍ରାକୃତିକ ପରିବେଶ, ସୁଦୀର୍ଘ ବେଳାଭୂମି, ସୁଉଚ୍ଚ ପର୍ବତମାଳା ସବୁଜ ଅରଣ୍ୟ ପରିବେଷ୍ଟିତ ଜିଲ୍ଲା ସମୂହ, ମନ୍ଦିର ମାଳିନୀ ସହର, ବିଶ୍ୱ ପ୍ରସିଦ୍ଧ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର, ଖଣିଜ ସମ୍ପଦରେ ପରିପୂର୍ଣ୍ଣ, କୃଷି ଶିଳ୍ପରେ ଅଗ୍ରଣୀ, ବାଣିଜ୍ୟ ବ୍ୟବସାୟର ପେଣ୍ଠ ସ୍ଥଳ ଏହି ଓଡିଶା ମାଟିରେ ଜନ୍ମିତ ଅନେକ ଗୁଣି ଜ୍ଞାନୀ ମହାନ ବ୍ୟକ୍ତିତ୍ୱଙ୍କ ସହିତ ସାଢେ ଚାରିକୋଟିରୁ ଉର୍ଦ୍ଧ୍ୱ ଓଡିଶା ବାସୀ ଆଜି ନିଜ ରାଜ୍ୟ ପାଇଁ ଗର୍ବିତ ହେବା ସ୍ୱାଭାବିକ କଥା, ଏଠାରେ ବିଭିନ୍ନତାରେ ଏକତା ପରିଲକ୍ଷିତ ହୁଏ । ଅତୀତର ସ୍ମୃତିକୁ ଯଦି ରୋମନ୍ଥନ କରିବା ତେବେ ଓଡିଶାକୁ ଆମେ ହୃଦୟରୁ ଅଧିକରୁ ଅଧିକ ଭଲପାଇବା, କାନ୍ତକବି ଲକ୍ଷ୍ମୀ କାନ୍ତ ମହାପାତ୍ରଙ୍କ ଦ୍ୱାରା ରଚିତ ଓଡିଶା ପ୍ରଦେଶର ରାଜ୍ୟ ସଂଗୀତର ମାନ୍ୟତା ପାଇଥିବା' ବନ୍ଦେ ଉତ୍କଳ ଜନନୀ... କର୍ଣ୍ଣ ଗହ୍ୱରରେ ପ୍ରବେଶ କରିବା ମାତ୍ରେ ଭକ୍ତିରେ ଲୋମ ମୂଳ ଟାଙ୍କୁରି ଉଠେ, ପ୍ରଦେଶର ସ୍ୱତନ୍ତ୍ରତା ପାଇଁ ପ୍ରାଣବଳି ଦେଇଥିବା ସହିଦ, ଜୀବନକୁ ବିପନ୍ନ କରି ସଂଗ୍ରାମ କରିଥିବା ମନୀଷୀ ମାନେ ଆମର ସର୍ବଦା ପୂଜ୍ୟ ।

୧୯୩୬ ମସିହା ଏପ୍ରିଲ ମାସ ୦୧ ତାରିଖ ଆମପାଇଁ ଏକ ସ୍ମରଣୀୟ ଦିବସ, ମିଳିତ ବିହାର- ଓଡିଶା ପ୍ରଦେଶକୁ ଅଲଗା କରି ତଥା ମାଡ୍ରାସ ପ୍ରସିଡେନ୍ସିରୁ ଗଂଜାମ ଏବଂ କୋରାପୁଟ ଜିଲ୍ଲାକୁ ଆଣି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ କରା ଯାଇଥିଲା। ଏଥିପାଇଁ ଅନେକ ସଂଗ୍ରାମ କରା ହୋଇଛି, ଉତ୍କଳ ଗୌରବ ମଧୁସୂଦନ ଦାସ ମହାଶୟଙ୍କ ଦ୍ୱାରା ୬୨ ଜଣ କର୍ମକର୍ତ୍ତାଙ୍କୁ ନେଇ ୧୯୦୩ ମସିହାରେ ଗଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ହୋଇଥିଲା, ପ୍ରାୟ ତିନି ଦଶନ୍ଧି ଧରି ନିରବଚ୍ଛିନ୍ନ ସଂଗ୍ରାମ, ବ୍ରିଟିଶ୍ ଶାସକଙ୍କ ସହିତ ବାଦାନୁବାଦ, ତ୍ୟାଗ, ବଳିଦାନର ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଆଜି ଗର୍ବର ସହିତ ଛିଡା ହୋଇଛି । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ, ମହାରାଜା ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ରାଧାନାଥ ରଥ, ଦିୱାନ ଅଥର ମହମ୍ମଦ, ସୟିଦ ମହମ୍ମଦ, ଭୁବନାନନ୍ଦ ଦାସ, ବାସୁଦେବ ସୁଢ଼ଳଦେବ ଇତ୍ୟାଦି ଅନେକ ମହାନ ଦେଶପ୍ରେମୀ ଯୋଗ ଦେଇଥିଲେ, ସ୍ୱତନ୍ତ୍ର ଓଡିଶା ପ୍ରଦେଶରେ ସେତେବେଳେ ଛଅ ଗୋଟି ଜିଲ୍ଲା ଥିଲା ସେଗୁଡିକ ହେଲା କଟକ, ପୁରୀ, ବାଲେଶ୍ୱର, ଗଂଜାମ, କୋରାପୁଟ ଏବଂ ସମ୍ବଲପୁର ଜିଲ୍ଲା । ସ୍ୱତନ୍ତ୍ର ଓଡିଶା ପ୍ରଦେଶର ପ୍ରଥମ ରାଜ୍ୟପାଳ ଭାବେ ଜନ୍ ଅଷ୍ଟିନ୍ ଶପଥ ଗ୍ରହଣ କରିଥିଲେ, ସୁଶାସକ ଏବଂ ସୁ ସଂଗଠିତ ନେତୃବୃନ୍ଦଙ୍କ ଆନ୍ତରିକତା, ଦେଶପ୍ରେମ, ନିସ୍ୱାର୍ଥପର ସେବା ଦ୍ୱାରା ଓଡିଶା ପ୍ରଦେଶ ଆଜି ତା'ର ଗାରିମା ବଜାୟ ରଖିଛି । ଆମେ ଓଡିଶା ପ୍ରଦେଶର ଜନ୍ମିତ ବାସିନ୍ଦା ତେଣୁ ଏହା ଆମର ଗର୍ବ, କାଳକ୍ରମେ ପ୍ରଶାସନିକ ସୁବିଧା ପାଇଁ ଜିଲ୍ଲା ସଂଖ୍ୟା ବଢି ବର୍ତ୍ତମାନ ୩୦ରେ ପହଞ୍ଚିଛି । ଓଡିଶା ଆଜି ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇ ଦେଶର ଗୌରବ ପାଲଟିଛି ଆସନ୍ତୁ ଆମେ ସମସ୍ତେ ଶପଥ ନେବା ଓଡ଼ିଶାର ମାନ, ସମ୍ମାନ, ସଂସ୍କୃତିକୁ ସଦା ସର୍ବଦା ବଜାୟ ରଖିବା। ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବା ସମୟ ଉପନୀତ, ଅନ୍ୟ ଭାଷା ଶିକ୍ଷା କରିବା କିଛି ଅପରାଧ ନୁହେଁ ତେବେ ମାତୃଭାଷାକୁ ପ୍ରାଧାନ୍ୟ ଦେବା ଆମର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ ।

ପ୍ରଦେଶ ଭିତରେ ବା ପ୍ରଦେଶ ବାହାରେ ଥିବା ଅନେକ ଓଡିଶା ପ୍ରଦେଶର ବାସିନ୍ଦା ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ କୁଣ୍ଠା ବୋଧ କରନ୍ତି, ନିଜ ମାତୃଭାଷାକୁ ବିକୃତ କରି ଉଚ୍ଚାରଣ କରିଥାନ୍ତି, ଓଡ଼ିଶାରେ ନିଜ ମାଲିକାନାରେ ଚାଲୁଥିବା ଅନେକ ଟି: ଭି ଗୁଡ଼ିକ ର ଆଙ୍କର/ସଂଚାଳକ ମାନଙ୍କ ଓଡ଼ିଆ ଯଦି ଆପଣ ମନ ଧ୍ୟାନ ଦେଇ ଶୁଣିବେ ତେବେ ନିଜକୁ ଲଜ୍ଜା ଲାଗିବ, ସେମାନେ ଓଡ଼ିଆ ତ' କହୁ ନାହାନ୍ତି ସେଥିରେ ଅର୍ଦ୍ଧାଧିକ ଇଂରାଜୀ ଓ ହିନ୍ଦୀ ଶବ୍ଦ ପ୍ରୟୋଗ କରନ୍ତି ଯେପରି 'ମାହୋଲ' ଏହା ଏକ ବାହାଦୂରୀ ନା ନିଜର ଅଜ୍ଞାନତା ? ଫିସ୍ ଫିସ୍ ବ୍ୟାକରଣ ଭୁଲ ଥାଇ ଇଂରାଜୀ ନ'କହି ଖାଣ୍ଟି ଓଡ଼ିଆ କହିବା ବରଂ ଭଲ, ଅନେକ ସାକ୍ଷାତକାର ଦେବାକୁ ଆସିଥିବା ବିଭିନ୍ନ ବର୍ଗର ବ୍ୟକ୍ତି ଓଡ଼ିଆ କହିବା ବେଳେ 'ବଟ' 'ଆକ୍ ଚୁଆଲି' 'ସୋ' ପରି ଅନେକ ଇଂରାଜୀ ଶବ୍ଦ ଓଡ଼ିଆ ସହିତ କହିବାର ଅନେକ ଉଦାହରଣ ଅଛି, 'ଆମେ ଓଡ଼ିଆ ଆମ ଭାଷା ବଢିଆ' ଏହି କଥାର ମହତ୍ୱ କୋଉଠି ରହିଲା ? ଓଡ଼ିଆ ଭାଷାକୁ ତ' ଏମାନେ ମିଳିମିଶି ବାର ମଜା କରି ସାରିଲେଣି, ପିଲା ଜନ୍ମ ହେଉ ହେଉ ତା'କୁ ଡାଡି ମମ୍ମି, ଅଙ୍କଲ୍ ଆଣ୍ଟି ଶିଖାଯାଏ, ସତେ ଯେପରି ଇଂରାଜୀ ଭାଷାଟିଏ ଶିଖିଗଲେ ସେମାନଙ୍କର ସାତ ପୁରୁଷ ନର୍କ ରୁ ଉଦ୍ଧାର ପାଇଯିବେ । ଚୀନ, ରୁଷିଆ, ଫ୍ରାନ୍ସ, ଜର୍ମାନୀ, ଜାପାନ ଦେଶର ନାଗରିକ ମାନେ ତ' ପୁଣି ନିଜ ଭାଷାରେ କଥା ବାର୍ତ୍ତା ସହିତ ସବୁ ସରକାରୀ କାର୍ଯ୍ୟ କରନ୍ତି ତେଣୁ ଆମେ ଓଡ଼ିଆ ହୋଇ ଏତେ ଇଂରାଜୀ ପ୍ରୀତି କାହିଁକି ? ଆମ ମୁଖ ନିସୃତ ପ୍ରତି କଥାରେ ଇଂରାଜୀ ଶବ୍ଦ ବ୍ୟବହାର କରି ଥାଉ । ଭାଇ ଭଉଣୀ ମାନେ, ଯଦି ନିଜ ଭାଷା ପ୍ରତି କିଛିଟା ଆନ୍ତରିକତା ଅଛି ତେବେ ଚେଷ୍ଟା କରନ୍ତୁ ନିଜ ଭାଷା କିପରି ବଞ୍ଚି ରହିବ, ସରକାର ମଧ ଏଥିପ୍ରତି ଅନ୍ତରରୁ ଚେଷ୍ଟିତ ହେବାର ସମୟ ଉପନୀତ । ସ୍ୱାଧୀନତା ପ୍ରାପ୍ତିର ୭୭ ବର୍ଷ ବିତିଗଲା, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହେବାର ୮୮ ବର୍ଷ ବିତିଗଲା ତଥାପି ସରକାରୀ ଅଫିସ କଚେରୀ ସବୁ ଇଂରାଜୀ ଭାଷାରେ ଚାଲେ, ଗୋରା ସାହେବ ବଦଳରେ ଏବେ କଳା ସାହେବ ମାନେ ଏହି ପ୍ରକ୍ରିୟାକୁ ଖୁବ୍ ଯତ୍ନ ସହକାରେ ଆଗେଇ ନେଉଛନ୍ତି ଏହା କ'ଣ ଓଡ଼ିଆ ଅସ୍ମିତାର ଲକ୍ଷଣ ? ଅନେକ ଅଣ ଓଡ଼ିଆ ଉଚ୍ଚ ପଦ ପଦବୀରେ ଅଛନ୍ତି ସେମାନେ ଓଡ଼ିଆ ଭାଷା ପ୍ରତି ସେତେଟା ଗୁରୁତ୍ୱ ଦିଅନ୍ତି ନାହିଁ ଯଦିଓ ଓଡିଶା ପ୍ରଦେଶରେ ନିଯୁକ୍ତି ପାଉଥିବା ସର୍ବ ଭାରତୀୟ ଅଧିକାରୀ ମାନେ ଅତି କମରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ପଢିବାକୁ ପଡିଥାଏ। ଏହି ପରି କିଛି ବ୍ୟକ୍ତି ମାନଙ୍କ ପାଇଁ ତଥା ଆମ ମାନସିକତା ପାଇଁ ହୁଏତ ଓଡ଼ିଆ ଭାଷାକୁ ସରକାର ଆପଣେଇ ପାରୁ ନାହାନ୍ତି । ଓଡ଼ିଶାର ନେତୃତ୍ୱ ନେଉଥିବା ସର୍ବ ଦଳୀୟ ନେତା, ଅଭିନେତା, ସାଧାରଣ ଜନତା, ସରକାରୀ କର୍ମଚାରୀ, ଆଇନ ଅଦାଲତ ସବୁଠାରେ ଯଦି ଭାଷା ଆନ୍ଦୋଳନ ହୋଇ ନିଜ ମାତୃଭାଷାକୁ ଗୁରୁତ୍ୱ ଦିଆ ଯାଇ ପାରିବ ତେବେ ମୋ ଓଡିଶା, ଆମ ଓଡିଶା, ନବୀନ ଓଡିଶା ଇତ୍ୟାଦି ଇତ୍ୟାଦି... ମଧୁ ବାବୁଙ୍କ ସ୍ୱତନ୍ତ୍ର ଓଡିଶା ପ୍ରଦେଶର ଗୌରବ ବହନ କରିପାରିବ କିନ୍ତୁ ଏହା କ'ଣ ଆଗାମୀ ଦଶନ୍ଧିରେ ସମ୍ଭବ ହେବ କି ?

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ଦେବାଳିଆ ସ୍ଥିତିରେ କେରଳ



**ସୌମେନ୍ଦ୍ର ଜେନା**

ନିଜକୁ ଶିକ୍ଷିତ, ବିକଶିତ ଓ ଉନ୍ନତ ବୋଲି ମନେ କରୁଥିବା, ସାଧାରଣରେ କହୁଥିବା ଲୋକେ କିପରି ଆର୍ଥିକ ଅନିୟମିତତା ଏବଂ ଦାୟିତ୍ୱହୀନ ହୋଇ କାର୍ଯ୍ୟ କରିଥାନ୍ତି ତାର ଜ୍ୱଳନ୍ତ ଉଦାହରଣ କେରଳର ରାଜ୍ୟ ସରକାର । କାରଣ ସୁପ୍ରିମକୋର୍ଟରେ ଏନେଇ ଚାଲିଥିବା ଏକ ମାମଲାରେ କେନ୍ଦ୍ର ସରକାର କହିଛନ୍ତି ଯେ ଆର୍ଥିକ ଦୃଷ୍ଟିରୁ ଅସୁସ୍ଥଥିବା ରାଜ୍ୟଗୁଡିକ ମଧ୍ୟରୁ କେରଳ ସବୁଠୁ ଆଗରେ ରହିଛି । ରାଜ୍ୟର ଏହି ଦେବାଳିଆସ୍ଥିତି ଆର୍ଥିକ ପରିଚାଳନାଗତ ମନ୍ଦ ବ୍ୟବସ୍ଥା ପାଇଁ ହୋଇଛି । ଦେଶରେ କେରଳ ପରେ ପଞ୍ଜାବ ଏବଂ ପଶ୍ଚିମବଙ୍ଗ ରାଜ୍ୟ ହେଉଛି ଦେଶର ସବୁଠୁ ଅଧିକ ଆର୍ଥିକ କୁପରିଚାଳନାର ବଡ ପ୍ରମାଣ। ୨୦୧୮-୧୯ରେ ରାଜ୍ୟର ଆୟ ତୁଳନାରେ ବ୍ୟୟ ୭୮ ପ୍ରତିଶତ ରହିଥିଲା । ୨୦୧୭-୨୦୧୮ରେ ବାର୍ଷିକ ନିଅଣ୍ଟ ପରିମାଣ ୨୪ ପ୍ରତିଶତ ରହିଥିଲା, ଯାହା ୨୦୨୧-୨୨ବେଳକୁ ବୃଦ୍ଧିପାଇ ୩୧ ପ୍ରତିଶତ ହୋଇଥିଲା ।

କେରଳରେ ଶାସନ ଦାୟିତ୍ୱରେ ଥିବା ପିନରାୟୀ ବିଜୟନଙ୍କ କମ୍ୟୁନିଷ୍ଟ ସରକାର କେନ୍ଦ୍ର ସରକାରଙ୍କଠାରୁ ଅଧିକ ଅର୍ଥ ଋଣ ଆକାରରେ ନେବାକୁ ଚାହୁଁଥିବା ଜଣାପଡିଛି। ଏହି ଅର୍ଥକୁ ସେ ଲାଭଜନକ ପ୍ରକଳ୍ପରେ ବିନିଯୋଗ ନକରି ଦରମା ଏବଂ ପେନ୍‌ସନରେ ଦେବାକୁ ଯୋଜନା କରିଛନ୍ତି । ରାଜ୍ୟମାନଙ୍କର ଋଣପାଇଁ ଦେଶର ଆନ୍ତର୍ଜାତିକ ସ୍ତରରେ ରେଟିଂ ହାର ହ୍ରାସ ପାଉଛି । ଆର୍ଥିକ ଦୃଷ୍ଟିରୁ ଅସ୍ଥିରତା ବିଶ୍ୱ ବଜାରରେ ଭାରତର ପ୍ରତିଷ୍ଠାକୁ ଆଞ୍ଚ ଆଣୁଛି । ରାଜ୍ୟଗୁଡିକ କେନ୍ଦ୍ରଠାରୁ ନେଉଥିବା ଅର୍ଥରେ ବିକାଶମୂଳକ କାର୍ଯ୍ୟ ନକରି ଭୋଟ ପାଇଁ ଲୋକଙ୍କ ମଧ୍ୟରେ ଅର୍ଥ ବାଣ୍ଟିବାରେ ବ୍ୟସ୍ତ ରହିଛନ୍ତି । ବିନା ଉତ୍ପାଦନରେ "ଋଣଂ କୃତ୍ୱା ଘୃତଂ ପିବେତ" ପରି ଋଣ ଅର୍ଥକୁ ନଷ୍ଟ କରିବାରେ ଲାଗିଛନ୍ତି । ଲୋକଙ୍କୁ ସବୁଥିରେ ସବ୍‌ସିଡି ଦେବାକୁ ଯାଇ ରାଜ୍ୟଗୁଡିକ କେନ୍ଦ୍ରଠାରୁ ଋଣ ନେଉଛନ୍ତି। ଏହି କାର୍ଯ୍ୟ ଯୋଗୁ ଆଗାମୀ ଦିନରେ ଋଣର ସୁଧହାର ବେସରକାରୀ ଶିଳ୍ପ ପାଇଁ ଅଧିକ ହେବ, ଫଳତଃ ଉତ୍ପାଦନ ହ୍ରାସ ହେବା ଯୋଗୁ ବଜାରକୁ ବସ୍ତୁର ଯୋଗାଣ ଓ ସେବା କ୍ଷତିଗ୍ରସ୍ତ ହେବ। ରାଜ୍ୟମାନେ ଋଣ କରିବା ପୂର୍ବରୁ କେନ୍ଦ୍ର ସରକାରଙ୍କଠାରୁ ଅନୁମତି ନେବାର ବ୍ୟବସ୍ଥା ରହିଛି । କାରଣ ଦେଶ ଭିତରୁ ଭିନ୍ନ ଭିନ୍ନ ଉତ୍ସରୁ ଋଣ ସଂଗ୍ରହ କରି ସୁଝି ନପାରିଲେ ଦେଶର ଆର୍ଥିକ ବ୍ୟବସ୍ଥା ଉପରେ ସଙ୍କଟ ଆସିବ । ରାଜ୍ୟକୁ ଋଣ କରିବାକୁ ଅନୁମତି ଦେବା ସମୟରେ କେନ୍ଦ୍ର ସରକାର ଦେଶର ତୃଣମୂଳସ୍ତରରେ ଆର୍ଥିକ ସ୍ଥିରତାକୁ ଦେଖି ଏକ ସୀମା ମଧ୍ୟରେ ଋଣ କରିବାକୁ ସମ୍ବିଧାନର ଧାରା ୨୯୩(୪)କୁ ଦୃଷ୍ଟିରେ ରଖିଥାନ୍ତି । ଏହା କଲାବେଳେ ଅର୍ଥ କମିଶନଙ୍କ ସୁପାରିସ ପ୍ରତି ଧ୍ୟାନ ଦିଆଯାଇଥାଏ। କେଉଁ ରାଜ୍ୟ କେତେ ଋଣ କରିପାରିବ ଏବଂ ଋଣପାଇବାରେ ଯେପରି କୌଣସି ପ୍ରକାର ବାଛବିଚାର କରାଯିବ ନାହିଁ,ସେଥିପ୍ରତି ମଧ ଦୃଷ୍ଟି ରଖାଯାଏ।

ନିକଟରେ କେରଳ ରାଜ୍ୟ ସରକାରଙ୍କ ପକ୍ଷରୁ ଡିସେମ୍ବର ୨୦୨୩ରେ ସୁପ୍ରିମକୋର୍ଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟଗୁଡିକ ପାଇଁ ଋଣ ପ୍ରଦାନ ଉପରେ କଟକଣାର ବିରୋଧ କରାଯାଇଥିଲା । ସେହି ମାମଲାର ଶୁଣାଣି ଜାରି ରହିଛି । ଅତୀତରେ ଲୋକଙ୍କୁ ଅଧିକ ସବ୍‌ସିଡି ବାଣ୍ଟି କାଙ୍ଗାଳ ହୋଇଥିବା ଦେଶ ଶ୍ରୀଲଙ୍କାର ସ୍ଥିତି ଆମେ ସମସ୍ତେ ଦେଖିସାରିଛେ। ସେହି ମାର୍ଗରେ କେରଳ, ପଞ୍ଜାବ ଓ ପଶ୍ଚିମବଙ୍ଗର ସରକାର ଚାଲିଛନ୍ତି । ଏହିସବୁ ରାଜ୍ୟ ନିଜର ଆୟଠାରୁ ଅଧିକ ପରିମାଣର ବ୍ୟୟ ପାଇଁ ଋଣ କରିବା ପାଇଁ ଚାହୁଁଛନ୍ତି । ଏହି ମାମଲାର ଶୁଣାଣି କରି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ବିଶ୍ୱନାଥଙ୍କ ଖଣ୍ଡପିଠ କେରଳକୁ ଆର୍ଥିକ ପ୍ୟାକେଜ ଦେବାଲାଗି କେନ୍ଦ୍ର ସରକାରଙ୍କୁ କହିଲାବେଳେ କେନ୍ଦ୍ର ସରକାର ରାଜ୍ୟଗୁଡିକର ଆର୍ଥିକ ଶୃଙ୍ଖଳା ଉପରେ ଜୋର ଦେଇଛନ୍ତି । ବିହାର ପରି ଗରିବ ରାଜ୍ୟର ରାଜସ୍ୱ ବଳକା ଥିଲାବେଳେ କେରଳ ଋଣ ଭାରରେ ବୁଡି ରହିଛି । ଲୋକଙ୍କୁ ମାଗଣାରେ ବିଜୁଳି, ପାଣି, ବସ୍‌ଯାତ୍ରା, ହାତରେ ଖର୍ଚ୍ଚ ପାଇଁ ମହିଳାଙ୍କୁ ୧୦୦୦ଟଙ୍କା ମାସିକ ଦେବା ଏସବୁର ପ୍ରମାଣ। ଗ୍ୟାସ ଯୋଗାଣ କେନ୍ଦ୍ର ସରକାରଙ୍କର କାର୍ଯ୍ୟ ହୋଇଥିଲା ବେଳେ ସିଲିଣ୍ଡର ପିଛା ସବ୍‌ସିଡି ସାରା ଦେଶ ପାଇଁ ଏକପ୍ରକାର । ହେଲେ ରାଜ୍ୟଗୁଡିକ ନିଜନିଜ ରାଜ୍ୟରେ ସବ୍‌ସିଡି ଯୁକ୍ତ ସିଲିଣ୍ଡର ଉପରେ ଅଧିକ ସବ୍‌ସିଡି ଦେଇ ଗ୍ରାହକଙ୍କୁ ନିଜର ଭୋଟର କରିବାରେ ଲାଗିଛନ୍ତି। ଏ ପ୍ରକାର ମାଗଣା ବାଣ୍ଟିବାର ଦୌଡ ରାଜ୍ୟ ରାଜକୋଷକୁ ଶୂନ୍ୟ କରିଦେବ, ଏଥିରେ ସନ୍ଦେହ ନାହିଁ।

ଏକଥା ସତ ଯେ କେନ୍ଦ୍ର ପକ୍ଷରୁ କେରଳକୁ ପ୍ରଦାନ କରାଯାଇଥିବା ୧୩୬୦୮ କୋଟି ଉଧାର ରାଜ୍ୟସରକାର ଗ୍ରହଣ କରିଛନ୍ତି । କିନ୍ତୁ ଏହା ସତ୍ତ୍ୱେ ପୁନଶ୍ଚ ୧୯ହଜାର କୋଟି ଅର୍ଥ ଋଣ ଦେବାପାଇଁ କେନ୍ଦ୍ର ସରକାର ମନା କରିଛନ୍ତି । ୨୦୧୮ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟରେ ଆର୍ଥିକ ଶୃଙ୍ଖଳା ରକ୍ଷାଲାଗି ଋଣ ଉପରେ କଟକଣା ଲଗାଯାଇଥିଲା । କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ବିରୁଦ୍ଧରେ କେରଳ ସରକାର ସୁପ୍ରିମକୋର୍ଟରେ ଏହାକୁ ଅସାମ୍ବିଧାନିକ, ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ ବୋଲି କହିଛନ୍ତି । କେରଳ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଆଗତ ମାମଲାଟିକୁ କପିଳ ଶିବଲ ଲଢୁଥିଲାବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଟର୍ଣ୍ଣି ଜେନେରାଲ ଆର. ଭେଙ୍କଟରମଣି ଏବଂ ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ଏନ୍ ଭେଙ୍କଟରମଣ ଲଢୁଛନ୍ତି। ଭେଙ୍କଟରମଣ କୋର୍ଟଙ୍କୁ କହିଛନ୍ତି ଯେ ଏପ୍ରିଲ ୧ ତାରିଖରେ କେରଳକୁ ୫୦୦୦କୋଟିର ଋଣ ଦେବାଲାଗି କେନ୍ଦ୍ର ସରକାର ବ୍ୟବସ୍ଥା କରିଛନ୍ତି ।

ପୂର୍ବରୁ ଭିନ୍ନ ଭିନ୍ନ ରାଜ୍ୟ ସରକାର ୧୪ଟି ଘଟଣାରେ ଋଣ ନେବାଲାଗି କେନ୍ଦ୍ର ସରକାରଙ୍କଠାରୁ ଅନୁମତି ନେବାଲାଗି ଆସିଥିଲେ । ସେମାନଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଋଣ ମୁକ୍ତି ପାଇଁ ଋଣ ପ୍ୟାକେଜ୍ ପ୍ରଦାନ କରାଯାଇପାରିବ ନାହିଁ ବୋଲି ଜଣାଇ ଦିଆଗଲା। ତେବେ କେରଳ ସରକାରଙ୍କ ମାମଲାରେ କେନ୍ଦ୍ର ସରକାର କହିବା କଥା ଯେ ଅନ୍ୟ ରାଜ୍ୟମାନଙ୍କର ରାଜସ୍ୱ ନିଅଣ୍ଟ ଜିଡିପି ତୁଳନାରେ ୦.୪୬ ପ୍ରତିଶତ ରହିଥିଲାବେଳେ କେରଳରେ ତାହା ୩.୧୭ ପ୍ରତିଶତ । ରାଜ୍ୟ ସରକାରଙ୍କ ଆୟଠାରୁ ବ୍ୟୟ ପରିମାଣ ଅଧିକ ହେଲେ ଏପରି ସ୍ଥିତି ସୃଷ୍ଟି ହୋଇଥାଏ। ଯଥେଷ୍ଟ ପୂର୍ବରୁ ଏନେଇ ସତର୍କ କରାଯାଇଥିଲା। ରାଜ୍ୟଗୁଡିକ ଋଣ ଭାରରେ ବୁଡିବା ପାଇଁ ଯେପରି ନଯିବେ ସେଥିପାଇଁ କେନ୍ଦ୍ର ସରକାର ଆର୍ଥିକ ଶୃଙ୍ଖଳା ଏବଂ ପରିଚାଳନା ଉପରେ ଅଧିକ ଜୋର ଦେବାପାଇଁ କହିଥିଲେ। କିନ୍ତୁ କେତେକ ରାଜ୍ୟ ସେଥିପ୍ରତି ଦୃଷ୍ଟି ନଦେଇ ନିଜ ମନମୁତାବକ କାର୍ଯ୍ୟ କରିଚାଲିଲେ। ବିନା ଆର୍ଥିକ ବ୍ୟବସ୍ଥାରେ ରାଜ୍ୟସ୍ତରରେ ଅନେକ ସବ୍‌ସିଡି ଆଧାରିତ ଯୋଜନାଗୁଡିକୁ ଘୋଷଣା କଲେ । କେରଳ ରାଜ୍ୟ ତନ୍ମଧ୍ୟରୁ ଗୋଟିଏ । କେରଳର ସମସ୍ୟା ହେଲା ଅତ୍ୟଧିକ ପରିମାଣର ରାଜସ୍ୱ ନିଅଣ୍ଟ, ଲୋକ କଲ୍ୟାଣରେ ଅଳ୍ପ ବିନିଯୋଗ, ଋଣ ସୁଝିବା ପାଇଁ ଋଣ କରିବା ଯୋଗୁ ରାଜସ୍ୱ ବ୍ୟୟ, ଅତ୍ୟଧିକ ଋଣ ବୃଦ୍ଧି, ଅଧିକ ସୁଧରେ ଅର୍ଥ ସଂଗ୍ରହ କରିବା ଦ୍ୱାରା ରାଜ୍ୟର ରାଜକୋଷ ଖାଲି ହେବାରେ ଲାଗିଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ କେରଳକୁ ଏକ ଖରାପ ଆର୍ଥିକ ସ୍ଥିତିରେ ଥିବା ରାଜ୍ୟ ଘୋଷଣା କରାଯାଇଛି । କେରଳ ସରକାରଙ୍କ ହାତରେ ରାଜ୍ୟର କର୍ମଚାରୀଙ୍କୁ ଦରମା ଏବଂ ପେନସନ୍ ଦେବାକୁ ଅର୍ଥ ନାହିଁ। କେରଳ ସରକାର ନିଜ ଅପାରଗତାକୁ ଲୁଚାଇବା ପାଇଁ ଦକ୍ଷିଣ ବନାମ ଉତ୍ତର ଭାରତ, ବିଜେପି ବନାମ କମ୍ୟୁନିଷ୍ଟ ବିବାଦକୁ ଜୋର ଦେଉଛନ୍ତି। ରାଜ୍ୟ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ ଜନତାଙ୍କ ଦୃଷ୍ଟି ଏଡାଇବା ପାଇଁ ଅଯଥା ବିବାଦ ସୃଷ୍ଟି କରିବାରେ ଲାଗିଛନ୍ତି । ରାଜ୍ୟରେ ଦୈନିକ ୫୦ ହଜାରରୁ ଅଧିକ ଟଙ୍କା ଉଠାଇବା ବ୍ୟବସ୍ଥା ଉପରେ ଏବେ କଟକଣା ଜାରି ହୋଇଛି। ଚଳିତ ମାସ ରାଜ୍ୟର ସାଢେ ତିନିଲକ୍ଷ କର୍ମଚାରୀ ଏଥିରେ ପ୍ରଭାବିତ ହୋଇଛନ୍ତି । ରାଜ୍ୟ କର୍ମଚାରୀମାନଙ୍କର (ସରକାରୀ) ଟ୍ରେଜେରୀ ସର୍ଭିସ ବ୍ୟାଙ୍କ ଆକାଉଣ୍ଟକୁ ବନ୍ଦ କରାଯାଇଛି ଠିକଣା ସମୟରେ ବେତନ ମିଳିନଥିବାରୁ ରାଜ୍ୟ ସରକାରୀ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସରକାରୀ କଳ ଏହାକୁ ଟେକ୍‌ନିକାଲ ସମସ୍ୟା କହି ଚୁପ୍ ରହୁଥିଲା ବେଳେ ରାଜ୍ୟ ସାକ୍ଷରତା ମିଶନରେ କାର୍ଯ୍ୟରତ କର୍ମଚାରୀ ଇ.ଏସ୍. ବିଜୁମନଙ୍କୁ ଗତ ନଅମାସ ଧରି ଦରମା ନ ମିଳିବାରୁ ସେ ଆତ୍ମହତ୍ୟା କରିବା ପରି ଘଟଣା ଘଟିଛି। ରାଜ୍ୟର ମୋଟ ବ୍ୟୟ ୧୧ହଜାର କୋଟି ଟଙ୍କା ଥିଲାବେଳେ ୨୦୨୧ରେ ନିର୍ବାଚନ (ବିଧାନସଭା) ପୂର୍ବରୁ ରାଜ୍ୟସରକାର ଅଧିକ ଭୋଟ ଆଶାରେ କର୍ମଚାରୀମାନଙ୍କ ବେତନ ଏବଂ ପେନ୍‌ସନ୍ ଅଧିକ ବୃଦ୍ଧି କରିଥିଲେ, ଯାହା ଏବେ ଗଳାର କଣ୍ଟା ହୋଇଛି। ରାଜ୍ୟ ସରକାର ଧନୀଙ୍କ ପାଇଁ ଟିକସଛାଡ ବ୍ୟବସ୍ଥା କରି ଗରିବଙ୍କ ଉପରେ କଠୋର ହୋଇଛନ୍ତି। ପ୍ଲାଣ୍ଟେସନ କ୍ଷେତ୍ରରେ ଥିବା ଟିକସକୁ ଉଠାଇଦେବା ଏବଂ ମଦ ପ୍ରସ୍ତୁତକାରୀଙ୍କ ଉତ୍ପାଦନ ଉପରେ ଟିକସ ହ୍ରାସ ଏହାର ସ୍ପଷ୍ଟ ପ୍ରମାଣ। ଗତ ନଭେମ୍ବର ୨୦୨୩ରେ ମଦ ବ୍ୟବସାୟୀମାନଙ୍କ ଉପରୁ ଟିକସ ହ୍ରାସ କରି ଗ୍ରାହକମାନଙ୍କ ଉପରେ ରାଜ୍ୟ ସରକାର ଟିକସ ବସାଇଛନ୍ତି, ଯାହା ଲୋକଙ୍କ ପାଇଁ କଷ୍ଟକର ସାବ୍ୟସ୍ତ ହୋଇଛି । ୨୦୨୧-୨୨ରେ ରାଜ୍ୟ ସରକାର ୧୬୨୯ କୋଟି ଟଙ୍କା ବ୍ୟୟ କରିବାକୁ ଅସମର୍ଥ ଥିଲେ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କବିତା କୋଣାର୍କ

### ସ୍ୱର୍ଣ୍ଣ ସମାବେଶ

**ଇଂ.ସରୋଜ କୁମାର ଦାଶ**



ଲେଖି ଥିଲେ ନାମ
ଫକୀର ମୋହନରେ
ଊଣେଷ ତେସ୍ତରୀ ବର୍ଷେ
ପଚାଶ ବରଷ
ପୁରିଅଛି ତେଣୁ
ଆଜି ସ୍ୱର୍ଣ୍ଣ ସମାବେଶ ।

ହୁଗୁଳି ଯାଉଛି
ବୁଢା କାଳେ କାହିଁ
ରକତେ ଗଢ଼ା ସମ୍ପର୍କ
ବନ୍ଧୁତା ରହିଛି
ଅତୁଟ ଯେମିତି
ଲୁହା ସହିତ ଚୁମ୍ବକ ।

ଆସିଛନ୍ତି ଦୌଡ଼ି
ସବୁ କାମ ଛାଡି
ଦୂର ଦୁରାନ୍ତରୁ ସାଥୀ
ହାଇଦ୍ରାବାଦରୁ
ଇକବାଲ ଭାଇ
ବମ୍ବେରୁ କିରୀଟ ଗାନ୍ଧୀ ।

ବାଙ୍ଗାଲୋରେ ଥାଇ
ଅସ୍ତବ୍ୟସ୍ତ ହେଲା
ଆମ ସିଂହ ଶମ୍ଭୁନାଥ
ଟିକେଟ କାଟିଛି
ଆସିଛି ଚଢି ସେ
ଇଣ୍ଡିଗୋ ବିମାନ ରଥ ।

ଦେଖି ଦେଲା ପରେ
ସାଙ୍ଗ ଙ୍କୁ ପାଖରେ
କୁରୁଳି ଉଠୁଛି ମନ
ରୋଗ ବ୍ୟାଧି କଷ୍ଟ
ଚାଲିଗଲା କାହିଁ
ଫେରିଲାକି ଯଉବନ !

ଈଶ୍ୱର କୃପାରୁ
ରହିଥାନ୍ତୁ ସର୍ବେ
ସୁସ୍ଥ ଆଉ ଆନନ୍ଦରେ
ଦେଖା ହେବ ପୁଣି
ଆଗାମୀ ଥରକୁ
ବାନ୍ଧିଛୁ ଆଶା ମନରେ ।

+ଭୁବନେଶ୍ୱର

### ସମ୍ପର୍କ

**ହରେରାମ ପଣ୍ଡା**



ସମ୍ପର୍କ ନୁହେଁ ମାଟିର କଣ୍ଢେଇଟିଏ
ଯାହା କେବେ ଗଢିହୁଏ ପୁଣି ଭାଙ୍ଗି ହୁଏ,
ଦୁଇଟି ହୃଦୟର, ଦୁଇଟି ମନ ଓ ପ୍ରାଣର
ନିରୁତା ବିଶ୍ୱାସର ସୂତା ଖିଏ ।

ସମ୍ପର୍କ ନୁହେଁ ତଟିନୀର ପ୍ରଲମ୍ବିତ ଧାରଟିଏ
ଯାହା କେବେ କୂଳ ଲଙ୍ଘେ ପୁଣି ଶୁଖା ପଡ଼ିଥାଏ,
ଶାଶ୍ୱତ ସ୍ୱର ସିଏ ଦୁଇଟି ଭିଜା ମନର
ଆଗକୁ ଆଗକୁ ମାଡି ଚାଲିଥାଏ ।

ସମ୍ପର୍କ ନୁହେଁ ମନଗଢା ଗପଟିଏ
ଯାହା ପଢ଼ିସାରି ଭୁଲିହୁଏ ପୁଣି ଭୁଲି ବି ନହୁଏ,
ଭାବର ଭୂଗୋଳ ସିଏ କାହା ଦୁଃଖ ସୁଖର
ବଞ୍ଚିଥାଏ ନିରବଧି କାଳ ଯାଏ ।

ସମ୍ପର୍କ ନୁହେଁ ଜ୍ୟୋସ୍ନା ପଖଳା ରାତିଟିଏ
କେବେ ମନକୁ ଭିଜାଏ ପୁଣି ତା ବାଟରେ ଚାଲିଯାଏ,
ଦିଗନ୍ତ ବିସ୍ତାରୀ ସାଗର ସିଏ
ଯିଏ ଚିରକାଳ ଉଦ୍ବେଳିତ ହେଉଥାଏ ।

ସମ୍ପର୍କ ନୁହେଁ ବାସ୍ନାୟିତ ଫୁଲଟିଏ
ରାତିରେ ଫୁଟି ପୁଣି ପାହାନ୍ତାରେ ଝଡିଯାଏ,
ରଙ୍ଗ ବେରଙ୍ଗର ଉପବନ ସିଏ
ଯିଏ ମନପ୍ରାଣକୁ ପୁଲକିତ କରୁଥାଏ ।

ସମ୍ପର୍କ ଖୋଜି ପାଇବା ଏମିତି ସହଜ ନୁହେଁ
ସୁନା ରୂପା ହୀରା ମୋତି ଦେଇକି ବି ନୁହେଁ,
ସମ୍ପର୍କ ହେଇଯାଏ ଏମିତି ଏମିତି
ପାଇଗଲେ ମନଲାଖି ମନଟିଏ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
କୁଆଁସ, ମେରଦା କାଟିଆଛକ, ଯାଜପୁର
ମୋ: ୯୪୩୮୦୬୫୧୯୫

### ରାସ୍ତା

**ବୃନ୍ଦାବନ ପ୍ରଧାନ**

ଅସରନ୍ତି ରାସ୍ତାର ମୁଁ ତ
ଏକ ନିଃସଙ୍ଗ ପଦାତିକ
ଅଥଚ ମୋ ନୈପଥ୍ୟରେ
ଆସନ୍ତି ଯାଆନ୍ତି ଅନେକ।

ରାସ୍ତା ସରେ ନାହିଁ ସରେ ନାହିଁ ମନ
ଯିବାପାଇଁ ଆଗକୁ ବ୍ୟାକୁଳ ଜୀବନ
କେବେ ପହଞ୍ଚିବି ସେ ଗନ୍ତବ୍ୟ ସ୍ଥଳକୁ
ଆସିବ ସେ ଦିନ କେବେ ଏ ଜୀବନକୁ

ଦୁର ଦୀଗବଳୟ ଝାପସା ଦିଶୁଥାଏ
ରାସ୍ତା ଅତିକ୍ରମି ଆୟୁ ସରି ଯାଏ
ରାସ୍ତା ଦେଖିଛିମୋ ଶୈଶବ ଯଉବନ
ଲକ୍ଷ୍ୟ ଉଦ୍ଦେଶ୍ୟରେ ବ୍ୟାକୁଳ ଏ ମନ

ସେଇ ଲମ୍ବା ରାସ୍ତା ଲଂଘିବି କିପରି
ଦିନ ରାତି ମାସ ବର୍ଷ ଯାଏ ସରି
ଏକମାତ୍ର ରାସ୍ତାରୁ ପ୍ରଭୁକର ପାରି
ବିଭୂଙ୍କ ଦୟାରୁ ରାସ୍ତା ଯାଉ ସରି ।

ବାଉଲସିଁହା ଭଟଲି ବରଗଡ଼



# ବାପା ଓ ମା'ଙ୍କୁ ଛାଡ଼ି ବିଦେଶ ଚାଲିଯିବେ ଆରାଧ୍ୟା

ପିଲାଟି ଦିନରୁ ଆଜିପର୍ଯ୍ୟନ୍ତ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାଏ ଓ ଅଭିନେତା ଅଭିଷେକ ବଚ୍ଚନ ଘରୁ ବାହାରି କୌଣସି ସ୍ଥାନକୁ ଯିବା ସମୟରେ ତାଙ୍କ ଝିଅ ଅରଧାଙ୍କ ହାତ କେବେ ବି ଛାଡ଼ି ନାହାନ୍ତି। ସେ ଜନ୍ମଦିନ ଭୋଜି ହେଉ କି ବିବାହ ଉତ୍ସବ କି ଅନ୍ୟ କୌଣସି କାର୍ଯ୍ୟକ୍ରମରେ ସବୁବେଳେ ମା'ଐଶ୍ୱର୍ଯ୍ୟ ନଚେତ ବାପା ଅଭିଷେକ ଆରଧାଙ୍କ ହାତ ଧରି ଯାଉଥିବା ଦେଖିବାକୁ ମିଳିଛି। ତେବେ ଖବର ମିଳିଛି କି ଆରଧା ଜେଜେବାପା ଅମିତାଭ ବଚ୍ଚନ , ଜେଜେମା' ଜୟାବଚ୍ଚନ ଏବଂ ବାପା ଓ ମା'ଙ୍କୁ ଛାଡ଼ି ବିଦେଶ ଚାଲିଯିବେ। ବିଦେଶ ଯିବାର କାରଣ ହେଉଛି ଆରଧା ତାଙ୍କର ଆଗାମୀ ପାଠପଢ଼ା ବିଦେଶରେ ହିଁ କରିବେ। ସମ୍ପ୍ରତି ଆରଧା ଧୀରୁଭାଇ ଅମ୍ବାନି ସ୍କୁଲରେ ପାଠପଢୁଛନ୍ତି। ଚଳିତ ପରୀକ୍ଷା ଶେଷ ହେବା ପରେ ଆରଧା ୧୦ମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଯିବେ। ଏହାପରେ ସେ ଲଣ୍ଡନ ନଚେତ ନ୍ୟୁୟର୍କରେ ତାଙ୍କର ଆଗାମୀ ପାଠପଢ଼ା ପାଇଁ ଯୋଜନା ରଖିଛନ୍ତି। ଆରଧା କେବେ ବିଦେଶ ଯିବେ ସେନେଇ ସୁନିଶ୍ଚିତ ତାରିଖ ଏଯାବତ ଜଣାପଡ଼ିନାହିଁ। ଏହି ଖବର ସାମ୍ନାକୁ ଆସିବା ପରେ ଲୋକେ ପ୍ରଶ୍ନ କରିଛନ୍ତି, ଅନ୍ୟ ଷ୍ଟାରକିଡଙ୍କ ଭଳି ଆରଧାଙ୍କୁ ଏକା ଯାଉଥିବା କେବେ ଦେଖିବାକୁ ମିଳିନାହିଁ। ସବୁବେଳେ ସେ ତାଙ୍କ ବାପା ଓ ମା'ଙ୍କ ଛତ୍ରଛାୟା ତେଳେ ଚାଲି ଥାଆନ୍ତି। ଏଭଳି ସମୟରେ ଏକମାତ୍ର ସନ୍ତାନ ଥିବା ଆରଧା ବିଦେଶ ଚାଲିଗଲେ ବାପା ଅଭିଷେକ ଓ ମା' ଐଶ୍ୱର୍ଯ୍ୟାଙ୍କୁ ନିଷ୍ଚୟ ଦୁଃଖ ଲାଗିବ। ଏହି କ୍ରମରେ କିଛିଲୋକ ଟ୍ରୋଲ କରି କହିଛନ୍ତି, ବାପା ଓ ମା'ଙ୍କ ହାତ ଧରି ସବୁବେଳେ ଚାଲୁଥିବା ଝିଅ ବିଦେଶରେ ଏକା ରହି ପାରିବ ତ?

# ବାହା ହେଲେ ଅଦିତି ଓ ସିଦ୍ଧାର୍ଥ



ବାହା ହେଲେ ଅଭିନେତ୍ରୀ ଅଦିତି ରାଓ ହୈଦରୀ ଓ ଅଭିନେତା ସିଦ୍ଧାର୍ଥ। ଗତ ମଙ୍ଗଳବାର ତେଲଙ୍ଗାନାର ଶ୍ରୀରଙ୍ଗପୁର ସ୍ଥିତ ଶ୍ରୀ ରଙ୍ଗନାୟକସ୍ୱାମୀ ମନ୍ଦିରରେ ସେମାନଙ୍କ ବିବାହ ସମ୍ପନ୍ନ ହୋଇଛି। ପରିବାର ଲୋକ ଓ ଘନିଷ୍ଠ ବନ୍ଧୁମାନଙ୍କ ଉପସ୍ଥିତିରେ ସେମାନଙ୍କ ବିବାହ ହୋଇଥିଲା। ଏହି ବିବାହ ନେଇ ଖୁବ୍‌ଶୀଘ୍ର ଉଭୟ ଆନୁଷ୍ଠାନିକ ଭାବେ ଘୋଷଣା କରିବେ ବୋଲି ଜଣାପଡ଼ିଛି। ଅଦିତି ଓ ସିଦ୍ଧାର୍ଥ ପ୍ରାୟ ୩ ବର୍ଷ ହେଲା ରିଲେସନ୍‌ଶିପ୍‌ରେ ଥିଲେ। ୨୦୨୧ରେ ଉଭୟ ତାମିଲ ଓ ତେଲୁଗୁ ଭାଷାରେ ନିର୍ମିତ ଫିଲ୍ମ 'ମହା ସମୁଦ୍ରମ୍'ରେ ଅଭିନୟ କରିଥିଲେ। ଏହି ଫିଲ୍ମରେ କାମ କରିବା ସମୟରେ ସେମାନେ ପରସ୍ପରକୁ ଡେଟ୍ କରୁଥିଲେ। ତେବେ ସେତେବେଳେ ଏ ବିଷୟରେ କେହି ଜାଣିପାରି ନଥିଲେ। କିନ୍ତୁ ପରେ ପରେ ସେମାନଙ୍କୁ ବିଭିନ୍ନ ଫିଲ୍ମର ପ୍ରିମିୟର ଶୋ', ପୁରସ୍କାର ଉତ୍ସବ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଏକାଠି ଦେଖିବାକୁ ମିଳିଥିଲା। ଏହା ପରେ ସେମାନଙ୍କ ସଂପର୍କକୁ ନେଇ ଚର୍ଚ୍ଚା ହୋଇଥିଲା। ଅଦିତି ପୂର୍ବରୁ ଅଭିନେତା ସତ୍ୟଦୀପ ମିଶ୍ରାଙ୍କୁ ବିବାହ କରିଥିଲେ। ସିଦ୍ଧାର୍ଥଙ୍କୁ ଶେଷ ଥର ପାଇଁ ତାମିଲ ଫିଲ୍ମ 'ଚିତା'ରେ ଦେଖିଥିଲେ ଦର୍ଶକ। ଫିଲ୍ମଟି ବେଶ୍ ପ୍ରଶଂସିତ ହୋଇଥିଲା। ଅନ୍ୟପକ୍ଷରେ ଅଦିତିଙ୍କୁ ଶେଷ ଥର ପାଇଁ ତାମିଲ ଫିଲ୍ମ 'ହେ ସିନାମିକା'ରେ ଦେଖିବାକୁ ମିଳିଥିଲା। ଆଗକୁ ଅଦିତିଙ୍କୁ ସଞ୍ଜୟ ଲୀଲା ଭଂଶାଳିଙ୍କ ଫିଲ୍ମ 'ହୀରାମଣ୍ଡି'ରେ ଦେଖିବାକୁ ପାଇବେ ଦର୍ଶକ। ତାଙ୍କର ଆଉ ଦୁଇଟି ଫିଲ୍ମ ମଧ୍ୟ ଆଗକୁ ଆସିବ।



# ବାହା ହେଲେ ତାପସୀ ପନ୍ନୁ

ବଲିଉଡ ଅଭିନେତ୍ରୀ ତାପସୀ ପନ୍ନୁ ବିବାହ କରିଛନ୍ତି। ସେ ତାଙ୍କର ଦୀର୍ଘ ଦିନର ପ୍ରେମିକ ତଥା ବ୍ୟାଡମିଣ୍ଟନ ଖେଳାଳି ମାଥିଆସ୍ ବୋଙ୍କ ହାତ ସାତ ଜନ୍ମ ପାଇଁ ଧରିଛନ୍ତି। ମାର୍ଚ୍ଚ ୨୩ରେ ଉଦୟପୁରରେ ଉଭୟଙ୍କ ବିବାହ ଶେଷ ହୋଇଛି। ବିବାହ ଉତ୍ସବରେ ତାପସୀ ଓ ମାଥିଆସଙ୍କ ଘନିଷ୍ଠ ବନ୍ଧୁ ଏବଂ ପରିବାର ଲୋକ ଉପସ୍ଥିତ ରହିଥିଲା।

ଅନୁରାଗ କଶ୍ୟପ ଓ କନିକା ଧିଲନଙ୍କ ଭଳି କିଛି ହାତ ଗଣତି ସେଲେବ୍ରିଟି ବାହାଘର ଉତ୍ସବରେ ଯୋଗ ଦେଇଥିଲେ। ଥାପଡରେ ତାପସୀଙ୍କ ସହ ଅଭିନୟ କରିଥିବା ପାବିଲ ଗୁଲାଟି ବାହାଘର ପାର୍ଟିର ଗୋଟିଏ ଫଟୋ ଶେୟାର କରିଛନ୍ତି। ଫଟୋରେ କମେଡିଆନ ଅଭିଲାଶ ଥାପିୟାଲଙ୍କୁ ଦେଖିବାକୁ ମିଳିଛି।

ତାପସୀ ଓ ମାଥିଆସ ବହୁତ କମ ଲୋକଙ୍କ ଉପସ୍ଥିତିରେ ବାହା ହୋଇଥିଲେ ମଧ୍ୟ ମୁମ୍ବାଇରେ ଭୋଜି ଦେବେ। ଏଥିରେ ଉଭୟଙ୍କ ବନ୍ଧୁ ଓ ସହକର୍ମୀମାନେ ସାମିଲ ହେବେ। ଉଭୟ ଖୁବଶୀଘ୍ର ରିସେପସନ ପାର୍ଟିର ତାରିଖ ଘୋଷଣା କରିବେ ବୋଲି ଜଣାପଡ଼ିଛି।

ପାବିଲ ଗୁଲାଟି ବାହାଘର ପାର୍ଟିର ଫଟୋ ଶେୟାର କରି ଲେଖିଛନ୍ତି ଯେ "ଟ୍ୱିଙ୍କିଲ ଟ୍ୱିଙ୍କିଲ ଲିଟଲ ଷ୍ଟାର, ଆମେ ଜାଣିନୁ ଆମେ କେଉଁଠି।" ୧୦ ବର୍ଷରୁ ଅଧିକ ସମୟ ହେଲା ମାଥିଆସ ଓ ତାପସୀ ପରସ୍ପରକୁ ଭଲ ପାଉଥିଲେ। କିନ୍ତୁ ସେମାନେ କେବେ ହେଲେ ଏକଥା ଖୋଲାଖୋଲି ଭାବେ ପ୍ରକାଶ କରିନଥିଲେ।

ତାପସୀ ଓ ମାଥିଆସ ବୋ ପ୍ରଥମେ ପରସ୍ପରକୁ ୨୦୧୩ରେ ଭେଟିଥିଲେ। ଇଣ୍ଡିଆନ ବ୍ୟାଡମିଣ୍ଟନ ଲିଗରେ ଉଭୟ ପରସ୍ପରକୁ ଦେଖିବା ପରେ ପ୍ରେମରେ ପଡ଼ି ଯାଇଥିଲେ। ଉଭୟଙ୍କୁ ଅନେକ ଥର ବିଭିନ୍ନ ସ୍ଥାନରେ ଏକାଠି ଦେଖିବାକୁ ମିଳିଥିଲା।

କିଛି ସପ୍ତାହ ପୂର୍ବରୁ ଖବର ପ୍ରକାଶ ପାଇଥିଲା ଯେ ତାପସୀ-ମାଥିଆସଙ୍କ ବାହାଘର ଶିଖ-ଖ୍ରୀଷ୍ଟିୟାନ ଫ୍ୟୁଜନରେ ହେବ। ପ୍ରି-ୱେଡିଂ କାର୍ଯ୍ୟକ୍ରମ ୨୦ ତାରିଖରୁ ଆରମ୍ଭ ହେବ ଓ ମାର୍ଚ୍ଚ ୨୩ରେ ଦୁଇ ଜଣ ପରସ୍ପରର ହାତ ଧରିବେ। ସତକୁ ସତ ତାପସୀ-ମାଥିଆସ ଏବେ ମାର୍ଚ୍ଚ ୨୩ରେ ବାହା ହୋଇଛନ୍ତି। ଲେଖିକା କନିକା ଅନେକ ସିନେମାରେ ତାପସୀଙ୍କ ସହ କାମ କରିଛନ୍ତି। ସେ ତାଙ୍କ ସ୍ୱାମୀ ହିମାଂଶୁ ଶର୍ମାଙ୍କ ସହ ଉଦୟପୁରରେ ଅନୁଷ୍ଠିତ ବାହାଘରରେ ସାମିଲ ହୋଇଥିଲେ। ହସୀନ ଦିଲରୁବା, ମନମରଜିଆଁ, ଡଙ୍କି ଓ ଫିର ଆୟେ ହସୀନ ଦିଲରୁବା ଭଳି ସିନେମାରେ ତାପସୀ-କନିକା କାମ କରିଛନ୍ତି।

# ଏକନାଥଙ୍କ ଶିବସେନା ଟିକେଟରେ ଲୋକସଭା ନିର୍ବାଚନ ଲଢ଼ିବେ ଗୋବିନ୍ଦା !

ନିର୍ବାଚନ ଲଢ଼ିବେ ବଲିଉଡ ଷ୍ଟାର ଗୋବିନ୍ଦା। ଗତ କିଛି ଦିନ ହେବ ସେ ରାଜନୀତିକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଚର୍ଚ୍ଚା ଜୋର ଧରିଥିବା ବେଳେ ଏବେ କୁହାଯାଉଛି ଯେ, ଅଭିନେତା ଶିବସେନାରେ ଯୋଗ ଦେଇ ଲୋକସଭା ନିର୍ବାଚନ ଲଢ଼ିବେ। ଗତକାଲି ରାତିରେ ଗୋବିନ୍ଦା, ଶିବସେନା ନେତା କୃଷ୍ଣ ହେଗଡେଙ୍କୁ ଭେଟିବା ପରେ ଏଭଳି ଚର୍ଚ୍ଚା ଆରମ୍ଭ ହୋଇଛି । ଏବିଷୟରେ ପଚରାଯିବାରୁ କୃଷ୍ଣ ହେଗଡେ ଫୋନରେ କହିଛନ୍ତି ଯେ ଗୋବିନ୍ଦା ଜାତୀୟ ସ୍ତରରେ କାମ କରିବାକୁ ଚାହୁଁଛନ୍ତି। ଆସନ କିମ୍ବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ କି ନାହିଁ ସେ ବିଷୟରେ ମୁଁ କୌଣସି ମନ୍ତବ୍ୟ ଦେବି ନାହିଁ। ଲୋକସଭା ନିର୍ବାଚନକୁ ନେଇ କଳ୍ପନାଜଳ୍ପନା ଚାଲିଛି ଯେ ଅଭିନେତା ଗୋବିନ୍ଦା ୨୦୨୪ରେ ହେବାକୁ ଥିବା ଲୋକସଭା ନିର୍ବାଚନ ପୂର୍ବରୁ ରାଜନୀତିକୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ଏହା ସହ ଉତ୍ତର-ପଶ୍ଚିମ ମୁମ୍ବାଇ ଲୋକସଭା ଆସନରୁ ଏକନାଥ ସିନ୍ଦେଙ୍କ ଶିବସେନା ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି। ବଡ ପରଦାରେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରି ସମସ୍ତଙ୍କ ମନୋରଞ୍ଜନ କରିଥିଲେ ଗୋବିନ୍ଦା। ତାଙ୍କର ଅଭିନୟ ଦକ୍ଷତା ବଲିଉଡରେ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ୨୦୦୪ଲୋକସଭା ନିର୍ବାଚନରେ ସେ ଉତ୍ତର ମୁମ୍ବାଇର ଆସନ ଜିତି କଂଗ୍ରେସ ପାର୍ଟି ସହିତ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ତେବେ ପରେ କିଛି କାରଣରୁ ସେ ସ୍ୱେଚ୍ଛାକୃତ ଭାବେ ରାଜନୀତିରୁ ଇସ୍ତଫା ଦେଇଥିଲେ।

# ରାତି ଅଧରେ ହୁକ୍କା ବାରରେ ରେଡ; ମୁନାୱ୍ୱାର ଫାରୁକି ଅଟକ



ଟବାକୋରେ ନିକୋଟିନ ମିଶାଇ ସେବନ କରିବା ଅଭିଯୋଗରେ ଷ୍ଟାଣ୍ଡ ଅପ କମେଡିଆନ ତଥା ବିଗ ବସ ବିଜେତା ମୁନାୱ୍ୱାର ଫାରୁକି ଅଟକ । ମୁମ୍ବାଇରେ ଏକ ହୁକ୍କା ବାରରେ ରେଡ ବେଳେ ମୁନାୱ୍ୱାରଙ୍କ ସମେତ ୧୪ ଜଣଙ୍କୁ ଗତ ରାତିରେ ଅଟକ ରଖିଥିଲା ପୁଲିସ । ପଚରାଉଚରା ପରେ ମୁନାୱ୍ୱାରଙ୍କୁ ନୋଟିସ ଦେଇ ଛାଡି ଦେଇଛି ମୁମ୍ବାଇ ପୁଲିସ । ମାମଲାରେ ତଦନ୍ତ ଜାରି ରହିଛି । ଦକ୍ଷିଣ ମୁମ୍ବାଇର ଏକ ବାରରେ ଗତ ରାତିରେ ପୁଲିସ ଚଢାଉ କରିଥିଲା । ସେଠାରେ ଟବାକୋ ସାମଗ୍ରୀରେ ନିକୋଟିନ ମିଶାଇ ଭିନ୍ନ ଉପାୟରେ ସେବନ ହେଉଥିବା ନେଇ ଖବର ମିଳିବା ପରେ ପୁଲିସ ଚଢାଉ କରିଥିଲା । ସେଠାରୁ ମୁନାୱ୍ୱାରଙ୍କ ସମେତ ୧୪ ଜଣଙ୍କୁ ଧରି ସେମାନଙ୍କର ମେଡିକାଲ ଟେଷ୍ଟ କରାଯାଇଥିଲା। ମୁନାୱ୍ୱାରଙ୍କର ପଜିଟିଭି ରିପୋର୍ଟ ଆସିବା ପରେ ତାଙ୍କଠୁ କିଛି ଜୋରିମାନା ନେଇ ଛଡାଯାଇଛି। ଗତ ରାତି ପ୍ରାୟ ସାଢେ ୧୦ଟାରୁ ଆରମ୍ଭ ହୋଇଥିବା ଏହି ଚଢ଼ାଉ ଆଜି ଭୋର ୫ଟା ପର୍ଯ୍ୟନ୍ତ ଚାଲିଥିଲା। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ରିଆଲିଟି ସୋ ବିଗବସର ୧୭ ତମ ସିଜନରେ ମୁନୱ୍ୱାର ଫାରୁକି ବିଜୟୀ ହୋଇଥିଲେ । ପୂର୍ବରୁ ବିଗବସି ଓଟିଟି ବିଜେତା ଏଲଭିସ ଯାଦବ ମଧ୍ୟ ସାପ ବିଷରେ ନିଶା କରୁଥିବା ନେଇ ଅଭିଯୋଗ ହୋଇଥିଲା । ମାମଲାରେ ସେ ଗିରଫ ହୋଇଥିବା ବେଳେ ଏବେ ଜାମିନରେ ଅଛନ୍ତି ।

ଯେତେବେଳେ ବି ଜଣେ ଅଭିନେତାଙ୍କ କ୍ୟାରିୟର ବିଷୟରେ ଆଲୋଚନା ହୁଏ, ଲୋକମାନେ ସର୍ବଦା ଭାବନ୍ତି ଯେ ସେ ତାଙ୍କ ବାପାମାଆଙ୍କ କାରଣରୁ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିଥିଲେ, କିନ୍ତୁ ଶାହୀଦ ଏହିସବୁକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରନ୍ତି। ତେବେ ଆସନ୍ତୁ ଜାଣିବା ଅଭିନେତା ଏହାକୁ ନେଇ କ'ଣ କୁହନ୍ତି। ଶାହୀଦ କପୁର ବର୍ତ୍ତମାନ ବଲିଉଡର ଅନ୍ୟତମ ଚାହିଦା ଅଭିନେତା। ତାଙ୍କର ପୂର୍ବ ରିଲିଜ୍ ଫିଲ୍ମ 'ତେରି ବାତୋ ମେ ଐସା ଉଲ୍‌ଝା ଦିୟା' ଦର୍ଶକଙ୍କ ଠାରୁ ଭଲ ପ୍ରତିକ୍ରିୟା ପାଇଛି। ଏହି ଫିଲ୍ମରେ କ୍ରିତି ସାନନ୍ ମଧ୍ୟ ମୁଖ୍ୟ ଭୂମିକାରେ ଥିଲେ। ଯେତେବେଳେ ବି ଜଣେ ଅଭିନେତାଙ୍କ କ୍ୟାରିୟର ବିଷୟରେ ଆଲୋଚନା ହୁଏ, ଲୋକମାନେ ସର୍ବଦା ଭାବନ୍ତି ଯେ ସେ ତାଙ୍କ ବାପାମାଆଙ୍କ କାରଣରୁ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିଥିଲେ, କିନ୍ତୁ ଶାହୀଦ ଏହିସବୁକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରନ୍ତି। ତେବେ ଆସନ୍ତୁ ଜାଣିବା ଅଭିନେତା ଏହାକୁ ନେଇ କ'ଣ କୁହନ୍ତି। ନେହା ଧୁପିଆଙ୍କ ଶୋ' 'ନୋ ଫିଲ୍ଟର ନେହା'ରେ ନେହା ସହ କଥାବାର୍ତ୍ତା ବେଳେ ଶାହୀଦ କପୁର କହିଛନ୍ତି ଯେ ସମସ୍ତେ ତାଙ୍କୁ 'ପଙ୍କଜ କପୁରଙ୍କ ପୁଅ' ବୋଲି ଡାକନ୍ତି କିନ୍ତୁ ତାଙ୍କୁ ଲାଗେ ସାଧାରଣ କଳାକାରଙ୍କ ତୁଳନାରେ କେବଳ ସୁପରଷ୍ଟାରଙ୍କ ଦର୍ଶକଙ୍କ ଉପରେ ବିଶେଷ ପ୍ରଭାବ ପଡିଥାଏ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଯଦି କେହି ବିଏମଡବ୍ଲ୍ୟୁ କାରରେ ସଂଘର୍ଷ କରିବା ଆରମ୍ଭ କରନ୍ତି ଏବଂ ତା'ପରେ ଆଉ ଏକ ବିଏମଡବ୍ଲ୍ୟୁ କିଣିବା ଆରମ୍ଭ କରନ୍ତି ତେବେ ଏହା କୌଣସି ମଜା ନୁହେଁ। ସେ କହିଛନ୍ତି ଯେ ସଫଳତାକୁ ଉପଭୋଗ କରିବା ପାଇଁ ଟ୍ରେନ୍‌ରେ ଯାତ୍ରା କରିବା ଏବଂ ଟଙ୍କା ପାଇଁ ସଂଘର୍ଷ କରିବାକୁ ପଡେ। ତାଙ୍କ କ୍ୟାରିୟର ଆରମ୍ଭକୁ ମନେପକାଇ ସେ କହିଛନ୍ତି, "ଯେତେବେଳେ ଆପଣ ଅସୁବିଧାରୁ ଆରମ୍ଭ କରନ୍ତି, ଆପଣଙ୍କୁ ଶେଷ ଧାଡିରେ



ରହିବାକୁ ପଡିବ। ତେଣୁ ଭୁଲିଯାଆନ୍ତୁ ଯେ ଆପଣ ଯିବେ ଏବଂ ଆପଣଙ୍କୁ ଜଣେ ଷ୍ଟାରଙ୍କ ପଛରେ ଠିଆକରେଇ ଦିଆଯିବ। ଅନ୍ୟ ସମସ୍ତଙ୍କ ପରି, ଆପଣ ସହ-କଳାକାରମାନଙ୍କ ପଛରେ ରହିବେ। ଆପଣଙ୍କୁ ନିଜ କାମରୁ ଆଗକୁ ଆସିବାକୁ ଅଧିକାର ନେବାକୁ ହେବ ଏବଂ ଏହା ମୋତେ ପସନ୍ଦ।" ନିଜ ବାପାମାଆଙ୍କ ଅଲଗା ହେବା ବିଷୟରେ ଶାହୀଦ ମଧ୍ୟ ସ୍ୱୀକାର କରିଛନ୍ତି ଯେ ସେହି ସମୟ ମଧ୍ୟରେ ସେ ନିଜ ପାଇଁ ଗର୍ବିତ ହୋଇଥିଲେ ଏବଂ କାହାକୁ କିଛି କହିବାକୁ ଚାହୁଁ ନଥିଲେ। ତାଙ୍କର ପ୍ରଥମ ଫିଲ୍ମରେ ଦସ୍ତଖତ କରିବା ପରେ ସେ ତାଙ୍କ ବାପାଙ୍କୁ ଏହା କହିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି, "ବାସ୍ତବରେ ମୁଁ ମଧ୍ୟ ବାହାରୁ ଆସିଛି, କାରଣ ମୁଁ ମା'ଙ୍କ ସହ ଦିଲ୍ଲୀରୁ ବମ୍ବେକୁ ଆସିଥିଲି ଏବଂ ତା'ପରେ ମୁଁ ସଂଘର୍ଷ କରିଥିଲି। ମୋର କୌଣସି ଚ୍ୟାନେଲ ନଥିଲା। ପ୍ରତିଭାକୁ ଯେତିକି ସୁଯୋଗ ଦିଆଯାଉ ନାହିଁ ସେତିକି ସୁଯୋଗ ଦିଆଯିବା ଉଚିତ ଏବଂ ମୁଁ ଗର୍ବିତ ଯେ ମୁଁ ଏଠାରେ କରିଥିବା କାମ ହେତୁ ଏଠାରେ ଅଛି, ଯାହା ମୁଁ କରିଛି ଏବଂ ସେହି ଅଭିନେତାଙ୍କ ହେତୁ ଯାହା ମୁଁ ହେବାକୁ ଶିଖିଛି।"

# ନେପୋଟିଜିମ୍‌କୁ ନେଇ ଶାହୀଦଙ୍କ କଡା ପ୍ରହାର; କହିଲେ କେହି ବିଏମଡବ୍ଲ୍ୟୁ ସହିତ ସଂଘର୍ଷ କରେନି

# ସାଉଥ ସୁପରଷ୍ଟାର ରାମଚରଣ ଦେଲେ ବିଗ୍ ସରପ୍ରାଇଜ

ହୋଲିରେ ନିଜ ଫ୍ୟାନ୍ସଙ୍କୁ ବିଗ୍ ସରପ୍ରାଇଜ ଦେଇଛନ୍ତି ସାଉଥ ସୁପରଷ୍ଟାର ତଥା ଆରଆରଆର୍ ଫେମ୍ ରାମଚରଣ । ଏନେଇ ସେ ନିଜ ସୋଶାଲ ମିଡିଆ ଆକାଉଣ୍ଟ ଇନଷ୍ଟଗ୍ରାମ୍‌ରେ ଦେଇଛନ୍ତି ସୂଚନା । ରାମଚରଣଙ୍କ ସୂଚନା ଅନୁଯାୟୀ, ନିଜ ଆଗାମୀ ପ୍ରୋଜେକ୍ଟରେ ସେ 'ପୁଷ୍ପା' ନିର୍ଦ୍ଦେଶକ ସୁକୁମାରଙ୍କ ସହ ଦେଖାଇବେ ଜଲୱା। ସୁକୁମାରଙ୍କ ନିର୍ଦ୍ଦେଶିତ ଫିଲ୍ମରେ ବଡ଼ ପରଦାରେ ରାମଚରଣଙ୍କ ଆକ୍ସନ ଦେଖିବେ ଫ୍ୟାନ୍ସ। ରାମଚରଣ ନିଜ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ସୁକୁମାରଙ୍କ ସହ ଦୁଇଟି ଫଟୋ ପୋଷ୍ଟ କରିଛନ୍ତି। ପ୍ରଥମ



ପୋଷ୍ଟରେ ଉଭୟ ରାମଚରଣ ଓ ସୁକୁମାର ପରସ୍ପରକୁ ହୋଲି ଅବସରରେ ରଙ୍ଗ ବୋଲି ଅଭିନନ୍ଦନ ଜଣାଉଛନ୍ତି। ଦ୍ୱିତୀୟ ଫଟୋରେ ସେ ନିଜ ଅପକମିଙ୍ଗ ମୁଭିର ଫାଷ୍ଟ ଲୁକ୍ ପୋଷ୍ଟର ଶେଆର କରିଛନ୍ତି। ଏଥିସହ କ୍ୟାପସନ୍‌ରେ ସେ ଲେଖିଛନ୍ତି, **#RC17 the force reunites."**

# ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ବିଭିନ୍ନ ଜନଦାବିରେ ପରିବର୍ଦ୍ଧିତ ବୈଠକ



ବାଲେଶ୍ୱର, ୨୮/୩ (ନି.ପ୍ର): ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ପରିବର୍ଦ୍ଧିତ ବୈଠକ ସ୍ଥାନୀୟ ନୃତ୍ୟ-ସଂଗୀତ-କଳା ମନ୍ଦିର ପରିସରରେ ଥିବା ନିଜସ୍ୱ କାର୍ଯ୍ୟାଳୟରେ ବୁଧବାର ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମଞ୍ଚର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଦିବଂଗତ ବର୍ଷୀୟାନ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଡ. ଦାମୋଦର ରାଉତଙ୍କ ବିୟୋଗରେ ଶୋକପ୍ରସ୍ତାବ ଗୃହୀତ ହୋଇଥିଲା। ସାଧାରଣ ସଂପାଦକ ଦାମୋଦର ନାୟକ ମଞ୍ଚର ଦୀର୍ଘଦିନର ଦାବି ସହ କେତେକ ଜନଦାବି ଉପରେ ନିଷ୍ପତ୍ତି ନେବାକୁ ବୈଠକରେ ପ୍ରସ୍ତାବ ଆଗତ କରିଥିଲେ।

ମଞ୍ଜୁରୀପ୍ରାପ୍ତ ସମନ୍ୱିତ ବହୁମୁଖୀ ପ୍ରକଳ୍ପ (ଆଇ.ଆଇ.ସି.) ନିର୍ମାଣ କାର୍ଯ୍ୟରେ ଜିଲ୍ଲା ପ୍ରଶାସନର ଚରମ ଅବହେଳାକୁ ବୈଠକରେ ବହୁ ସଭ୍ୟ ସମାଲୋଚନା କରିଥିଲେ। ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇସାରିଥିବାବେଳେ ବାଲେଶ୍ୱର ଜିଲ୍ଲାରେ ଭୂମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇପାରିନଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଉପସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସୀତାରାମ ପ୍ରଧାନ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ଜେନା, କୋଷାଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଘୋଷ ପ୍ରମୁଖ ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନଗତ ସୁବିଧାସୁଯୋଗ ଓ ସହାୟତା ବାବଦରେ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ତରଫରୁ କରାଯାଉନଥିବାର ଅଭିଯୋଗ କରିଥିଲେ। ବରିଷ୍ଠ ନାଗରିକମାନଙ୍କ ପାଇଁ ଥିବା ସବ୍‌ଡିଭିଜନ୍‌ସ୍ତରୀୟ ଟ୍ରିବ୍ୟୁନାଲ୍ କାର୍ଯ୍ୟକ୍ରମ ହେଉନଥିବାରୁ ଜିଲ୍ଲାର ବହୁ ବରିଷ୍ଠ ନାଗରିକମାନେ ସେମାନଙ୍କ ସମସ୍ୟା ନେଇ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ଜିଲ୍ଲାର ଉପାନ୍ତ ଅଞ୍ଚଳରୁ ଜିଲ୍ଲା ସଦର ମହକୁମାକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ବରିଷ୍ଠ ନାଗରିକମାନଙ୍କ ବିଶ୍ରାମ ପାଇଁ ଜିଲ୍ଲାପାଳଙ୍କୁ ବହୁବାର ଆବେଦନ କଲେ ମଧ୍ୟ ଏକ କୋଠରୀ ପ୍ରଦାନ କରାଯାଇପାରିଲା ନାହିଁ। ଜିଲ୍ଲା ମୁଖ୍ୟ କେନ୍ଦ୍ରରେ ଥିବା ସମସ୍ତ ବିଚାର ବିଭାଗୀୟ ଅଦାଲତଗୁଡ଼ିକୁ ଗୋଟିଏ ପରିସରରେ ରଖିବା ପାଇଁ ଜୁଡ଼ିସିଆଲ୍ ହବ୍ ନିର୍ମାଣ ପାଇଁ ଆଇ.ଟି.ଆଇ. ନିକଟସ୍ଥ ଜଳସେଚନ କାର୍ଯ୍ୟାଳୟ ପରିସରରେ ଚିହ୍ନଟ କରାଯାଇଥିବାବେଳେ ଏହାକୁ ପୁନଶ୍ଚ ଜିଲ୍ଲା ମୁଖ୍ୟ ଦପ୍ତରରୁ ପ୍ରାୟ ୧୩ କିଲୋମିଟର ଦୂର ବିଦ୍ୟାଧରପୁରକୁ ସ୍ଥାନାନ୍ତର ପ୍ରସ୍ତାବକୁ ବୈଠକରେ ଦୃଢ଼ ବିରୋଧ କରାଯାଇଛି। ବାଲେଶ୍ୱର ରେଳଷ୍ଟେସନର ଆଧୁନିକୀକରଣ ସହ ପଶ୍ଚିମପଟକୁ ପ୍ଲାଟ୍‌ଫର୍ମ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ଦିଆଯାଇଥିଲେ ମଧ୍ୟ ଏହି କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇପାରି ନାହିଁ। ସେହିପରି ରେଳବିଭାଗ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ରେଳଯାତ୍ରାରେ ଦିଆଯାଉଥିବା ରିହାତିକୁ ସଂପୃକ୍ତ ବିଭାଗ ବହୁ ଦାବି ପରେ ବି ପୁନଃପ୍ରଚଳନ କରୁନାହାନ୍ତି। ଫକୀରମୋହନ ମେଡିକାଲ୍ କଲେଜ୍ ସଂଲଗ୍ନ ୬୫୦ ଶଯ୍ୟାବିଶିଷ୍ଟ ହସପିଟାଲ୍‌କୁ ମାତ୍ର ୫ଟି ବିଭାଗ ସ୍ଥାନାନ୍ତରଣ କରାଯାଇଥିବାବେଳେ ଅନ୍ୟ ବିଭାଗ ଗୁଡ଼ିକ ତୁରନ୍ତ ସେହି ପରିସରରେ କାର୍ଯ୍ୟକ୍ଷମ କରିବାକୁ ଓ ମେଡିକାଲ୍ କଲେଜ୍ ହସପିଟାଲ୍‌କୁ ଜାତୀୟ ରାଜପଥରୁ ସଂଯୋଗୀକରଣ ନିମିତ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇଥବାରୁ ଏହା ତୁରନ୍ତ ଆରମ୍ଭ କରିବାକୁ ବୈଠକରେ ଦାବି କରାଯାଇଛି। ଏମ୍‌ସ୍ ସାଟେଲାଇଟ୍ ସେଣ୍ଟରର ବହିର୍ବିଭାଗ ସପ୍ତାହରେ ମାତ୍ର ୨ ଦିନ କାର୍ଯ୍ୟକ୍ଷମ ହେଉଥିବାରୁ ଏହାକୁ ୭ଦିନ କାର୍ଯ୍ୟକ୍ଷମ ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ଆଗାମୀ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ସବୁ ରାଜନୈତିକ ଦଳର ପ୍ରାର୍ଥୀମାନେ ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ ଏହି ଜନସମସ୍ୟାଗୁଡ଼ିକ ସମାଧାନ ନିମିତ୍ତ ସେମାନଙ୍କ ପ୍ରତିଶ୍ରୁତି ସ୍ଥାନୀତ କରିବାକୁ ନିବେଦନ କରାଯାଇଛି। ଏହି ଆଲୋଚନାରେ ମୁଖ୍ୟ ଉପଦେଷ୍ଟା କମଳାକାନ୍ତ ବେହେରା, ବିଷ୍ଣୁପ୍ରସାଦ ମହାନ୍ତି ଓ ଗୋପୀନାଥ ଦାସଙ୍କ ସମେତ ସୁରେନ୍ଦ୍ରନାଥ ପଣ୍ଡା, ଦେବବ୍ରତ ପାଣିଗ୍ରାହୀ, ଶରତ ଚନ୍ଦ୍ର ଦାଶ, ଗୌରାଙ୍ଗ ପାଣିଗ୍ରାହୀ, ଶରତ କୁମାର ମହାପାତ୍ର, ରବି କୁମାର ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ସମ୍ବଲପୁର ବ୍ରହ୍ମାକୁମାରୀ ସଂସ୍ଥା ପକ୍ଷରୁ ତିନି ଦିନିଆ ବିଶାଳ ଆଧ୍ୟାତ୍ମିକ ସମାରୋହ

ସମ୍ବଲପୁର, ୨୮/୩ (ନି.ପ୍ର): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଉପକ୍ଷେତ୍ର ତରଫରୁ ତିନିଦିନ ବ୍ୟାପୀ ଉତ୍ସବ ପାବନ ସରୋବର ଏଲ ଆଣ୍ଡ ଟି ଟୋଲ ପ୍ଲାଜା, ଶାସନ ଠାରେ ଏକ ବିଶାଳ ଆଧ୍ୟାତ୍ମିକ ସମାରୋହ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଭବ୍ୟ ସମାବେଶରେ ବ୍ରହ୍ମାକୁମାରୀ ଅନୁଷ୍ଠାନ, ମାଉଂଟ ଆବୁ, ରାଜସ୍ଥାନର ଅତିରିକ୍ତ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ବିକେ ଜୟନ୍ତୀ ଓ ନିର୍ବାହୀ ସଚିବ ରାଜଯୋଗୀ ଡଃ ବିକେ ମୃତ୍ୟୁଞ୍ଜୟ ଯୋଗଦାନ କରିବେ । ମାର୍ଚ୍ଚ ୨୯ ତାରିଖ ଶୁକ୍ରବାର ଅପରାହ୍ଣ ୫ଘଟିକା ଠାରୁ ଏଲ୍‌ଏଣ୍ଡଟି ଟୋଲ୍ ପ୍ଲାଜା ନିକଟସ୍ଥ ପାବନ ସରୋବର ଠାରେ ପ୍ରତୀକ୍ଷିତ ତୃପ୍ତି ଭବନର ଉଦ୍ଘାଟନ ଓ ମାତା ପିତାଙ୍କର ସମ୍ମାନ ସମାରୋହ ଅନୁଷ୍ଠିତ ହେବ। ।ରାଜସ୍ଥାନ ମାଉଂଟ ଆବୁ ସ୍ଥିତ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଅତିରିକ୍ତ ମୂଖ୍ୟ ପ୍ରଶାସିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଜୟନ୍ତୀ ଦିଦିଙ୍କ ଦ୍ୱାରା ନବ ନିର୍ମିତ ତୃପ୍ତି ଭବନର ଉଦ୍ଘାଟନ ହେବ । ନିର୍ବାହୀ ସଚିବ ରାଜଯୋଗୀ ଡକ୍ଟର ମୃତ୍ୟୁଞ୍ଜୟ ଭାଇ ଉପସ୍ଥିତ ରହିବେ। ଏହା ପରେ ମାତାପିତାଙ୍କର ସମ୍ମାନ ସମାରୋହ ହେବ । ସମ୍ମାନୀୟ ଅତିଥି ହିସାବରେ ସିଡିଓ- ଇଓ ଧର୍ମେନ୍ଦ୍ର ମଲ୍ଲିକ, ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟର ପରିଚାଳନା ନିର୍ଦ୍ଦେଶିକ ଜି ଭାସ୍କର ରାଓ ଓ ତ୍ରିଲୋଚନ ନେତ୍ରାଳୟର ପ୍ରତିଷ୍ଠାତା ଡଃ ଶିବପ୍ରସାଦ ସାହୁ ଅତିଥି ଭାବେ ଯୋଗ ଦେବାର ସ୍ୱୀକୃତି ମିଳିଛି। ମାର୍ଚ୍ଚ ୩୦ ତାରିଖ ଶନିବାର ପୂର୍ବାହ୍ଣ ୧୦ଟା ଓ ଅପରାହ୍ଣ ୫ଟା ବେଳେ ଏଲ୍‌ଏଣ୍ଡଟି ଟୋଲ୍ ପ୍ଲାଜା ନିକଟସ୍ଥ ପାବନ ସରୋବର ଠାରେ ଏକ ପାରିବାରିକ ସ୍ନେହ ମିଳନ ଓ ସମର୍ପଣ ସମାରୋହ ଉତ୍ସବ ସମ୍ପାଦିତ ହେବ। ଏହି ଅବସରରେ ୨୨ ଜଣ କନ୍ୟାଙ୍କର ଶିବ ସମର୍ପଣ ଉତ୍ସବ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଅତିରିକ୍ତ ମୂଖ୍ୟ ପ୍ରଶାସିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଜୟନ୍ତୀ ଦିଦିଙ୍କ ଦ୍ୱାରା ସମ୍ପାଦିତ ହେବ । ଏଥିରେ ଡକ୍ଟର ବିକେ ମୃତ୍ୟୁଞ୍ଜୟ ଭାଇ ଓ ରାଜଯୋଗିନୀ ବ୍ରହ୍ମାକୁମାରୀ ପାର୍ବତୀ ଦିଦି ସହଯୋଗ କରିବେ। କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ହିସାବରେ ଓଡ଼ିଶା ଲୋକାୟୁକ୍ତ ସଦସ୍ୟ ଡ଼ ଦେବବ୍ରତ ସ୍ୱାଇଁ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାଇସ୍ ଚାନସେଲର ପ୍ରଫେସର ଏନ୍ ନାଗାରାଜୁ, ବୀର ସୁରେନ୍ଦ୍ର ସାଏ ବିଶ୍ୱବିଦ୍ୟାଳୟର ଭାଇସ୍ ଚାନସ୍ଲେର ପ୍ରଫେସର ବଂଶୀଧର ମାଝୀ, ସିଆରପିଏଫ ଗ୍ରୁପ ସେଂଟର ଡିଆଇଜି ସଞ୍ଜୟ କୁମାର ସିଂହ ପ୍ରମୁଖ ଯୋଗଦାନ କରିବାର ସ୍ୱୀକୃତି ପ୍ରଦାନ କରିଛନ୍ତି । ଉକ୍ତ ଦିବସର ପୂର୍ବାହ୍ଣ ୯ ଟାରୁ ୧୦ ଟା ପର୍ଯ୍ୟନ୍ତ ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ଡାକ୍ତର ବ୍ରହ୍ମାକୁମାର ମୃତ୍ୟୁଞ୍ଜୟ ଭାଇ ଉଦବୋଧନ ଦେବେ ଏବଂ ବ୍ରହ୍ମା କୁମାରୀ ଜ୍ୟୋତି ଭଉଣୀ କାର୍ଯ୍ୟକ୍ରମକୁ ସଂଚାଳନ କରିବେ । ମାର୍ଚ୍ଚ ୩୧ ତାରିଖ ରବିବାର ପୂର୍ବାହ୍ଣ ୧୦ଟା ଓ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଏଲ୍‌ଏଣ୍ଡଟି ଟୋଲ୍ ପ୍ଲାଜା ନିକଟସ୍ଥ ପାବନ ସରୋବର ଠାରେ ସମସ୍ତ କାର୍ଯ୍ୟକ୍ରମ ହେବ ।

# ରାଜ୍ୟସ୍ତରୀୟ କଳାହାଣ୍ଡି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ମୟୁରଭଞ୍ଜ ଦଳ ଘୋଷିତ



ବାରିପଦା , ୨୮/୩ (ନି.ପ୍ର): ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍ତରୀୟ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିବା ପାଇଁ ମୟୁରଭଞ୍ଜ ଦଳର ଚୟନ ହୋଇଯାଇଛି ଓ ଦଳରେ ଦିବ୍ୟ ରଞ୍ଜନ ଦାସ (ଅଧିନାୟକ), ଅଭିଜିତ ପ୍ରସାଦ ଘଣା (ଉପ ଅଧିନାୟକ), ଶୁଭମ ନାୟକ, ସୌମ୍ୟରଞ୍ଜନ ମହାନ୍ତ, ସୁବ୍ରତ କୁମାର ସିଂ, ମନୁ ରାମ, ଶୁଭମ ମହାନ୍ତି, ସ୍ମୃତି ରଞ୍ଜନ ନାୟକ, ସଞ୍ଜୟ ସିଂ, ମେରି ଲୋକନାଥ, ଭବାନୀ ଶଙ୍କର ପାତ୍ର, ମୋହିତ କଂକାରିଆ, ଅଜୁ ମହାନ୍ତ, ରୋହିତ ମୁଦି, ପ୍ରୀତପାଲ ସିଂହ ଓ ଶେକ ନଫିସୁଲ ହୁସେନଙ୍କ ସମେତ କୋଚ ସାଇବା ସିଂ ଏବଂ ମ୍ୟାନେଜର ଭାବେ ସୁମନ ମହାନ୍ତି ସାମିଲ ଅଛନ୍ତି ଓ ଚୟନକର୍ତ୍ତା ଭାବେ ପୂର୍ବତନ ଖେଳାଳି ପ୍ରଭାସ ଚନ୍ଦ୍ର ଘଡେଇ, ସୋମନାଥ ସିଂହ, ବଳବନ୍ତ ତୁଙ୍ଗ, ଶକ୍ତି ପ୍ରସାଦ ପାତ୍ର ଓ ମାନସ ଧଳ ଯୋଗ ଦେଇ ଦଳ ଚୟନରେ ସହାୟତା ପ୍ରଦାନ କରିଥିଲେ । କଟକ ଗସ୍ତ ପୂର୍ବରୁ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଉପ ସଭାପତି ମନୋଜ କୁମାର ସାଓ, କୋଷାଧ୍ୟକ୍ଷ ଅମିତାଭ ଦାସ, କ୍ରିକେଟ ସହ ସମ୍ପାଦକ ହରପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି, ସହ ସମ୍ପାଦକ ଅଶୋକ ପଟ୍ଟନାୟକ, ପୂର୍ବତନ ଖେଳାଳି ଶ୍ରୀ ଘଡେଇ, ଶ୍ରୀ ସିଂହ, ଶ୍ରୀ ପାତ୍ର ଓ ନନ୍ଦଲାଲ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ୨୮ ତାରିଖ ଦିନ ମୟୁରଭଞ୍ଜ ପ୍ରଥମ ମ୍ୟାଚ ଭୁବନେଶ୍ୱର (ବି) ସହିତ ଖେଳିବ।

# ପ୍ରଥମ ବର୍ଷାର୍ଦ୍ଧ ପରୀକ୍ଷା ଅନୁଷ୍ଠିତ

ମାଲକାନଗିରି, ୨୮/୩ (ନି.ପ୍ର): ଦୀର୍ଘ ଆଠବର୍ଷ ଧରି ରହିଥିବା ପ୍ରତୀକ୍ଷାର ଅନ୍ତ ଘଟି, ବ୍ରିକମ ଦେବ ବିଶ୍ୱବିଦ୍ୟାଳୟ ତତ୍ୱାବଧାନରେ ମାଲକାନଗିରି ସରକାରୀ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ପରିସରରେ ଚଳିତ ବର୍ଷର ପ୍ରଥମ ବର୍ଷାର୍ଦ୍ଧ ତଥା ଫାଷ୍ଟ ସେମିଷ୍ଟର ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଆୟୋଜିତ ହେଉଥିବା ପ୍ରତିଟି ପରୀକ୍ଷା ମାଲକାନଗିରି ମହାବିଦ୍ୟାଳୟ ଦ୍ୱାରା ସଂଯୋଜିତ ହୋଇଆସୁଥିଲା। ଚଳିତ ବର୍ଷ ପ୍ରଥମ ସେମିଷ୍ଟର ପରୀକ୍ଷା ଆଦର୍ଶ ସ୍ନାତକ ମହାବିଦ୍ୟାଳୟ କେନ୍ଦ୍ରରେ କଳା,ବିଜ୍ଞାନ ଓ ବାଣିଜ୍ୟର ତିନୋଟି ଯାକ ବିଭାଗର ୫୧୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ବିକ୍ରମଦେବ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଭାବରେ ପ୍ରଫେସର୍ ରଞ୍ଜନ କୁମାର ପ୍ରଧାନ ନିର୍ଦ୍ଦେଶ କ୍ରମେ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଆଲୋକ କୁମାର ପାତ୍ର ପରୀକ୍ଷା ନିୟନ୍ତ୍ରକ ଭାର ବହନ କରିଛନ୍ତି। ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ଡ. ରଂଜନ କୁମାର ସ୍ୱାଇଁ ଅତିରିକ୍ତ ପରୀକ୍ଷା ନିୟନ୍ତ୍ରକ ଭାବରେ ନିଯୁକ୍ତ ହୋଇଥିଲେ। ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଗଣିତ ବିଭାଗ ମୁଖ୍ୟ ପ୍ରଫେସର୍ ଡ. ସୂର୍ଯ୍ୟକାନ୍ତ ପାଲ୍ ଉପ ନିୟନ୍ତ୍ରକ ଭାବରେ ଓ ଡ. ରତ୍ନାକର ପରିଡ଼ା ଏବଂ ଡ. ଚିନ୍ମୟ କୁମାର ବେହେରା ସହ ନିୟନ୍ତ୍ରକ ଭାବରେ ଏହି ପରୀକ୍ଷା ପରିଚାଳନାରେ କାର୍ଯ୍ୟ ସମ୍ପାଦନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ପ୍ରଧ୍ୟାପକ-ପ୍ରଧ୍ୟାପିକା,ଅଧ୍ୟାପକ - ଅଧ୍ୟାପିକା ଏହି ପରୀକ୍ଷା ପରିଚାଳନାରେ ସମ୍ପୂର୍ଣ ସହାୟତା କରି ସଫଳତା ସହ ସମ୍ପାଦନା କରିଥିଲେ। ନିଜ କଲେଜ୍ ରେ ପରୀକ୍ଷା ଦେଇ ଛାତ୍ରଛାତ୍ରୀ ଯେତିକି ଉତ୍ସାହିତ ସେତିକି ଆନନ୍ଦିତ। ଅଭିଭାବକ ମହଲରେ ମଧ୍ୟ ଆନନ୍ଦ ଖେଳି ଯାଇଛି।

# ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ହୋଲି ଉତ୍ସବ ପାଳିତ



ପାରାଦୀପ , ୨୮/୩ (ନି.ପ୍ର): ପାରାଦୀପ ମଧୁବନ ସ୍ଥିତ ଜେ ଏସ ଡ ବ୍ଲୁ ଉତ୍କଳ ଷ୍ଟିଲ ପକ୍ଷରୁ ପାରମ୍ପାରିକ ହୋଲି ଉତ୍ସବ ପାଳନ କରାଯାଇଛି। ପବିତ୍ର ଦୋଳ ପୂର୍ଣ୍ଣିମା ଅବସରରେ କାର୍ଯ୍ୟାଳୟ ପରିସରରେ ଏହି ରଙ୍ଗର ପର୍ବ ହୋଲି ପାଳନ କରାଯାଇଥିଲା। ସାରା ଦେଶରେ ଏହି ହୋଲି ପର୍ବ ଏକ ଭାଇଚାରା ତଥା ପରସ୍ପର ମଧ୍ୟରେ ଏକ ସଦଭବନା ସୃଷ୍ଟି କରିଥାଏ। ବିଭିନ୍ନ ପ୍ରକାରର ରଙ୍ଗ ପରସ୍ପରକୁ ଲଗାଇ ନିଜ ଭିତରେ ଥିବା ବନ୍ଧୁତ୍ୱର ଖୁସିକୁ ପ୍ରକାଶ କରିବା ସହିତ ଶୁଭେଚ୍ଛା ଜଣାଇଥାନ୍ତି।

ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ୍ ଅଧିକାରୀ ଓ କର୍ମଚାରୀ ମାନେ ପରସ୍ପରକୁ ଅବିରର ରଙ୍ଗ ଲଗାଇ ହୋଲିର ଶୁଭେଚ୍ଛା ଜଣାଇଥିଲେ। ଏଥି ସହିତ ନାଚଗୀତ ରେ କର୍ମଚାରୀ ମାନେ ଆନନ୍ଦ ଉଲ୍ଲାସର ଏହି ଉତ୍ସବକୁ ପାଳନ କରିଥିଲେ।ଏହି ଅବସରରେ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କ ମଧ୍ୟରେ ଏକ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେଉଥିଲା। ପରେ ସନ୍ଧ୍ୟାରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ପରିବେଷଣ କରାଯାଇଥିଲା।ଏହି ହୋଲି ପର୍ବରେ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ନିର୍ମଳେନ୍ଦୁ ପୁରୋହିତ, ଧନଞ୍ଜୟ କୁମାର ସିହ୍ନା,ସଞ୍ଜୟ ମିଶ୍ର,ଶିଭାଶିଷ ମିଶ୍ର ପ୍ରମୁଖ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଜାତୀୟ ନାଟ୍ୟ ମହୋତ୍ସବ 'କ୍ୟାନଫେଷ୍ଟ' ସପ୍ତମ ସନ୍ଧ୍ୟାରେ ହା-ଜା-ବା-ରା-ଲା ଗ୍ରୁପର ନାଟକ 'ଅନିକେତ ସନ୍ଧ୍ୟା'



ପାରାଦୀପ, ୨୮/୩ (ନି.ପ୍ର): ପଶ୍ଚିମବଙ୍ଗ ସରକାରଙ୍କ ଲୋଭନୀୟ "ଦିନାବାନ୍ଧୁ ମିତ୍ର" ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଚନ୍ଦନ ସେନ୍ ଙ୍କ ଅନିକେତ ସନ୍ଧ୍ୟା ନାଟକଟି କ୍ୟାନମାସ ଦ୍ୱାରା ଆୟୋଜିତ କାନଫେଷ୍ଟର ଜୟଦେବ ସଦନଠାରେ ମଞ୍ଚସ୍ଥ ହୋଇଛି। ପିଢ଼ି ପରିବର୍ତ୍ତନ, ସାମାଜିକ ମୂଲ୍ୟବୋଧ ଏବଂ ଭାବପ୍ରବଣତା ତଥା ପାରିବାରିକ ବନ୍ଧନକୁ ନାଟକ ମାଧ୍ୟମରେ ସୁନ୍ଦର ଭାବରେ ଦର୍ଶାଯାଇଛି। ଦୟା ଓ ସହାନଭୂତିର ଆବଶ୍ୟକତାକୁ ହା-ଜା-ବା-ରା-ଲା ଗ୍ରୁପର କଳାକାରମାନେ ନୂତନ ଭାବଭଙ୍ଗୀରେ ପରିବେଷଣ କରିଛନ୍ତି। ୨ ଘଣ୍ଟା ଅବଧି ବିଶିଷ୍ଟ ନାଟକ 'ଅନିକେତ ସନ୍ଧ୍ୟା' ଜୟଦେବ ସଦନର ଦର୍ଶକଙ୍କ ମନୋରଞ୍ଜନ କରି ମନ ମୋହିଛି। ନାଟକଟି ଉପସ୍ଥିତ ଦର୍ଶକଙ୍କୁ ନୈତିକ ଶିକ୍ଷା ଦେଇ ବେଶ୍ ଆଦୃତ ହୋଇ ପାରିଛି। ଅଧୁନା ସମାଜରେ ମଣିଷ ଧୀରେ ଧୀରେ ପୁରୁଣା ମୂଲ୍ୟବୋଧକୁ ଭୁଲି ଯାଉଛି। ତାହା ସହ ଆଗକାଳ ଭଳି ଆଉ ଯୌଥ ପରିବାରର ପାରିବାରିକ ଦୃଶ୍ୟ ଆଉ ସମାଜରେ ଦେଖିବାକୁ ମିଳୁନାହିଁ। ସେଥିପାଇଁ ପିଢ଼ି ପରିବର୍ତ୍ତନର ଭାବଧାରା କିପରି ସମାଜ ଉପରେ ପ୍ରଭାବ ପକାଉଛି ତାହା ନାଟରେ ନିଖୁଣ ଭାବରେ ପ୍ରଦର୍ଶିତ କରଯାଇଛି। ପଶ୍ଚିମବଙ୍ଗର ' ହା-ଜା-ବା-ରା-ଲା ' ଗ୍ରୁପ ଦ୍ୱାରା ପରିବେଷିତ ଏହି ନାଟକଟି ବିଶେଷକରି ପାରିବାରିକ ଗତିଶୀଳତା ଏବଂ ପାରମ୍ପାରିକ ମୂଲ୍ୟବୋଧର କ୍ଷୟ ଉପରେ ଧ୍ୟାନ କେନ୍ଦ୍ରିତ କରି ଜୟଦେବ ସଦନଠାରେ ଉପସ୍ଥିତ ଦର୍ଶକଙ୍କୁ ମତୁଆଲା କରିଥିଲା। ବୟସ୍କର ଅପରାହ୍ଣ ରେ ପାଦ ଥାପି ଥିବା ବୃଦ୍ଧ ପିତାମାତାଙ୍କୁ ବୃଦ୍ଧାଶ୍ରମକୁ ପଠାଇବା କିପରି ଏକ ନିତିଦିନିଆ ବୈଶିଷ୍ଟ୍ୟ ପାଲଟିଛି, ତାହା ଜ୍ୱଳନ୍ତ ଅଭିନୟ ମାଧ୍ୟମରେ ନାଟକରେ ପରିବେଷଣ କରା ଯାଇଛି। ଦର୍ଶକମାନେ ମଧ୍ୟ ଏଭଳି ଏକ ସୁନ୍ଦର କାହାଣୀକୁ ମନଭରି ଉପଭୋଗ କରି ପାରିଛନ୍ତି। ନିର୍ଦ୍ଦେଶକ 'ଅନିକେତ ସନ୍ଧ୍ୟା' ନାଟକଦ୍ୱାରା ବୃଦ୍ଧ ବାପାମା' ଙ୍କ ସେବାକୁ ଏକ ଦାୟିତ୍ୱ ତଥା କର୍ତ୍ତବ୍ୟ ଭାବରେ ଗ୍ରହଣ କରି ତାହାକୁ ସୂଚାରୁରୂପେ ସମାପନ କରିବା ପାଇଁ ବାର୍ତ୍ତା ପ୍ରଦାନ କରିଛନ୍ତି। ପାରିବାରିକ ସଂଯୋଗ ପାଇଁ ଏକ ନୂତନ ପ୍ରତିବଦ୍ଧତା ସହିତ ଏକ ପରିବର୍ତ୍ତିତ ଦୁନିଆର ଜଟିଳତାକୁ ଦୂର କରିବା ହିଁ ଏହି ନାଟକର ଉଦ୍ଦେଶ୍ୟ। ଜୟଦେବ ସଦନଠାରେ ଉପସ୍ଥିତ ଥିବା ଅଗଣିତ ଦର୍ଶକ, ନାଟକରେ ଭାବପ୍ରବଣ ହୋଇ ମଞ୍ଚ କଳାକାରମାନଙ୍କୁ କରତାଳି ଦେଇ ସେମାନଙ୍କ ମନୋବଳ ବଢ଼ାଇ ଥିଲେ। ନାଟକ, ଦର୍ଶକ ଓ କଳାକାରଙ୍କ ସମନ୍ୱୟରେ 'ଅନିକେତ ସନ୍ଧ୍ୟା' ସଫଳତା ସାଉଁଟି ପାରିଛି। ୭ମ ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ଡକ୍ଟର ଆର.କେ ମଲ୍ଲିକ , ହାଇଦ୍ରାବାଦ ବିଶ୍ୱିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ସତ୍ୟବ୍ରତ ରାଉତ, ଓ ପୂର୍ବାଞ୍ଚଳ ସଙ୍ଗୀତ ନାଟକ ଏକାଡେମୀର ପ୍ରାକ୍ତନ ମୁଖ୍ୟ ମିହିର ସାହୁ ଯୋଗ ଦେଇ ନାଟକ ପ୍ରତି କାନମାସ ଗ୍ରୁପ୍ ର ଯୋଗଦାନ କୁ ପ୍ରଶଂସା କରିବା ସହିତ କାନମାସର ସମ୍ପାଦକ ଶ୍ରୀମନ ମିଶ୍ରଙ୍କ ଏହି ନିଆରା ଚିନ୍ତାଧାରା ଓ ପ୍ରୟାସକୁ ପ୍ରଶଂସା କରିଛନ୍ତି ।

# ଶିମିଳିସାହିଠାରୁ ବାଲଣ୍ଡା ଆରଡି ରାସ୍ତା ନିର୍ମାଣ: ଅବଧିର ବର୍ଷେ ପରେ ବି ୭୦ ପ୍ରତିଶତ ବାକି

ନୂଆଗାଁ, ୨୭/୩ (ନି.ପ୍ର): ନୂଆଗାଁ ବ୍ଲକ୍ ଜାକେଡ଼ା ପଞ୍ଚାୟତରୁ ପାରାଡିପି ପଞ୍ଚାୟତକୁ ରାସ୍ତା ସଂଯୋଗୀକରଣ ପାଇଁ ୨୦୨୨ ଏପ୍ରିଲ ମାସରେ ଜନସାଧାରଣଙ୍କୁ ନେତା ଓ ପ୍ରଶାସନ ଯେଉଁ ସ୍ୱପ୍ନ ଦେଖାଇଥିଲେ ତାହା ଆଜି ପର୍ଯ୍ୟନ୍ତ ପୂରଣ ହୋଇପାରିଲା ନାହିଁ। ୮ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଠିକାସଂସ୍ଥାକୁ ୧ ବର୍ଷ ପର୍ଯ୍ୟନ୍ତ ସମୟସୀମା ଦିଆଯାଇଥିବା ବେଳେ ବର୍ତ୍ତମାନ ଏହାର ଅବଧି ୧ ବର୍ଷ ହେଲା ଶେଷ ହୋଇଯାଇଥିଲେ ସୁଦ୍ଧା ଠିକାସଂସ୍ଥା ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାର ନାଁଗନ୍ଧ ଧରୁନଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ନୂଆଗାଁ ବ୍ଲକ୍ ଜାକେଡ଼ା ପଞ୍ଚାୟତ ଶିମିଳିସାହି ପୂର୍ତ୍ତ ବିଭାଗ ରାସ୍ତାଠାରୁ ବାଲଣ୍ଡା ଆରଡି ରାସ୍ତା ଭାୟା ପୋକଶୁଙ୍ଗା ଓ ଅଭୟପୁର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୮.୮୦ କିଲୋମିଟର ରାସ୍ତା ନିର୍ମାଣ ନିମନ୍ତେ ୩ କୋଟି ୭୬ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ଯାହାକି ୨୦୨୨ ମସିହା ମାର୍ଚ୍ଚ ମାସଠାରୁ କାର୍ଯ୍ୟ ଆରମ୍ଭ ହୋଇ ୨୦୨୩ ମସିହା ମାର୍ଚ୍ଚ ମାସ ସୁଦ୍ଧା ସରିବା କଥା। କିନ୍ତୁ ଇତିମଧ୍ୟରେ କାର୍ଯ୍ୟର ଅବଧି ୧ ବର୍ଷ ହେଲା ଶେଷ ହୋଇ ସାରିଥିବା ବେଳେ ରାସ୍ତା ନିର୍ମାଣ କାର୍ଯ୍ୟ କିନ୍ତୁ ଆଗେଇବାର ନାଁ ଧରୁନି। ଯେତେବେଳେ ବି ସ୍ଥାନୀୟ ଲୋକମାନେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରୁଛନ୍ତି ଦାୟିତ୍ୱରେ ଥିବା ଯନ୍ତ୍ରୀ ଠିକାଦାରଙ୍କ ଉପରେ ଦୋଷ ଲଦିଦେଉଛନ୍ତି। ତେବେ ପ୍ରଶାସନ ଏବଂ ଠିକାଦାରଙ୍କ ଏଭଳି ମନମୁଖୀ କାର୍ଯ୍ୟରେ ଜନସାଧାରଣ ଅତିଷ୍ଠ ହେଉଥିବା ଜଣାପଡ଼ିଛି। ଏହି ରାସ୍ତା ନିର୍ମାଣ ହେବା ପୂର୍ବରୁ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟାନ୍ୟ ଅତିଥିମାନେ ଏହାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନା କରିଥିଲେ। ହେଲେ ଏହି ରାସ୍ତା ଅବଧି ଶେଷ ହେବା ପରେ ମଧ୍ୟ କାର୍ଯ୍ୟ ଶେଷ ହେଉନଥିବା ଦ୍ୱାରା କେବଳ ନେତାମାନେ ଫଳକ ଲଗାଇ ବାହାବା ନେଉଥିବା ବେଳେ ନିର୍ମାଣ କାର୍ଯ୍ୟ ପ୍ରତି ଗୁରୁତ୍ୱ ନଦେବା କିମ୍ବା ସେମାନଙ୍କ କଥାକୁ ବିଭାଗୀୟ ଅଧିକାରୀ ଏବଂ ଠିକାସଂସ୍ଥା ଗୁରୁତ୍ୱ ଦେଉନଥିବା ଭଳି ଅଭିଯୋଗ ହେଉଛି। ବର୍ଷାଦିନେ ଏହି ରାସ୍ତାରେ ଯିବାଆସିବା କରିବା ସମୟରେ ସ୍ଥାନୀୟ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ଏହି ରାସ୍ତା ନିର୍ମାଣ ନହେବା ଦ୍ୱାରା ସେମାନଙ୍କଠାରେ ଅସନ୍ତୋଷ ପ୍ରକାଶ ପାଇଛି। ଛାତ୍ରଛାତ୍ରୀମାନଙ୍କର ପାଠପଢ଼ାଠାରୁ ଆରମ୍ଭ କରି ବେପାର ବଣିଜ ପର୍ଯ୍ୟନ୍ତ ସବୁଥିରେ ବାଧା ଉପୁଜୁଛି।

# ପେଲେସ ଲାଇନ ରାଧାକୃଷ୍ଣ ମନ୍ଦିରରେ ହରିହର ଭେଟ

ବଲାଙ୍ଗିର, ୨୮/୩ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ କିରଣ ଓ ରାଧାକୃଷ୍ଣ ମନ୍ଦିର ତରଫରୁ ହରିହରଙ୍କ ଭେଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ସୋମବାର ସନ୍ଧ୍ୟାରେ ସୁସଜ୍ଜିତ ବିମାନ ଯୋଗେ ଶତାଧିକ ଭକ୍ତ ମେଳରେ ଦେବ ଦେବ ମହାଦେବ ଙ୍କୁ ଶାସ୍ତ୍ରୀନଗର ଠାରୁ ସଂକିର୍ତ୍ତନ ସହ ପଡା ପରିକ୍ରମା କରି ପେଲେସ ଲାଇନ ସ୍ଥିତ ରାଧାକୃଷ୍ଣ ମନ୍ଦିରକୁ ଅଣାଯାଇଥିଲା । ସେଠାରେ ଶ୍ରୀହରି ଓ ଶ୍ରୀହରଙ୍କ ମିଳନ ଫଗୁ ରଂଗରେ ଅନୁଷ୍ଠିତ ହୋଇଥିଲା । ଶ୍ରୀ ହରି ହରଙ୍କ ମହାମିଳନ ପରେ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ଆଳତି କରାଯାଇଥିଲା । ଶ୍ରୀ ହରିଙ୍କ ପକ୍ଷରୁ ସନ୍ତୋଷ କୁମାର ସା ଓ ପଦ୍ମିନୀ ସା ଏବଂ ଶ୍ରୀ ହରିଙ୍କ ପକ୍ଷରୁ ଅନଙ୍ଗ ତ୍ରିପାଠୀ ସ୍ୱସ୍ତିକ କର୍ତ୍ତାଭାବେ କାର୍ଯ୍ୟ ନିର୍ବାହ କରିଥିଲେ । ପୂଜାର୍ଚ୍ଚନା ଓ ହୋମଯଜ୍ଞ ରାଧଅକୃଷ୍ଣ ମନ୍ଦିର ପୂଜକ ଅଜୟ ମିଶ୍ର ଓ ଖଗେଶ୍ୱର ମିଶ୍ର ପରିଚାଳନା କରିଥିଲେ । କିରନ ର ସଂଗଠକ ମଧୁ ସାହୁ, ସଭାପତି ନରେନ୍ଦ୍ର ପଧାନ, ସଂପାଦକ ନୟନ କୁମାର ସା, ତ୍ରିଲୋକ ସିଂ, ଭାଗବତ ସାହୁ, ଶୋଭାବତୀ ସାହୁ, ବିଲାସ ସାହୁ, କାଂଚନ ବିଶି, ନରହରି ବିଶି, ଗୁଣହଂସ, ମାନନୀ ହଂସ, ଫକିର ମୋହନ ସାହୁ, ଭାସ୍କର ନାୟକ, ପଦ୍ମାଳୟା ଦାସ, ପଦ୍ମିନୀ ସାହୁ, ସୁନିତା ପଟେଲ, ଦମୟନ୍ତି ସାହୁ ଓ କିରଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ ।

# ସାଧାରଣ ନିର୍ବାଚନ ପାଇଁ ଜୟପୁର ପୋଲିସର ଫ୍ଲାଗ ମାର୍ଚ୍ଚ

ଜୟପୁର , ୨୮/୩ (ନି.ପ୍ର): ସାଧାରଣ ନିର୍ବାଚନ ୨୦୨୪ କୁ ଦୃଷ୍ଟିରେ ରଖି ଜୟପୁର ପୋଲିସ ତରଫରୁ ଫ୍ଲାଗମାର୍ଚ୍ଚ କରାଯାଇଛି । ଜୟପୁର ଲକ୍ଷ୍ମୀ ପଣ୍ଡା ଛକରୁ ବାହାରି କୋର୍ଟ ରାସ୍ତା ଦେଇ ପାରାବେଡାରେ ଦେଇ ମୁଖ୍ୟ ରାସ୍ତାରେ ଫ୍ଲାର୍ଗମାର୍ଚ୍ଚ ପଇଁତରା ମାରିଛି । ଜୟପୁର ସହରରେ ଅସମାଜିକ ତତ୍ୱଙ୍କୁ ସତର୍କ ଘଣ୍ଟି ସୂଚନା ଦେବା ଏବଂ ସହରରେ ପୋଲିସ ପ୍ରତି ଲୋକଙ୍କ ଆସ୍ଥା କୁ ବଜାୟ ରଖିବା ପାଇଁ ଏହି ଫ୍ଲାଗ ମାର୍ଚ୍ଚ କରାଯାଇଛି । ଏହି ଫ୍ଲାର୍ଗ ମାଛ ପଇଁତରା ମାରିବା ସହ ଅସାମାଜିକ କାର୍ଯକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟିରେ ରଖିବା ସହ ମଦ ଧରପଗଡ କରାଯିବ ବୋଲି ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି । ଏହି ଫ୍ଲାଗ ମାର୍ଚ୍ଚ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା, ଜୟପୁର ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡିଙ୍କ ନେତୃତ୍ୱରେ ଓଡିଶା ପୋଲିସ ଏବଂ ସିଆରପିଏଫର ଯବାନ ମାନେ ଭାଗ ନେଇ ଥିଲେ ।

# ଇକୋ ଫ୍ରେଣ୍ଡ ପକ୍ଷରୁ ନବୋଦୟ ବିଦ୍ୟାଳୟରେ ଖଇରୀର ୪୪ତମ ତିରୋଧାନ ଦିବସ ଓ ସ୍ୱାସ୍ଥ୍ୟ ଓ ପରିବେଶ ସଚେତନତା ଶିବିର ଅନୁଷ୍ଠିତ

ବେତନଟୀ, ୨୮/୩ (ନି.ପ୍ର): ବିଶ୍ୱ ବିଖ୍ୟାତ ବାଘୁଣୀ 'ଖଇରୀ ରାଣୀ 'ର ୪୪ ତମ ତିରୋଧାନ ଦିବସ ଉପଲକ୍ଷେ ଶିମିଳିପାଳର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ପ୍ରସଙ୍ଗରେ ଏକ ଆଲୋଚନା ଚକ୍ର ଜବାହାର ନବୋଦୟ ବିଦ୍ୟାଳୟ ଶାଳବଣୀ ଠାରେ ବିଦ୍ୟାଳୟର ଅଧକ୍ଷ ମୋହନ ଦାଶ ଗିରିଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି । ଇଣ୍ଟର ନ୍ୟାସନାଲ ନେଚୁରୋପ୍ୟାଥି ଅର୍ଗାନାଇଜେସନ, ଜାତୀୟ ପ୍ରାକୃତିକ ଚିକିତ୍ସା ସଂସ୍ଥାନ,ଆୟୁଷ ମନ୍ତ୍ରଣାଳୟ ଏବଂ ଜବାହର ନବୋଦୟ ବିଦ୍ୟାଳୟର ମିଳିତ ସହଯୋଗରେ ଜନ ସଚେତନତା ଶିବିର ନବୋଦୟ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସହିତ କୌନ ବନେଗା ସ୍ୱାସ୍ଥ୍ୟ ରକ୍ଷକ (କେ ବି ଏସ ଆର) କିଏ ହେବ ସ୍ୱାସ୍ଥ୍ୟ ରକ୍ଷକ ପ୍ରତିଯୋଗୀତା ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୦୦ ରୁ ଅଧିକ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା, ଜଙ୍ଗଲର ସୁରକ୍ଷା, ପ୍ରକୃତି ଓ ପରିବେଶ ପ୍ରତି ଅନୁକୂଳ ମନୋଭାବ ଏବଂ ବିଦ୍ୟାର୍ଥୀ ଜୀବନରେ ସୁସ୍ଥ ଶରୀର ଓ ମନର ଗୁରୁତ୍ୱ ଏବଂ ମହତ୍ତ୍ୱ ଉପରେ ଆଲୋକପାତ କରାଯାଇଥିଲା । ଅନ୍ତରରାଷ୍ଟ୍ରୀୟ ପ୍ରାକୃତିକ ଚିକିତ୍ସା ସଂସ୍ଥାନ (ସଭକ୍ଟ)ର ସାଧାରଣ ସମ୍ପାଦକ ଏବଂ ପୂର୍ବ ଭାରତର ଆଞ୍ଚଳିକ ସଂଯୋଜକ ଡ଼କ୍ଟର ସୁବାଷ ଚନ୍ଦ୍ର ଷଡଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ, ପ୍ରତିଯୋଗୀମାନଙ୍କୁ ଶିମିଳିପାଳ ଜୈବମଣ୍ଡଳ ଓ ବ୍ୟାଘ୍ର ପ୍ରକଳ୍ପର ରକ୍ଷଣ ବେକ୍ଷଣ,ପରିବେଶ ପ୍ରତି ସଚେତନତା ଏବଂ ପ୍ରକୃତିର ପଞ୍ଚ ତତ୍ତ୍ୱର ସୁରକ୍ଷା ଉପରେ ବିଶେଷ ଭାବରେ ଆଲୋଚନା କରିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ, ପରିବେଶ ଏବଂ ଜୈବ ମଣ୍ଡଳ ଉପରେ ଆଧାରି କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ଛାତ୍ର ଛାତ୍ରୀ ମାନଙ୍କୁ ଆଇ ଏନ ଓ ଓଡିଶା ଶାଖା ତରଫରୁ ପୁରସ୍କାର ବିତରଣ କରାଯାଇଥିଲା । ଜିଲ୍ଲା ଇକୋ କ୍ଲବର ମାଷ୍ଟର ଟ୍ରେନର ତଥା ଆନ୍ତରାଷ୍ଟ୍ରୀୟ ପ୍ରାକୃତିକ ଚିକିତ୍ସା ସଂସ୍ଥାନ,ଓଡିଶାର ସକ୍ରୀୟ କାର୍ଯ୍ୟକର୍ତ୍ତା ଡ଼କ୍ଟର ରମାକାନ୍ତ ମହାନ୍ତ ମୁଖ୍ୟ ବକ୍ତା, ବନ ମୟୂରୀର ସମ୍ପାଦକ ନିରୋଦ ସୁନ୍ଦର ଜେନା, କବି ମନୋଜ କୁମାର ମହାନ୍ତ ସମ୍ମାନିତ ବକ୍ତା ଭାବରେ ଯୋଗଦାନ କରି ବିଶ୍ୱ ବିଖ୍ୟାତ ବାଘୁଣୀ ଖଇରୀ ନିଜର ପଶୁ ପ୍ରବୃତ୍ତି କ୍ରୁର ହିଂସ୍ର ଏବଂ ନିଷ୍ଠୁର ସ୍ୱଭାବ ପରିତ୍ୟାଗ କରି କିଭଳି ସ୍ନେହ ପ୍ରେମ ଏବଂ କରୁଣାର ପ୍ରତୀକ ହୋଇ ମାନବର ସମ୍ବେଦନା ସହିତ ଯୋଡି ହୋଇ ଯାଇଥିଲା ଉଲ୍ଲେଖ କରିଥିଲେ । ଆଜି ସଂଗୀତରେ ମହିଳା ଆନ୍ତର୍ଜାତୀୟ ଦିବସ ହୋଇ ଥିବାରୁ ପ୍ରକୃତି ଏବଂ ପରିବେଶର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରି ପ୍ରକୃତି ବନ୍ଧୁ ପୁରସ୍କାର ଲାଭ କରିଥିବା ଗୋପବନ୍ଧୁ ବାଳାଶ୍ରମ, ବାରିପଦା ର ସଂଗୀତ ଶିକ୍ଷୟିତ୍ରୀ ଝୁମର ରାଣୀ ବିନ୍ଦୁ ମତୀ ମହାନ୍ତଙ୍କର ସଂଗୀତ ଶିଳ୍ପର ଅବଦାନକୁ ସ୍ୱୀକୃତି ଏବଂ ସମ୍ମାନ ଦେବା ପାଇଁ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶିକ୍ଷକ ସୀତାରାମ ଯାଦବ ସ୍ୱାଗତ ଭାଷଣ ଏବଂ ଶିକ୍ଷକ ଶ୍ରୀଧର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଧାୟକଙ୍କ ଫଟୋକୁ ନେଇ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ



ବେତନଟୀ, ୨୮/୩ (ନି.ପ୍ର): ଗତ ମାର୍ଚ୍ଚ ୧୬ ତାରିଖରେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ସରିଛି। ଏହି ତାରିଖ ଘୋଷଣା ପରେ ବିଭିନ୍ନ ସ୍ଥାନରେ ସ୍ବ ରାଜନୈତିକ ଦଳ ଓ ଆଶାଇ ପ୍ରାର୍ଥୀ ମାନେ ପୋଷ୍ଟର ଓ ବେନର ଉଠିଇବାର ବ୍ୟବସ୍ଥା ରହିଛି। ଏହା ନ ଉଠାଇଲେ ନିର୍ବାଚନ ନିୟମ ଅନୁସାରେ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ କରାଯାଇ ପାରିବାର ବ୍ୟବସ୍ଥା ରହିଛି। ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଧିନ ବେତନଟୀ ବ୍ଲକ ରେ ବଡ଼ସାହି ବିଧାୟକ ଙ୍କ ର ପୋଷ୍ଟର ରହିଥିବାର ବେତନଟୀ ବ୍ଲକ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଏହି ଅଭିଯୋଗ ମୟୂରଭଞ୍ଜ ଏଡିଏମ ଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ ଅନୁସାରେ ବେତନଟୀ ବଜାର ରେ ଥିବା ସାପ୍ତାହିକ ହାଟରେ ଏକ ଷ୍ଟିଟ ଲାଇଟ୍ ଖୁଣ୍ଟରେ ବଡ଼ସାହି ବିଧାୟକ ଙ୍କ ର ଫୋଟ ଲାଗିଥିବା ର ଦେଖିବା ପାଇଁ ମିଳିଛି। ଏହା ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରୁଛି ଓ ଏଥିପ୍ରତି ମୟୂରଭଞ୍ଜ ପ୍ରଶାସନ ଦୃଷ୍ଟି ଦ୍ୱୋ ପାଇଁ ବିଜୁ ଛାତ୍ର ଜନତା ଦଳ ଦାବି କରିଛନ୍ତି।

# ଦେବୀ ଉପାସକ କୈଳାଶ ଚନ୍ଦ୍ର ଲେଙ୍କାଙ୍କ ସ୍ମୃତିଚାରଣ ସଭା



ଭଦ୍ରକ, ୨୮/୩ (ନି.ପ୍ର): 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେବି ମରଇ' ଏହା ଚିରନ୍ତନ ସତ୍ୟ। କିନ୍ତୁ ଏ ସମାଜରେ ଏଭଳି କେତେକ ଯୋଗଜନ୍ମା ଜନ୍ମ ହୋଇଥାନ୍ତି, ଯେଉଁମାନଙ୍କ ପରଲୋକ ପରେ ସମାଜ ସେମାନଙ୍କୁ ଝୁରିହୁଏ। ସେହିଭଳି ଜଣେ ବ୍ୟକ୍ତିତ୍ୱ ଥିଲେ ଭଦ୍ରକ ବ୍ଲକ୍ କଲେଇ ପଂଚାୟତ ବଳାଜିତପଡା ଗ୍ରାମର କୈଳାଶ ଚନ୍ଦ୍ର ଲେଙ୍କା। ସେ ଶେଷ ସମୟ ପର୍ଯ୍ୟନ୍ତ କେବଳ କଲେଇ ନୁହେଁ, ସମଗ୍ର ଜିଲାର ପ୍ରତିଷ୍ଠିତ ଦେବୀ ମା' କ୍ଷେତ୍ରବାସିନୀଙ୍କ ଉପାସକ ଭାବେ ତାଙ୍କ ସେବା କରିଆସୁଥିଲେ। ଜଣେ ଆଦର୍ଶ ସ୍ନେହପ୍ରେମୀ, ଈଶ୍ୱର ବିଶ୍ୱାସୀ ତଥା ସମାଜସେବୀ ଭାବେ ତାଙ୍କୁ ଚିରକାଳ ଏ ଅଂଚଳବାସୀ ମନେ ରଖିବେ ବୋଲି ତାଙ୍କର ଏକାଦଶାହ ଉପଲକ୍ଷେ ଆୟୋଜିତ ସ୍ମୃତିଚାରଣ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ବଳାଜିତପଡା ଗ୍ରାମରେ ଆୟୋଜିତ ସାନ୍ଧ୍ୟର ଏହି ସ୍ମୃତିଚାରଣ ସଭାକୁ ସ୍ୱର୍ଗତଃ ଲେଙ୍କାଙ୍କ ପୁତ୍ର ରଣଜିତ ପ୍ରସାଦ ବିଭୁଦେନ୍ଦ୍ର ଲେଙ୍କା ସଂଯୋଜନା କରିଥିବାବେଳେ ରାଜ୍ୟପାଳ ପୁରସ୍କୃତପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀକାନ୍ତ ରାଉତ ଅଧକ୍ଷତା କରିଥିଲେ। ଅଧ୍ୟାପକ ସିଦ୍ଧେଶ୍ୱର ସାହୁ, ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, କଲେଇ ପଞ୍ଚାୟତର ସରପଞ୍ଚ ନିରଞ୍ଜନ ମଲ୍ଲିକ, ଯୁବନେତା ଇଂ ତାପସ ରାୟ, ତୁଷାରକାନ୍ତି ପରିଡା, ସୁନୀଲ ଲେଙ୍କା, ପ୍ରବୋଧ ଲେଙ୍କା, ରଂଜନ ମହାପାତ୍ର, ମହେଶ୍ୱର ଲେଙ୍କା, ଅମର ବାରିକ, ଅରବିନ୍ଦ ପରିଡା, ଡ. ଦେବେନ୍ଦ୍ର କୁମାର ସ୍ୱାଇଁ, ପ୍ରଦୀପ ଲେଙ୍କା ପ୍ରମୁଖ ଏହି ସ୍ମୃତିଚାରଣ ସଭାରେ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତଃ ଲେଙ୍କାଙ୍କ ସ୍ମୃତିଚାରଣ କରିଥିଲେ। ସଭା ପୂର୍ବରୁ ଅତିଥିମାନେ ସ୍ୱର୍ଗତଃ ଲେଙ୍କାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

# ଯୋଗ ମହୋତ୍ସବ ସମିତି, ବାଲେଶ୍ୱର ଦ୍ୱାରା ଅନୁଷ୍ଠିତ ଯୋଗ ଶିବିର



ବାଲେଶ୍ୱର, ୨୮/୩ (ନି.ପ୍ର): ଆଜି ପ୍ରାତଃ କାଳରେ ବିବେକାନନ୍ଦ ମାର୍ଗ ସ୍ଥିତ କାଳୀ ମନ୍ଦିର ପ୍ରାଙ୍ଗଣରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଶିବିରାର୍ଥୀମାନେ ଜଗିଙ୍ଗ ଓ ସୂର୍ଯ୍ୟ ନମସ୍କାର ମାଧ୍ୟମରେ ଶରୀରକୁ ସନ୍ତୁଳିତ କରିବା ପରେ ପ୍ରାଣାୟାମ ଅଭ୍ୟାସ କରିଥିଲେ । ଯୋଗ ମହୋତ୍ସବ ସମିତି ବାଲେଶ୍ୱର ଦ୍ୱାରା ନିକଟରେ ଅନୁଷ୍ଠିତ ହୋଇଥିବା ତୀର୍ଥ ଦର୍ଶନରେ ତୀର୍ଥଯାତ୍ରୀ ମାନଙ୍କର ଅନୁଭୂତି ଆଦାନ ପ୍ରଦାନ କରାଯାଉଥିଲା । ଚନ୍ଦ୍ରଭାଗା ସମୁଦ୍ର ତଟରେ ସାଧକ ସାଧିକାମାନଙ୍କ ଦ୍ୱାରା ଉଦିତ ସୂର୍ଯ୍ୟଙ୍କୁ ସ୍ୱାଗତ ଜଣାଇ ୧୦୮ ସମୂହ ସୂର୍ଯ୍ୟ ନମସ୍କାର ଅଭ୍ୟାସ ସହିତ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ଓ ପରିକ୍ରମା ପରିଭ୍ରମଣର ଅନୁଭୂତିକୁ ଶ୍ରୀ ଜଗନ୍ନାଥଙ୍କ ଅପାରକୃପା ବୋଲି ଦର୍ଶାଇଥିଲେ । ଏଥିରେ ଯୋଗ ମହୋତ୍ସବ ସମିତିର ସଭାପତି ସୁଜିତ କୁମାର ଜେନା ଉପସଭାପତି ଦମୟନ୍ତୀ ମହାପାତ୍ର, ଯୁଗ୍ମ ସମ୍ପାଦକ ସଞ୍ଜିବ କୁମାର ତାଲଦିଙ୍କ ସମେତ ବିଭିନ୍ନ ଯୋଗ କେନ୍ଦ୍ରର ସାଧକ ସାଧିକା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ଆସନ୍ତା ସପ୍ତାହରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ ଓ ମ୍ୟୁନସିପାଲଟି ଗୁଡ଼ିକରେ ଏହିଭଳି ଯୋଗ ଶିବିରମାନ ଅନୁଷ୍ଠିତ କରାଇ ଯୋଗକୁ ସାର୍ବଜନୀନ କରି ବିଶ୍ୱ ଯୋଗ ଦିବସ ଜୁନ ୨୧ ତାରିଖକୁ ସଫଳ କରାଇବାରେ ପ୍ରଚେଷ୍ଟା କରାଯିବାକୁ ସିଦ୍ଧାନ୍ତ ନିଆଯାଇଥିଲା ।

# ଫକୀରମୋହନ-୭୩ ସ୍ୱର୍ଣ୍ଣ ସମାବେଶ



ବାଲେଶ୍ୱର, ୨୮/୩ (ନି.ପ୍ର): ଫକୀରମୋହନ କଲେଜ ୧୯୭୩ ବ୍ୟାଚର ଛାତ୍ରଛାତ୍ରୀମାନେ ପଚାଶ ବର୍ଷ ପୂର୍ତ୍ତି ଅବସରରେ ୨୪ ତାରିଖ ଦିନ ହୋଟେଲ ବନଜାରା ସଭାଗୃହରେ 'ସ୍ୱର୍ଣ୍ଣ ସମାବେଶ' ପାଳନ କରିଥିଲେ । ସମାବେଶରେ ବାଲେଶ୍ୱର ତଥା ଓଡ଼ିଶାର ବିଭିନ୍ନ ଜିଲ୍ଲା ଓ ଅନ୍ୟ ପ୍ରଦେଶରୁ ଷାଠିଏରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ହୋଇଥିଲେ । ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ଓ ବ୍ୟାସକବି ଫକୀରମୋହନଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା ଓ ଏହାପରେ ଦିବଂଗତ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମ୍ମାନାର୍ଥେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ସରୋଜ କୁମାର ଦାସ ଶାନ୍ତି ସ୍ତୋତ୍ର ଗାୟନ କରିବା ସହିତ ସ୍ୱରଚିତ କବିତା 'ସ୍ୱର୍ଣ୍ଣ ସମାବେଶ' ପାଠ କରିଥିଲେ । କିଶୋର କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଅବସରରେ ଏହା ଚତୁର୍ଥ ବଂଧୁ ମିଳନ ବୋଲି ପ୍ରକାଶ କରିଥିଲେ । ଉତ୍ତମ କୁମାର ଚାନ୍ଦ ସଭା ପରିଚାଳନା କରି ପ୍ରତି ସଦସ୍ୟଙ୍କୁ ସଭାମଞ୍ଚକୁ ଆବାହନ କରିଥିଲେ ଓ ଶୀଖା ଦେ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ପ୍ରତ୍ୟେକ ସଦସ୍ୟ ନିଜ ପରିଚୟ ସହିତ ପରିବାର ଓ ପିଲାମାନଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପଚାଶ ବର୍ଷ ପରେ ପରସ୍ପରକୁ ଚିହ୍ନିବା ସହଜ ହୋଇ ନଥିଲେ ବି ସ୍ୱ-ପରିଚୟ ପ୍ରଦାନ ପର୍ବ ଏହାକୁ ସହଜ ଓ ଅନ୍ତରଙ୍ଗ କରି ପାରିଥିଲା ଓ ଏହି ସ୍ମୃତିକୁ ସଜାଗ ରଖିବା ନିମନ୍ତେ ସମସ୍ତ ବନ୍ଧୁ ବାନ୍ଧବୀଙ୍କର ଏକ ମିଳିତ ଫଟୋ ଉତ୍ତୋଳନ କରାଯାଇଥିଲା । ଏଫ.ଏମ-୭୩ କୁ ଗର୍ବ ଓ ଗୌରବ ମଣ୍ଡିତ କରିଥିବା ଦୁଇଜଣ ପ୍ରାକ୍ତନ ଛାତ୍ର ତଥା ଶ୍ରୀ ତରୁଣ କୁମାର ଚାଟାର୍ଜୀ ଓ ଶୀ କିରିଟ ଗାନ୍ଧୀଙ୍କୁ ପୁଷ୍ପଗୁଚ୍ଛ ଓ ତୈଳଚିତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସେମାନଙ୍କର କୃତୀତ୍ୱ ସମ୍ପର୍କରେ ସନ୍ତୋଷ କୁମାର ମହାନ୍ତି ଆଲୋକପାତ କରିଥିଲେ । ଏହି ବନ୍ଧୁମିଳନର ସକରାତ୍ମକ ପରିବେଶରେ ମନରୁ ଦୁଃଖ, ଦୁଃଶ୍ଚିନ୍ତା ଓ ଦୁର୍ଭାବନା ଦୂରୀଭୂତ ହୋଇ ମନ ଓ ପ୍ରାଣ ଆନନ୍ଦରେ ଦ୍ରବୀଭୂତ ହେଲାଭଳି ପ୍ରତୀୟମାନ ହେଉଥିଲା ବୋଲି ସମସ୍ତେ ସ୍ୱ-ଅନୁଭୂତି ପ୍ରକାଶ କରୁଥିଲେ । ଏଣୁ ଏତାଦୃଶ ବନ୍ଧୁମିଳନ ପ୍ରତିବର୍ଷ ପାଳନ ନିମନ୍ତେ ମତ ଦେଇଥିଲେ। ପରିଶେଷରେ ଇକ୍‌ବାଲ ସାଜିଦ ଧନ୍ୟବାଦ ଅର୍ପଣ କରିଥିଲେ ଓ ସମାବେଶ ସାଙ୍ଗ ହୋଇଥିଲା ।

# ଗଡ଼ ଶ୍ରୀଜଗନ୍ନାଥ ମନ୍ଦିରରୁ ଚୋରି ଘଟଣା: ୪ଗିରଫ

ଖୋର୍ଦ୍ଧା, ୨୮/୩ (ନି.ପ୍ର): ଗତ ୨୫ ତାରିଖ ରାତିରେ ଗଡ଼ ଖୋର୍ଦ୍ଧାସ୍ଥିତ ଜଗନ୍ନାଥ ମନ୍ଦିରରୁ ଚୋରି ଘଟଣାରେ ପୁଲିସ ୪ଜଣଙ୍କୁ ଗିରଫ କରିଛି ।ଗିରଫ ମାନେ ହେଲେ ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀ ଗ୍ରାମର ସଫତ ଖାନ (୪୧) ଓ ବୁଧିଆ କାଣ୍ଡି (୩୦), ବାଛରାପାଟଣା ର ପିଂଟୁ ନାୟକ (୨୮) ଓ ରାଜା ବଜାର ର ବିମଳ ସିଂ (୩୪) । ସେମାନଙ୍କଠାରୁ ଏକ ଇନଭର୍ଟର, ହାରମୋନିୟମ ଓ ମାଇକ ମେସିନ କୁ ପୁଲିସ ଜବତ କରିଛି । ପ୍ରକାଶ ଥାଉକି, ଗତ ୨୫ ତାରିଖ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ରେ ପଶି ଚୋରି କରିନେଇଥିଲେ । ଏନେଇ ମନ୍ଦିର ସଦସ୍ୟଙ୍କ ଅଭିଯୋଗ କ୍ରମେ ପୁଲିସ ୭୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଥାନା ଅଧିକାରୀ ଗାୟତ୍ରୀ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ସ୍ଥାନରେ ଚଢଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରିଥିଲେ । ଏହି ଚଢଉ ରେ ଥାନା ଅଧିକାରୀ ଶ୍ରୀମତୀ ମିଶ୍ରଙ୍କ ସମେତ ଏସଆଇ ବାସୁଦେବ ଜୟସିଂ, ଏସ. ମହାନ୍ତି, ବି.କେ. ପ୍ରତାପ ସିଂ ପ୍ରମୁଖ ସାମିଲ ଥିଲେ ।

## ଓଡିଶା, ମୋ ଓଡିଶା, ଆମ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଏଠାରେ ସବୁ କାର୍ଯ୍ୟ କେବଳ ସ୍ୱାର୍ଥ ପାଇଁ ଚାଲେ 'ଜିରୋ ରୁ ହିରୋ' ପର୍ଯ୍ୟନ୍ତ, ଜନତାରୁ ସର୍ବ ଶକ୍ତିମାନ ନେତା ପର୍ଯ୍ୟନ୍ତ, ସେବା ପ୍ରଦାନକାରୀ ସରକାରୀ କର୍ମଚାରୀ ଠାରୁ ସ୍ୱାସ୍ଥ୍ୟ, ଶିକ୍ଷା, ତଥା ଯେତେ ବିଭାଗ ଅଛି ସବୁଠାରେ ଦୁର୍ନୀତି କ୍ୟାନ୍ସର /କର୍କଟ ରୋଗ ପରି ମାଡି ଯାଇଛି ଏହି ପରିପ୍ରେକ୍ଷୀରେ ମଧୁ ବାବୁଙ୍କ ଲିଖିତ କେଇ ପଦ ମନେ ପଡି ଯାଏ ... ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥୀ କଲେ ? ଟାଣେ କିରେ ଗାଡି ଦାନାର ତୋବଡ଼ା ଘୋଡା ମୁହେଁ ବନ୍ଧା ଥିଲେ ? ଉଠରେ ଉଠରେ ଉତ୍କଳ ସନ୍ତାନ, ଉଠିବୁ ତୁ କେତେ ଦିନେ, ପୂରୁବ ଗୌରବ ପୂରୁବ ସାହସ ପଡ଼ିବକି କେବେ ମନେ ?' ଆଜ୍ଞା କିଏ ମନେ ପକାଉଛି ସେହି ପୂରୁବ ଗୌରବ କଥା ? ସମସ୍ତେ ଆଜି ସ୍ୱାର୍ଥପର ଏବଂ ନିଜ ତଥା ଆଗାମୀ ପାଞ୍ଚ ପିଢ଼ି ପାଇଁ ଅନ୍ୟାୟ ଅନୀତି ଉପାୟରେ ଧନ ସଂଚିବାରେ ବ୍ୟସ୍ତ ଆଉ, ଆମେ 'ଆମ ଓଡିଶା, ମୋ ଓଡିଶା, ନବୀନ ଓଡ଼ିଶା'ର ଡିଣ୍ଡିମ ପିଟି କ'ଣ ସାବ୍ୟସ୍ତ କରିବାକୁ ବସିଛୁ ? କୋଟିଆରେ ଆନ୍ଧ୍ରର ଅନୁପ୍ରବେଶ, ସଢ଼େଇ କଳା ଖରସୁଆଁ କଥା ନ'କହିବା ଭଲ, ଉତ୍ତର ବାଲେଶ୍ୱରରେ ପଶ୍ଚିମ ବଙ୍ଗର ଜୋର ଜବରଦସ୍ତ ବାଲି ଚୋରା ଚାଲାଣ, ଓଡିଶାର ଗୋଟି ଶ୍ରମିକ ଆଜି ଭାରତର ବିଭିନ୍ନ ରାଜ୍ୟରେ ରକ୍ତକୁ ପାଣି କରି ପେଟ ପାଇଁ ଖଟୁଛନ୍ତି, କିଛି ନେତା ତଥା କିଛି ସୁବିଧା ବାଦୀ, କ୍ଷମତା ଲୋଭି ଓଡିଶାକୁ କୁ ଚକ୍ରାନ୍ତ କରି ବିଭିନ୍ନ ପ୍ରକାର କାରଣ ଦେଖାଇ ନିଜ ସ୍ୱାର୍ଥ ନିମନ୍ତେ ବିଭାଜିତ କରିବା ପାଇଁ ଆପ୍ରାଣ ଚେଷ୍ଟା ଚଳାଇ ଆସୁଛନ୍ତି ଓଡିଶା ରାଜ୍ୟକୁ ଭାଙ୍ଗି ନୂତନ ରାଜ୍ୟ କରିବା କେତେଦୂର ଯୁକ୍ତି ଯୁକ୍ତ ? ଭୌଗଳିକ ରେଖା ନ' ଟାଣି ଅନ୍ତରରୁ ନିଃସ୍ୱାର୍ଥପର ଭାବେ ଓଡିଶାକୁ ଭଲ ପାଇବା ଶିଖନ୍ତୁ । ଯେଉଁ ନେତୃ ବୃନ୍ଦ ମାନେ ଅକ୍ଳାନ୍ତ ପରିଶ୍ରମ କରି ଓଡିଶାକୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ କରିଥିଲେ ସେମାନଙ୍କୁ ଟିକେ ଅନ୍ତରରୁ ମନେ ପକାନ୍ତୁ, ବୃଥା ରାଜନୀତି ଦ୍ୱାରା ନିଜ ଗୋଡ଼କୁ ନିଜେ କୁରାଢ଼ୀ ମାରିବା ଦ୍ୱାରା କ୍ଷତି ନିଜର ହେବ, ରାଜ୍ୟ ବାସୀଙ୍କର ମଧ ହେବ । ସମାଜର ଗୁଣି, ଜ୍ଞାନୀ, ବରିଷ୍ଠ ନାଗରିକ ଯୁବପିଢ଼ି ଆଗେଇ ଆସନ୍ତୁ ଓଡ଼ିଶାର ସୁନାମକୁ ବଜାୟ ରଖନ୍ତୁ, ବନ୍ଦେ ଉତ୍କଳ ଜନନୀ, ଜୟ ହିନ୍ଦ ।

ସମ୍ମାନ ସହ,
ବରିଷ୍ଠ ନାଗରିକ, ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ ୭୫୩୦୦୯
ମୋ:୯୯୩୭୧୭୪୦୯୭

## ଦେବାଳିଆ ସ୍ଥିତିରେ କେରଳ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଅଥଚ ଏବେ ରାଜ୍ୟ ଅର୍ଥମନ୍ତ୍ରୀ ଏହି ସମସ୍ୟା ପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରି ନିଜର ଅପାରଗତାକୁ ଲୁଚାଇବାକୁ ଚେଷ୍ଟା କରୁଛନ୍ତି । ପୂର୍ବତନ ଅର୍ଥମନ୍ତ୍ରୀ ଥମାସ ଇସାକ୍ ରାଜ୍ୟର ଏହି ସମସ୍ୟାପାଇଁ ମୁଖ୍ୟମନ୍ତ୍ରୀ ବିଜୟନଙ୍କ ପୂର୍ବ କାର୍ଯ୍ୟକାଳରେ ନେଇଥିବା ନିଷ୍ପତ୍ତିକୁ ଦୋଷ ଦେଇଛନ୍ତି । ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ (ସିଏଜି)ଙ୍କ ରିପୋର୍ଟରେ ଅର୍ଥମନ୍ତ୍ରୀ ବାଳଗୋପାଳଙ୍କ ଦ୍ୱାରା ଅଧିକ ଟିକସ ବୃଦ୍ଧିକୁ ନିରାଧାର କୁହାଯାଇଥିଲା । ରାଜ୍ୟ ରାଜସ୍ୱର ୨୨.୩ ପ୍ରତିଶତ କେବଳ ଋଣ ରହିଥିବା ସିଏଜିଙ୍କ ରିପୋର୍ଟରେ ପ୍ରକାଶ ପାଇଛି । "କେରଳ ମଡେଲ"ର ପ୍ରଚାର କରୁଥିବା ସରକରା ସାମାଜିକ ସୁରକ୍ଷା ପେନସନ ବହୁମାସ ଧରି ଲୋକଙ୍କୁ ଦେଇନାହାନ୍ତି । କୋରୋନା ଯୋଗୁ ମୃତ ବିପିଏଲ ପରିବାରକୁ ମାସିକ ୫୦୦୦ଟଙ୍କା ସହାୟତା ଥରୁଟିଏ ମାତ୍ର ବଣ୍ଟନ ହୋଇଛି । ପଲକ୍କଡ ଏବଂ କୁଟ୍ଟନାଡରେ ମାସ ମାସ ଧରି ଧାନ କିଣାର ଟଙ୍କା ଚାଷୀ ପାଇପାରିନାହାନ୍ତି । କେରଳର ପନିପରିବାଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ମାସ ମାସ ଧରି ମିଳିନାହିଁ । କେରଳ ରାଜ୍ୟ ସଡକ ପରିବହନ ନିଗମର କର୍ମଚାରୀମାନେ ମାସ ମାସ ଧରି ବିନା ଦରମାରେ କାର୍ଯ୍ୟ କରି ଶେଷରେ ଅଦାଲତ ଯିବାକୁ ବାଧ ହୋଇଛନ୍ତି । ଅଥଚ ରାଜ୍ୟ ସରକାର ନୂଆଦିଲ୍ଲୀରେ ଫେବୃଆରୀ ମାସରେ କେରଳ ହାଉସରୁ ଜନ୍ତରମନ୍ତର ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଉପେକ୍ଷା ଅଭିଯୋଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଚଳିତ ମାର୍ଚ୍ଚ ମାସ ପାଇଁ ୨୨ହଜାର କୋଟି ଟଙ୍କା କେରଳ ଦରକାର କରୁଥିବା ବେଳେ ଶିକ୍ଷକଙ୍କୁ ଦରମା ଦେବାକୁ ଟଙ୍କା ନାହିଁ । ସରକାର ନିଜ ଯୋଜନାରେ ମାସିକ ୬୦ଲକ୍ଷ ଲାଭାର୍ଥୀଙ୍କୁ ପେନସନ୍ ଦେବାକୁ ସାମିଲ କରି ରଖିଛନ୍ତି । ଦେଖିବାକୁ ଗଲେ ସର୍ବାଧିକ ଶିକ୍ଷିତ, ଶିକ୍ଷା ଓ ସ୍ୱାସ୍ଥ୍ୟରେ ଅଧିକ ଆଗରେ ଥିବା ରାଜ୍ୟ, ବିଦେଶରେ ଅଧିକ ଲୋକ ଚାକିରୀ କରୁଥିବା ରାଜ୍ୟ କେରଳର ଏହି ଆର୍ଥିକସ୍ଥିତି ଅନ୍ୟ ରାଜ୍ୟଗୁଡିକ ପାଇଁ ସତର୍କ ଘଣ୍ଟି ସଦୃଶ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ତାତି ଉପରମୁହାଁ: ପାରଳାଖେମୁଣ୍ଡି ...

୩୮.୧ ଡିଗ୍ରୀ, ବାରିପଦାରେ ୩୬.୦ ଡିଗ୍ରୀ, ଝାରସୁଗୁଡ଼ାରେ ୩୮.୩ ଡିଗ୍ରୀ, କେନ୍ଦୁଝରଗଡ଼ର ତାପାମାତ୍ରା ୩୬.୨ ଡିଗ୍ରୀ ରେକର୍ଡ କରାଯାଇଛି । ସେହିପରି ସମ୍ବଲପୁରରେ ୩୮.୦ ଡିଗ୍ରୀ, ସୁନ୍ଦରଗଡ଼ରେ ୩୭.୪ ଡିଗ୍ରୀ, ହୀରାକୁଦରେ ୩୮.୦ ଡିଗ୍ରୀ, ତାଳଚେରରେ ୩୮.୬ ଡିଗ୍ରୀ, ଭବାନୀପାଟଣାରେ ୩୯.୦ ଡିଗ୍ରୀ, ବଲାଙ୍ଗିରରେ ୩୮.୯ ଡିଗ୍ରୀ, କୋରାପୁଟରେ ୩୬.୦ ଡିଗ୍ରୀ, ଫୁଲବାଣୀରେ ୩୮.୯ ଡିଗ୍ରୀ, ଟିଟିଲାଗଡ଼ରେ ୩୯.୨ ଡିଗ୍ରୀ, ମାଲକାନଗିରିରେ ୩୮.୨ ଡିଗ୍ରୀ, ସୋନପୁରରେ ୩୭.୪, ଦାରିଙ୍ଗବାଡ଼ିରେ ୩୪.୫ ଡିଗ୍ରୀ, ନୟାଗଡ଼ରେ ୩୯.୨, ବୌଦ୍ଧରେ ୩୯.୫ ଡିଗ୍ରୀ, ଛତ୍ରପୁରରେ ୩୫.୦ ଡିଗ୍ରୀ,ପାରଳାଖେମୁଣ୍ଡିରେ ୩୯.୮ ଡିଗ୍ରୀ, ରାୟଗଡ଼ାରେ ୩୮.୬ ଡିଗ୍ରୀ, ଭଦ୍ରକରେ ୩୬.୪ ଡିଗ୍ରୀ, ଭଦ୍ରକରେ ୩୬.୪ ଡିଗ୍ରୀ, ଢେଙ୍କାନାଳରେ ୩୭.୫ ଡିଗ୍ରୀ, ବରଗଡ଼ରେ ୩୫.୨ ଡିଗ୍ରୀ, ଦେବଗଡ଼ରେ ୩୫.୨ ଡିଗ୍ରୀ, ନୂଆପଡ଼ାରେ ୩.୪ ଡିଗ୍ରୀ, ନବରଙ୍ଗପୁରରେ ୩୭.୬ ଡିଗ୍ରୀ, ଜଗତସିଂହପୁରରେ ୩୭.୫ ଡିଗ୍ରୀ ଓ ରାଉରକେଲାରେ ତାପମାତ୍ରା ୩୬.୮ ଡିଗ୍ରୀ ରେକର୍ଡ କରାଯାଇଛି।

## ଟିକେଟ ମିଳିଲାନି:...

ଇସ୍ତଫାପତ୍ର ପଠାଇ ଦେଇଥିବା ସୂଚନା ଦେଇଛନ୍ତି। ସେ ଧର୍ମଶାଳା ଆସନରୁ ସ୍ୱାଧୀନ ପ୍ରାର୍ଥୀ ହେବେ ବୋଲି ମଧ ଘୋଷଣା କରିଛନ୍ତି। ଦୀର୍ଘ ବର୍ଷ ଧରି ସେ ବିଜେଡିରେ ରହିଥିବା ବେଳେ ତାଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ଆଣି ଇସ୍ତଫା ଦେଇଛନ୍ତି ସତୀଶ। ତେବେ ଧର୍ମଶାଳା ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି କହିଛନ୍ତି, ସତୀଶ କେବେ ଦଳରେ ନଥିଲେ କି ଦଳର କୌଣସି କାର୍ଯ୍ୟକ୍ରମରେ ସାମିଲ ହେଉ ନଥିଲେ। ଏଣୁ ତାଙ୍କର ଇସ୍ତଫା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଧର୍ମଶାଳାରେ ବିଜୁ ଜନତା ଦଳର ପ୍ରାର୍ଥୀ ବହୁ ଭୋଟରେ ବିଜୟୀ ହେବେ।

## ଉତ୍ତରପ୍ରଦେଶର କୁଖ୍ୟାତ...

ମୁଖତାରର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାକୁ ରାଣୀ ଦୁର୍ଗାବତୀ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସା ପରେ ତାକୁ ହସ୍ପିଟାଲରୁ ଡିସଚାର୍ଜ କରି ପୁଣି ଜେଲ୍ ପଠାଇ ଦିଆଯାଇଥିଲା। ଏହା ପୂର୍ବରୁ ମୁକ୍ତାରର ଖାଦ୍ୟରେ ବିଷ ମିଶାଯାଉଥିବା ତା ଭାଇ ତଥା ଗାଜିପୁରରୁ ବହୁଜନ ସମାଜ ପାର୍ଟି ସାଂସଦ ଅଫଜଲ ଅନସାରୀ ଅଭିଯୋଗ କରିଛି । ଅଫଜଲ କହିଛନ୍ତି ଯେ ଏ ସମ୍ପର୍କରେ ଖୋଦ ମୁଖତାର ତାଙ୍କୁ କହିଥିଲା । ତାଙ୍କ ଦାବି ଅନୁସାରେ ମୁଖତାରକୁ ପ୍ରାୟ ୪୦ ଦିନ ତଳେ ବିଷ ଦିଆଯାଇଥିଲା ଏବଂ ନିକଟରେ ତାଙ୍କୁ ପୁଣି ଥରେ ବିଷ ଦିଆଯାଇଥିଲା, ବୋଧହୁଏ ମାର୍ଚ୍ଚ ୧୯ କିମ୍ବା ୨୨ ତାରିଖରେ, ଯାହା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥିଲା।

## କୋର୍ଟରେ ପୁରୁଣା କଥା....

ଆବଶ୍ୟକତା ରହିଛି। ତେବେ ଇଡି ରିମାଣ୍ଡ ଆବେଦନ କରିଥିବା ବେଳେ କେଜ୍ରିଓ୍ୱାଲ ବେଶ ବେଧଡ଼କ ଅନ୍ଦାଜରେ ନିଜର ପକ୍ଷ କୋର୍ଟରେ ରଖିଥିଲେ। ସେ କହିଛନ୍ତି, "ଏହି ମାମଲା ଦୁଇ ବର୍ଷ ହେଲା ଚାଲିଛି। ଅଗଷ୍ଟ ୧୭ରେ ମାମଲା ହୋଇଥିଲା। କୌଣସି କୋର୍ଟ ମୋତେ ଦୋଷୀ ବିବେଚନା କରି ନାହାନ୍ତି। ମୋ ବିରୋଧରେ କୌଣସି ଚାର୍ଜ ନାହିଁ କିମ୍ବା ମୋ ନାଁରେ କୌଣସି ମାମଲା ହୋଇ ନାହିଁ। କିନ୍ତୁ ମୋତେ ଗିରଫ କରାଯାଇଛି। ମନୀଷ ସିସୋଦିଆଙ୍କ ସଚିବ ସି ଅରବିନ୍ଦ କହିଛନ୍ତି ଯେ ମୋ ଉପସ୍ଥିତିରେ ସିସୋଦିଆ ତାଙ୍କୁ କିଛି ଫାଇଲ ଦେଇଛନ୍ତି। ଅନେକ ମନ୍ତ୍ରୀ ମୋ ଘରକୁ ଆସନ୍ତି ଓ ଦସ୍ତାବିଜ ଦିଅନ୍ତି। କ'ଣ ଜଣେ କାର୍ଯ୍ୟରତ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରିବା ପାଇଁ ଏହା ଯଥେଷ୍ଟ ? ୨୦୨୨ ଅଗଷ୍ଟ ୨୨ରେ ଇଡି ପକ୍ଷରୁ ଇସିଆଇଆର ଦାଖଲ କରାଯାଇଥିଲା। ଇଡି ଏଯାଏ ୩୧ ହଜାର ଦସ୍ତାବିଜ ଠାବ କରିଛି। ମୋ ନାଁ କେବଳ ୪ଟି ବୟାନରେ ରହିଛି। ରାଘବ ମାଗୁଣ୍ଟା ୫ଟି ବୟାନ ଦେଇଛନ୍ତି। ତାଙ୍କୁ ଯାହା କୁହାଯାଇଥିଲା, ସେ ସେହି ଅନୁସାରେ ବୟାନ ଦେଇଛନ୍ତି। କୌଣସି ବିବୃତିରେ ସେ ମୋ ବିଷୟରେ କିଛି ବି କହି ନାହାନ୍ତି। ଘଟଣାରେ ଗିରଫ ହୋଇଥିବା ଶରତ ରେଡ୍ଡୀ ଜେଲରୁ ଆସିବା ପରେ ବିଜେପିକୁ ୫୫ କୋଟି ଟଙ୍କା ନିର୍ବାଚନୀ ବଣ୍ଡ ଆକାରରେ ଦେଇଛନ୍ତି। ଏଥିରୁ ମନି ଟ୍ରାଏଲ ପ୍ରମାଣିତ ହେଉଛି। ତଥାପି କିଛି ବି ହେଉନି। ସେମାନେ କେବଳ ଆପ୍‌କୁ ଦଳି ଦେବାକୁ ଚାହାନ୍ତି। ସେମାନେ ଲୁଟ କରିବାକୁ ଚାହୁଁଛନ୍ତି। ଶରତ ରେଡ୍ଡୀଙ୍କ ୭ଟି ବୟାନ ରହିଛି। ଏହା ମଧ୍ୟରୁ ୬ଟିରେ ମୋ ନାଁ ନଥିଲା। ୭ମ ବିବୃତିରେ ସେ ମୋ ନାଁ ନେବା ପରେ ତାଙ୍କୁ ଜାମିନ ମିଳି ଯାଇଥିଲା। କେବଳ ୪ଟି ବିବୃତିରେ ଇଡି ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରିଛି। ହେଲେ ଇଡି ପାଖରେ ମୁଁ ନିର୍ଦ୍ଦୋଷ ନେଇ ରହିଥିବା ହଜାର ହଜାର ଦସ୍ତାବିଜର ଅର୍ଥ କ'ଣ ? ଯଦି ୧୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି, ତା'ହେଲେ ସେସବୁ ଟଙ୍କା କୁଆଡ଼େ ଗଲା ? ପ୍ରକୃତରେ ଇଡି ତଦନ୍ତ କରିବା ପରେ ଦୁର୍ନୀତି ଆରମ୍ଭ ହୋଇଛି। ଏସବୁ ସତ୍ତ୍ୱେ ଇଡି ଯଦି ମୋତେ ରିମାଣ୍ଡରେ ରଖିବାକୁ ଚାହୁଁଛି, ତା'ହେଲେ ଏଥିରେ ମୁଁ ରାଜି। ଇଡିର ଦୁଇଟି ଲକ୍ଷ୍ୟ, ଗୋଟିଏ ହେଲା ଆପ୍‌କୁ ଧ୍ୱଂସ କରିବା ଓ ଅନ୍ୟଟି ହେଲା ବିଭିନ୍ନ ଆଳରେ ଟଙ୍କା ଲୁଟ ବା ବଟି ଆଦାୟ କରିବା। " ତେବେ ଇଡି ପକ୍ଷରୁ ଏସବୁ ଅଭିଯୋଗକୁ ଖଣ୍ଡନ କରାଯାଇଛି।

## ନ୍ୟାୟପାଳିକା ଉପରେ କିଏ ପକାଉଛି ...

ଜୟରାମ ରମେଶ କାଉଣ୍ଟର କରିଛନ୍ତି। ନ୍ୟାୟପାଳିକାକୁ ସୁରକ୍ଷା ଦେବା ନାଁରେ ପ୍ରଧାନମନ୍ତ୍ରୀ ଏହା ଉପରେ ଆକ୍ରମଣ କରି ଚାଲିଛନ୍ତି। ଏହା ଦୋମୁହାଁ ନୀତିର ପରିଚୟ ବୋଲି ରମେଶ କହିଛନ୍ତି। ସୁପ୍ରିମକୋର୍ଟ ନିକଟରେ ଏକାଧିକ ରାୟ ଜରିଆରେ ତାଙ୍କୁ ଜବରଦସ୍ତ ଝଟକା ଦେଇଛନ୍ତି। ନିର୍ବାଚନୀ ବଣ୍ଡ ଏହାର ଉଦାହରଣ। ସୁପ୍ରିମକୋର୍ଟ ଏହାକୁ ଅସାମ୍ବିଧାନିକ କହିଛନ୍ତି। ସେମାନେ କମ୍ପାନୀ ଗୁଡ଼ିକୁ ଡରାଇ ଓ ଧମକାଇବ ବିଜେପିକୁ ଚାନ୍ଦା ଦେବାକୁ ବାଧ କରୁଥିଲେ ବୋଲି ଏବେ କୌଣସି ସନ୍ଦେହ ନାହିଁ ବୋଲି ରମେଶ ଅଭିଯୋଗ କରିଛନ୍ତି।

## ବରୁଣଙ୍କ ଭାବପ୍ରବଣ...

ସାଂସଦ ଭାବେ ନ ହେଲେ ମଧ ପିଲଭିତ୍ ମାଟି ମା'ର ପୁଅ ଭାବେ ମୁଁ ଆଜୀବନ ସେବା କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ପିଲଭିତ୍ ଜନସାଧାରଣଙ୍କ ପାଇଁ ମୋ ଘର ଦ୍ୱାର ସବୁବେଳେ ଖୋଲା ରହିବ। ଏଠାକାର ଜନସାଧାରଣଙ୍କ ସହିତ ମୋର ସମ୍ପର୍କ ରାଜନୈତିକ ପରିସୀମାଠାରୁ ଉର୍ଦ୍ଧ୍ୱରେ। ଏହି ସମ୍ପର୍କ ହେଉଛି ଭଲ ପାଇବା ଏବଂ ବିଶ୍ୱାସର। ମୁଁ ଆପଣଙ୍କର ଥିଲି, ରହିଛି ଏବଂ ଜୀବନର ଶେଷ ପର୍ଯ୍ୟନ୍ତ ରହିବି ମଧ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଶାନ୍ତି ଆନନ୍ଦାଶ୍ରମରେ ସନାତନ ଧର୍ମ ସମ୍ମିଳନୀ: ଦୋଳ ପୂର୍ଣ୍ଣିମାରେ ଆଶ୍ରମ ଉତ୍ସବମୁଖର

ବସ୍ତା, ୨୮/୩ (ନି.ପ୍ର): ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ବାଖରବାଦ ଶାନ୍ତି ଆନନ୍ଦାଶ୍ରମରେ ୩ଦିନ ବ୍ୟାପୀ ଦୋଳ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ କରମଳା ଶାନ୍ତି ଆନନ୍ଦାଶ୍ରମର ବାବାଜୀ ଶ୍ରୀ ବନବିହାରୀ ଦାସଙ୍କ ତତ୍ତ୍ୱାବଧାନରେ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ବିଶ୍ୱଶାନ୍ତି ନାମଯଜ୍ଞ, ମହାଯଜ୍ଞ ଏବଂ ସନାତନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବାବାଜୀ ଶ୍ରୀ ଦେବାନନ୍ଦ ଦାସ ଏହି ଧର୍ମ ସମ୍ମିଳନୀରେ ପୌରୋହିତ୍ୟ କରିଥିଲେ । ବାବାଜୀ ଶ୍ରୀ ହରିଶଙ୍କର ଦାସ, ଧର୍ମାନନ୍ଦ ଦାସ, ଜୟକୃଷ୍ଣ ଦାସ, ଅଚ୍ୟୁତାନନ୍ଦ ଦାସ,ଦିବ୍ୟ ଚୈତନ୍ୟ ଦାସ,ଆଶ୍ରମ ପରିଚାଳକ ସହଦେବ ଦାସ ପ୍ରମୁଖ ମଞ୍ଚାସିନ ହୋଇ ଜଗତଗୁରୁ ଅଭିରାମ ପରମହଂସ ଦେବଙ୍କ ଜୀବନ ଆଦର୍ଶ ସମ୍ପର୍କରେ ଆଧ୍ୟାତ୍ମିକ ବାଣୀ ଶୁଣାଇଥିଲେ । ପ୍ରତି ସନ୍ଧ୍ୟାରେ ଭଜନ, ହରିକଥା ଓ ଠାକୁରଙ୍କ ପାଲା ପରିବେଷଣ ହୋଇଥିଲା । ବାବାଜୀ ଶ୍ରୀ ସଦାନନ୍ଦ ଦାସ,ଭୈରବାନନ୍ଦ ଦାସ,ଜଗବନ୍ଧୁ ଦାସ, ପରମେଶ୍ୱର ଦାସ, ବିଜୟାନନ୍ଦ ଦାସ, ଜ୍ୟୋତିପ୍ରକାଶ ଦାସ, ଜନ୍ମେଜୟ ଦାସ ଓ ଦିବାକର ଦାସ ପ୍ରମୁଖ ଯୋଗ ଦେଇଥିଲେ । ଆଞ୍ଚଳିକ ଭକ୍ତଗୋଷ୍ଠୀ ପକ୍ଷରୁ ଦୀନକୃଷ୍ଣ ମହାନ୍ତି, ମଧୁସୂଦନ ବେହେରା, ଅଭିରାମ ମହାନ୍ତି, ବିଜୟ କୁମାର ପଣ୍ଡା, ନିରଞ୍ଜନ ବାରିକ, ରବୀନ୍ଦ୍ର ପ୍ରଧାନ, ରବୀନ୍ଦ୍ର ସେଠୀ ଓ ରାଜକିଶୋର ମହାପାତ୍ର, ଉପେନ୍ଦ୍ର ମନ୍ତ୍ରୀ, କାର୍ତ୍ତିକ ଚନ୍ଦ୍ର ରାଉତ, ପ୍ରଶାନ୍ତ ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଉତ୍ସବ ପରିଚାଳନା କରିଥିଲେ।



# ସାଧାରଣ ନିର୍ବାଚନ - ୨୦୨୪ ପ୍ରସ୍ତୁତି : ସମସ୍ତ ଏନ୍‌ଫୋର୍ସମେଣ୍ଟ ଏଜେନସି ପାଇଁ ପ୍ରଥମ ବୈଠକ ଧରପଗଡ଼ କଡ଼ାକଡ଼ି ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



ଭଦ୍ରକ, ୨୮/୩ (ନି.ପ୍ର): ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନ ସଭା ସାଧାରଣ ନିର୍ବାଚନ ଉପଲକ୍ଷେ ଆଦର୍ଶ ଆଚରଣ ବିଧି ଲାଗୁ ହେବାପରେ ଏହାର କାର୍ଯ୍ୟକାରୀତା ନେଇ ଜିଲ୍ଲା ପ୍ରଶାସନ କଡ଼ା ପଦକ୍ଷେପ ନେବା ଆରମ୍ଭ କରିଛି। ବିଭିନ୍ନ ଦିଗରେ ଅବୈଧ କାରବାର ରୋକାଯିବା ନେଇ ଧରପଗଡ଼, ଜବଦ, ଜୋରିମାନା ଆଦାୟ, ରାଜସ୍ୱ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଧରପଗଡ଼ ଏଜେନସି ମାନଙ୍କ ପାଇଁ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁଇ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ସସ୍ମିତ କୁମାର ଗଡ଼ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଏହି ବୈଠକରେ ଯୋଗଦେଇ ଜିଲ୍ଲାରେ ଧରପଗଡ଼ ଜନିତ ତଥ୍ୟ ସମୀକ୍ଷାରେ ମତାମତ ପ୍ରଦାନ କରିଥିଲେ। ନିର୍ବାଚନ ବାତାବରଣକୁ ଅବାଧ ସ୍ୱଚ୍ଛ ରଖିବା ପାଇଁ ସମସ୍ତ ଦିଗରେ ଧରପଗଡ଼ କଡ଼ାକଡ଼ି କରିବାକୁ ଜିଲ୍ଲାପାଳ ବୈଠକରେ ସଂପୃକ୍ତ ଅଧିକାରୀ ମାନଙ୍କୁ ତାଗିଦ୍ କରିଥିଲେ। ଅବକାରୀ, ଡ୍ରଗସ, ପୋଲିସ, ଆୟକର, ଜିଏସ୍‌ଟି, ରେଲୱେ, ବ୍ୟାଙ୍କ୍, ଡାକ, ରାଜସ୍ୱ ଆଦି ପ୍ରତି ବିଭାଗର ଧରପଗଡ଼ ଧାରା ଓ ଯୋଜନା ବିଷୟରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ସମସ୍ତ ଧରପଗଡ଼ ଟିମ୍ ସଜାଗ ହେଲେ ଯାଇ ସ୍ୱଚ୍ଛ ନିର୍ବାଚନ ମାହୋଲ ସୃଷ୍ଟି ହୋଇପାରିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ଡେପୁଟୀ କଲେକ୍ଟର ନିର୍ବାଚନ ସାଗରିକା ସାହୁ, ଡି.ଏସ୍.ପି.ଡି.ଆଇ.ବି. ପ୍ରଭାତ କୁମାର ବିଶ୍ୱାଳ, ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ର, ଏଲ୍.ଡ଼ି.ଏମ୍. ନାଗେଶ୍ୱର ରାୟ ସହକାରୀ କମିଶନର ସେଲଟ୍ୟାକ୍ସ, ସଂପୃକ୍ତ ଅବକାରୀ ଥାନାଧିକାରୀ, ରେଲୱେ ପୋଲିସ୍ ଏବଂ ଅନ୍ୟ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

# ସିପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




ବାରିପଦା , ୨୮/୩ (ନି.ପ୍ର): ସ୍ଥାନୀୟ କଲେଜ ପଡିଆରେ ୮ମ ବାର୍ଷିକ ସି ପି ଏଲ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି ଓ ଫାଇନାଲ ମ୍ୟାଚରେ ପ୍ଲେ ବେକ ଚେଲେଞ୍ଜର୍ସ ଜଗନ୍ନାଥ ୱାରିୟାର୍ସକୁ ୭ ଉଇକେଟରେ ପରାସ୍ତ କରି ଚମ୍ପିୟାନ ହୋଇଛି ଓ ପ୍ରଥମେ ବେଟିଂ କରି ଜଗନ୍ନାଥ ୱାରିୟାର୍ସ ୧୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୫୯ ରନ କରିପାରିଥିଲେ ଓ ଉତ୍ତରରେ ପ୍ଲେ ବେକ ଚେଲେଞ୍ଜର୍ସ ୮ ଓଭରରେ ୩ ଉଇକେଟ ହରାଇ ୬୨ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ ଓ କେ ଇନ୍ଦ୍ରଜିତ ପ୍ରସାଦ ଓ ସାଇବା ସିଂ ଖେଳ ପରିଚାଳନା କରିଥିବାବେଳେ ମାନସ ପାଣ୍ଡେ ସ୍କୋରିଂ ରେ ସହାୟତା ପ୍ରଦାନ କରିଥିଲେ ଓ ପଙ୍କଜ ମହାକୁଡ଼ ଓ ବୁବୁନ ବାରିକ ଧାରାବିବାରଣୀ ପ୍ରଦାନ କରିଥିଲେ ଓ ଚମ୍ପିୟାନ ଦଳକୁ ୭୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୫୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା ଓ ମ୍ୟାନ ଅଫ ଦି ମ୍ୟାଚ ଭାବେ ଯଶୋବନ୍ତ ମାଝୀ, ମ୍ୟାନ ଅଫ ଦି ସିରିଜ ଓ ଶ୍ରେଷ୍ଠ ବୋଲର ଭାବେ ଆଦିତ୍ୟ ବସା, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ସୁଧାକର ନାୟକ ତଥା ଶ୍ରେଷ୍ଠ ସଂଗଠକ ଭାବେ ସୌରଜିତ ସାହୁ ପୁରସ୍କୃତ ହୋଇଥିଲେ ଓ ଟୁର୍ଣ୍ଣାମେଣ୍ଟର ସଭାପତି ଗିରିଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଦେବାଶିଷ ମାର୍ଣ୍ଡି, ନଗରପାଳ କୃଷ୍ଣଓନନ୍ଦ ମହାନ୍ତି କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଦେବାଶିଷ ଦାସ, ଅରୁଣ ବରାଡ଼, ଉପ ସଭାପତି ସଂଜୀବ ଦ୍ୱିବେଦୀ, ଅମର ସେଠି ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ ଓ ଆୟୋଜକ ଜୀତ ପଟ୍ଟନାୟକ, ସତ୍ୟନାରାୟଣ ଜୀଉ, ସନ୍ଦୀପ୍ତ ମଲ୍ଲିକ ଓ ପ୍ରଣବ ସେଠୀ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ମଦମୁକ୍ତ ପଞ୍ଚାୟତ କରିବା ପାଇଁ ଏକତ୍ରିତ ହେଲେ ଗ୍ରାମବାସୀ



ଲଙ୍ଗଳେଶ୍ୱର , ୨୮/୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗ ପଞ୍ଚାୟତକୁ ମଦମୁକ୍ତ ପାଇଁ ଡୁମିଚକ ଗାଁରେ ସାରଥୀ ସାଜିଛନ୍ତି ଆଇନଜ୍ଞୀ ଜ୍ୟୋତ୍ସ୍ନାରାଣୀ ମହାନ୍ତି। ଡୁମିଚକ ଗାଁ ରେ ଦେଖାଦେଇଛି ସରକାରଙ୍କ ପ୍ରତି ଅସନ୍ତୋଷ। ସୂଚନାଯୋଗ୍ୟ ବାଲିଆପାଳ ବ୍ଲକ ଅନ୍ତର୍ଗତ ଡୁମିଚକ ଗାଁ ରେ ନିଶାର କେନ୍ଦ୍ରସ୍ଥଳୀ ପାଲଟିଛି। ଦୀର୍ଘ ଦିନରୁ ଏହି ଗ୍ରାମରେ ଦୁଇଟି ଚୋରା ମଦ ଦୋକାନ ଖୁଲମଖୋଲା ଭାବରେ ମଦ ବିକ୍ରି କରିଆସୁଛନ୍ତି। ଯାହା ଫଳରେ ଏହି ଗ୍ରାମ ସହିତ ଆଖପାଖ ଅଞ୍ଚଳର ଯୁବ ଗୋଷ୍ଠୀ । ବେଧଡକ ଭାବେ ମଦ ବିକ୍ରି ଚାଲିଥିବାରୁ ପଥ ଭ୍ରଷ୍ଟ ହୋଉଛନ୍ତି ଆଜିର ଯୁବସମାଜ।ମା, ଭଉଣୀ ,ସ୍ତ୍ରୀ ମାନଙ୍କ ପ୍ରତି ଅତ୍ୟାଚାର ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଗ୍ରାମର ଯୁବ ବର୍ଗ ମହିଳା ଗୋଷ୍ଠୀ, ବୁଦ୍ଧିଜୀବୀଙ୍କ ସମେତ ଜନନୀ ପରିବାରର ମୁଖ୍ୟ ଉପଦେଷ୍ଟା ଜ୍ୟୋତ୍ସ୍ନାରାଣୀ ମହାନ୍ତିଙ୍କ ନେତୃତ୍ୱରେ ମଙ୍ଗଳା ମନ୍ଦିର ନିକଟରେ ଏକତ୍ରିତ ହୋଇଥିଲେ ସରକାର ଓ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଯଦି ଆଗାମୀ ଭବିଷ୍ୟତରେ ସରକାର ମଦ ବନ୍ଦ କରିବା ପାଇଁ ପଦକ୍ଷେପ ନ ନିଅନ୍ତି ଆସନ୍ତା ନିର୍ବାଚନରେ ଭୋଟ ବର୍ଜ୍ଜନ କରିବାକୁ ବାଧ ହେବୁ ବୋଲି ଗ୍ରାମବାସୀମାନେ ଏବଂ ବାଲିଆପାଳର ବିଭିନ୍ନ ଗୋଷ୍ଠୀ ସହଯୋଗ କରିବେବୋଲି ମତବ୍ୟକ୍ତ କରିଛନ୍ତି। ଏହି ବୈଠକରେ ପିତାମ୍ବର ଦଳାଇ, ବନମାଳୀ ଦଳାଇ, ବିଭୂତି ଦଳାଇ, ସନ୍ୟାସୀ ମାଝୀ, ଭଗବାନ ଦଳାଇ, ଗଙ୍ଗାଧର ପଞ୍ଚାୟତ ଏବଂ ଟୁନି କଅଁର କୁନି କଅଁର, ସୁମିତ୍ରା ଦଳାଇ, ଲକ୍ଷ୍ମୀପ୍ରିୟା ଦଳାଇ, ମଞ୍ଜୁଲତା ଦଳାଇ ଓ ଜନନୀ ପରିବାରର ସମସ୍ତ ସଦସ୍ୟା ଏବଂ ସମାଜସେବୀ ସଦାଶିବ ସେଠି ଉପସ୍ଥିତ ଥିଲେ।

# କବି ଶିବ ପ୍ରସାଦ ଦାଶଙ୍କ ପରଲୋକ



ବାସୁଦେବପୁର, ୨୮/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆର୍ତ୍ତୁଙ୍ଗ ପଞ୍ଚାୟତରେ ଜନ୍ମ ଗ୍ରହଣ କରିଥିବା ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ କବି ଶିବ ପ୍ରସାଦ ଦାଶ ଙ୍କ ପରଲୋକ ଘଟିଛି । କିଛି ଦିନ ଧରି ସେ ଅସୁସ୍ଥ ଥିଲେ । ତାଙ୍କ ପରଲୋକରେ ବାସୁଦେବପୁର ବ୍ଲକ ଓ ଭଦ୍ରକ ଜିଲ୍ଲା ରେ ଶୋକ ର ଛାୟା ଖେଳି ଯାଇଛି । ସ୍ୱର୍ଗତ କବି ପଣ୍ଡିତ ଶିବ ପ୍ରସାଦ ଦାଶ ଙ୍କ ଅନେକ କବିତାକୁ ନେଇ ଏକ ସ୍ୱତନ୍ତ୍ର ପୁସ୍ତକ କାବ୍ୟ ସମଗ୍ର ପକ୍ଷୀଘରର ପ୍ରକାଶକ ବାନୋଜ ତ୍ରିପାଠୀ ପ୍ରକାଶ କରିଥିଲେ । କବି ଶିବ ପ୍ରସାଦ ଦାଶ ଜଣେ ଉଚ୍ଚ କୋଟୀର କବି, ଶିକ୍ଷକ, ପଣ୍ଡିତ, ସମାଜ ସେବୀ ଓ ସଂଗଠକ ଥିଲେ । ତାଙ୍କର ଚାରି ପୁତ୍ର ଅଶୋକ ଦାଶ, ଅରୁଣ ଦାଶ , ଅଜିତ ଦାଶ ଓ ଅସିତ୍ ଦାଶ । କବି ସ୍ୱର୍ଗତ ଶିବ ପ୍ରସାଦ ଦାଶ ଓଡ଼ିଶାର ଅନେକ ସାହିତ୍ୟ ଅନୁଷ୍ଠାନ ଯଥା ବାଇ ଚଢେଇ, ରଙ୍ଗ ରାଗ ସାହିତ୍ୟ ସଂସ୍କୃତି ପରିଷଦ, ସିଦ୍ଧେଶ୍ୱର ସାହିତ୍ୟ ସଂସଦ , ବାସୁଦେବପୁର ମହୋତ୍ସବ ପ୍ରଭୃତି ଅନେକ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇଛନ୍ତି । ତାଙ୍କ ପରଲୋକରେ ବାସୁଦେବପୁର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବ୍ଲକ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ପୌର ପାଳିକା ଅଧ୍ୟକ୍ଷା ନିବେଦିତା ବେହେରା, ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର, କବି ଓ ଅନୁବାଦକ ଅଭିମନ୍ୟୁ ବେହେରା, ବାଇ ଚଢେଇ ସମ୍ପାଦକ କବି ବିକାଶ ଶତପଥୀ, ରଙ୍ଗରାଗ ସାହିତ୍ୟ ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, ଗାଳ୍ପିକ ସୁଦର୍ଶନ ସାମଲ, କବି ପ୍ରହ୍ଲାଦ ବାରିକ୍, କବି ରତ୍ନାକର ପଣ୍ଡା, କବି ସଦାନନ୍ଦ ପାଣଗ୍ରାହୀ , ବରିଷ୍ଠ ସାମ୍ବାଦିକ କିଶୋର କୁମାର ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ପ୍ରଧାନ ଶିକ୍ଷୟତ୍ରୀ ଅଞ୍ଜଳି ଜେନାଙ୍କ ବିଦାୟ ସମ୍ବର୍ଦ୍ଧନା ସଭା



ବସ୍ତା, ୨୮/୩ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ନାଡବଣୀ ଠାରେ ଥିବା ରାସବିହାରୀ ଉ:ପ୍ରା: ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଅଞ୍ଜଳି ଜେନା ଦିର୍ଘ ୩୮ ବର୍ଷଧରି ଶିକ୍ଷା ଦାନ କରି କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ବିଦାୟ କାଳିଣ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଯଦୁନାଥ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲିଆପାଟି କ୍ଲଷ୍ଟର ର ସିଆରସିସି ହରେନ୍ଦ୍ର ଗିରି, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ବରେନ୍ଦ୍ର କୁମାର ସାହୁ, ଭାସ୍କର ମହାପାତ୍ର, ପ୍ରଧାନ ଶିକ୍ଷକ ଅନାଦି ଚରଣ ନାୟକ, ଜୟକୃଷ୍ଣ ବିଶ୍ୱାଳ, ସହକାରୀ ଶିକ୍ଷୟତ୍ରୀ ହରପ୍ରିୟା ଗିରି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପରିତୋଷ ଦାସ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, କାହ୍ନୁ ଚରଣ ପାଗଳ, ପ୍ରମୁଖ ଯୋଗଦେଇ ଗୁରୁ ଓ ଶିଷ୍ୟ ମଧ ରେ ସହନଶୀଳତା ରୁ ନୂତନ ସମାଜ ଗଠନ ସମ୍ଭବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଅଞ୍ଜଳି ଜେନା ଙ୍କ ବିଶାଳ ଶୋଭାଯାତ୍ରା ରେ ଗ୍ରାମ ପରିକ୍ରମା କରି ଲଙ୍ଗଳେଶ୍ୱର ଠାରେ ଥିବା ତାଙ୍କ ବାସଭବନରେ ଛାଡିଥିଲେ। ସଞ୍ଜୀବ କୁମାର ନାୟକ, ତ୍ରିଲୋଚନ ଦାସ, ରଞ୍ଜନ ପରିଡ଼ା, ନମିତା ପରିଡ଼ା,ପଦ୍ମନ୍ନ ନାୟକ, ସିଦ୍ଧାନ୍ତ ନାୟକ, ସୁଶାନ୍ତ ଚଣ୍ଡ, କୃପାସିନ୍ଧୁ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ହିନ୍ଦୁସ୍ଥାନ ଡ୍ୟାନ୍ସ ଇନଷ୍ଟିଚ୍ୟୁସନ୍ ଆନୁକୂଲ୍ୟରେ ବିଶ୍ୱ ନାଟ୍ୟ ଦିବସ ପାଳିତ



ବାରିପଦା, ୨୮/୩ (ନି.ପ୍ର): ତକଟପୁର ସ୍ଥିତ ଏଚ ଡି ଆଇ ନୃତ୍ୟ ନାଟ୍ୟ ଅନୁଷ୍ଠାନ ପରିସରରେ ବିଶ୍ୱ ନାଟ୍ୟ ଦିବସ ବରିଷ୍ଠ ଓ ନୂତନ ପିଢ଼ି ତଥା ଶିଶୁ ନାଟ୍ୟପ୍ରେମୀ, କଳାକାର ମାନଙ୍କୁ ନେଇ ପାଳନ କରାଯାଇଥିଲା । ପ୍ରତିଷ୍ଠାନର ନିର୍ଦ୍ଦେଶକ ନୃତ୍ୟଗୁରୁ ଅମିତ୍ ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ, ଅଭିନେତା ଗୋବିନ୍ଦ ଚନ୍ଦ୍ର ଗିରି ମୁଖ୍ୟଅତିଥି, ଅନ୍ୟତମ ନାଟ୍ୟକାର,ନିର୍ଦ୍ଦେଶକ ଆଶିଷ କୁମାର ବଶା ମୁଖ୍ୟବକ୍ତା ତଥା ସମ୍ମାନିତ ବକ୍ତା ଭାବରେ ନାଟ୍ୟକାର,ଅଭିନେତା କ୍ଷିରୋଦ ସିଟ,ନିର୍ଦ୍ଦେଶକ ଅଜିତ କୁମାର ମହାପାତ୍ର, ବରିଷ୍ଠ ଅଭିନେତା ଅନିଲ କୁମାର ପ୍ରଧାନ, ନାଟ୍ୟ ନିର୍ଦ୍ଦେଶକ ତ୍ରିଲୋଚନ ସାହୁ, ନାଟ୍ୟକାର ଅଜିତ ପାଣିଗ୍ରାହୀ ତଥା ପାର୍ଥସାରଥୀ ଦାସ, ଅଭିନେତା ବିଜୟ ସେଠୀ, ହାସ୍ୟ ଅଭିନେତା ଅରୂପ କର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ସାରା ବିଶ୍ୱର ଦିବଂଗତ ନାଟ୍ୟକର୍ମୀମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା ହୋଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । 'ନାଟକର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକ ରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ସମ୍ପ୍ରତି ସମାଜ ପାଇଁ ନାଟକର ଆବଶ୍ୟକତା ଗୁରୁତ୍ୱ ସମ୍ପର୍କରେ ସଭିଏଁ ନିଜ ନିଜର ଅନୁଭୂତି,ଅଭିଜ୍ଞତା ଏବଂ ଅଭିମତ ରଖିଥିଲେ । ନାଟକ ସଂରକ୍ଷଣ ପାଇଁ ପ୍ରତ୍ୟେକ ସହରରେ ଏକ ସ୍ଥାୟୀ ମଂଚ ଆବଶ୍ୟକ। ବିଶ୍ୱ ନାଟ୍ୟ ଦିବସର ବିଶ୍ୱ ସମୁଦକ୍ଷୟକୁ ବାର୍ତ୍ତା 'ଶାନ୍ତି ପାଇଁ ନାଟକ' ଏବର୍ଷର ନାଟକ ଗୁଡ଼ିକର ସନ୍ଦେଶ ରୂପେ ବ୍ୟବହାର କରିବାକୁ ସ୍ଥିର କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଉପରାନ୍ତେ 'ନାଟକ ସ୍ଥାୟୀତ୍ୱ ପାଇଁ କିଛି ନା କିଛି କର୍ମ କରିବା.. ନାଟକ ମାଧ୍ୟମରେ ଶାନ୍ତିର ବାର୍ତ୍ତା ପ୍ରସାର କରିବା 'ଶପଥ ପାଠ କରାଯାଇଥିଲା । ବିଶିଷ୍ଟ ନାଟ୍ୟକର୍ମୀ ଶୁଭେନ୍ଦୁ କୁମାର ପଲ୍,ମନୋରଞ୍ଜନ ମହାପାତ୍ର, ଅଭିଜିତ ସାହୁ,ଅନିତା ବେହେରା, ମମତା ପାତ୍ର,ଶୃତିପ୍ରଭା ମାଇତୀ, ଭାଗ୍ୟଶ୍ରୀ ମହାପାତ୍ର, କଳ୍ପନା ମହନ୍ତ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

# ଚଳନ୍ତା ସ୍କୁଟିରୁ ଚେନ ଝାମ୍ପି ନେଲେ ଲୁଟେରା

ନୀଳଗିରି, ୨୮/୩ (ନି.ପ୍ର): ନୀଳଗିରି ଥାନା ଅଧୀନ ସଜନାଗଡ ଅଯୋଧ୍ୟା ରାସ୍ତାର ବଣଭୂଇଁ ଛକ ନିକଟରେ ବାଲିଆଝରି ଆଶ୍ରମ ସ୍କୁଲ ସଂସ୍କୃତ ଶିକ୍ଷୟତ୍ରୀ ଅନିତା ଦାସଙ୍କ ଠାରୁ ସୁନାଚେନ ଝାମ୍ପି ନେଇ ଚମ୍ପଟ ମାରିଛନ୍ତି ଲୁଟେରା।ସୂଚନା ମୁତାବକ ଗୁରୁବାର ସକାଳ ୯ ଟା ସମୟରେ ଅନିତା ସ୍କୁଟି ସହାୟତାରେ ସଜନାଗଡରୁ ସ୍କୁଲ ଅଭିମୁଖେ ଯାଉଥିବା ସମୟରେ ତିନି ଜଣ ଲୁଟେରା ଏକ ସ୍କୁଟିରେ ଆସି ଅନିତାଙ୍କ ବେକରୁ ଏକ ସୁନାଚେନ କାଟି ନେଇ ସଜନାଗଡ ଅଭିମୁଖେ ଚାଲିଯାଇଥିଲେ।ଅନିତା ସ୍କୁଟିରୁ ପଡିଯାଇ କ୍ଷତାକ୍ତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ ।ପରେ ଅନିତା ନୀଳଗିରି ଥାନାରେ ଅଭିଯୋଗ କରିଥିଲେ।ନୀଳଗିରି ପୋଲିସ ଖବରପାଇ ୧୦୫/ ୨୪ରେ ଏକ ଚୋରିମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।ସଜନାଗଡରୁ ଅଯୋଧ୍ୟା ଓ ଭାଲୁକାଶୁଣୀର ତିନିକୋଶିଆ ଜଙ୍ଗଲ ରାସ୍ତାରେ ରୀତିମତ ଛିନତାଇ ଓ ଚୋରି ହେଉଥିବାରୁ ଅଞ୍ଚଳବାସୀ ଉକ୍ତସ୍ଥାନରେ ଅସ୍ଥାୟୀ ପୋଲିସ କ୍ୟାମ୍ପ କରିବା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

# ଆମ ଆଦମୀ ପାର୍ଟି ବାଲେଶ୍ୱର ତରଫରୁ ଏକ ଦିବସୀୟ ଉପବାସ ପ୍ରତିବାଦ



ବାଲେଶ୍ୱର, ୨୮/୩ (ନି.ପ୍ର): ଆଜି ମାର୍ଚ୍ଚ ୨୮ ତାରିଖରେ ଆମ ଆଦମୀ ପାର୍ଟି ବାଲେଶ୍ୱର ତରଫରୁ ଆମ୍ବେଦକର ଙ୍କର ପ୍ରତିମୂର୍ତ୍ତି ତଳେ ଏକ ଦିବସୀୟ ଉପବାସ ପ୍ରତିବାଦ ରଖାଯାଇଛି।ଭାରତ ବର୍ଷରେ ମୋଦି ସରକାର ସମ୍ବିଧାନ ଏବଂ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ଧୂଳିସାତ କରି ବିରୋଧୀ ଦଳର ନେତାଙ୍କୁ ମିଥ୍ୟା କେସରେ ଇଡି, ସିବିଆଇ ଏବଂ ଆଇଟି ସଂସ୍ଥା ଗୁଡିକ ଦ୍ୱାରା ଜେଲ ପଠାଇ ନିରଙ୍କୁଶ ଭାବରେ ସାଶନ କରିବାକୁ ଚାହୁଁଛି। ବିଜେପି ଶାସିତ ରାଜ୍ୟ, ବିଜେପିର ମିତ୍ରଦଳ ଦ୍ୱାରା ଶାସିତ ରାଜ୍ୟ ଏବଂ କେନ୍ଦ୍ରର ମୋଦି ସରକାର ବ୍ୟାପକ ଦୁର୍ନୀତି ଏବଂ ଅନ୍ୟାୟରେ ଲିପ୍ତ ଥିବାର ପ୍ରମାଣ ଥିଲେ ମଧ କେନ୍ଦ୍ରୀୟ ତଦନ୍ତକାରୀ ସଂଥା ଆଖି ବନ୍ଦ କରିଦେଉଛନ୍ତି । ମାତ୍ର ବିରୋଧୀ ଦଳ ଶାସିତ ରାଜ୍ୟ ଏବଂ ବିରୋଧୀ ଦଳ ନେତା ମାନଙ୍କ ଉପରେ ମୋଦି ସରକାର ଆଇନର ଦୁରୁପଯୋଗ କରି ଆତଙ୍କରାଜ ଚଳାଇଛନ୍ତି । ସବୁଠାରୁ ବଡ ବିରୋଧୀ ଦଳ କଂଗ୍ରେସର ନିର୍ବାଚନ ସମୟରେ ବ୍ୟାଙ୍କ ଖାତାକୁ ଜବତ କରିବା, ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ଶ୍ରୀ ହେମନ୍ତ ସୋରେନ ଏବଂ ଦିଲ୍ଲୀର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ନିର୍ବାଚନରେ ପ୍ରଚାର କରିବାରୁ ବଂଚିତ କରିବା ପାଇଁ ମିଥ୍ୟା ଅଭିଯୋଗରେ ଜେଲ ପଠାଇବା, ଆମ ଆଦମୀ ପାର୍ଟିର ବରିଷ୍ଠ ନେତା ସଞ୍ଜୟ ସିଂ, ଉପମୁଖ୍ୟମନ୍ତ୍ରୀ ମନିଷ ଶିସୋଡ଼ିଆ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ସତ୍ୟେନ୍ଦ୍ରେର ଜୈନଙ୍କୁ ଇଡି ମାଧ୍ୟମରେ ଗିରଫ କରିବା, ରାଜ୍ୟପାଳଙ୍କ ମାଧ୍ୟମରେ ପଞ୍ଜାବ, ତାମିଲନାଡୁ, କେରଳ ଏବଂ କର୍ଣ୍ଣାଟକରେ ନିର୍ବାଚିତ ସରକାର ଦ୍ୱାରା ପାରିତ ବିଲ ଗୁଡିକୁ ସ୍ୱୀକୃତି ନ ଦେବା, ନିର୍ବାଚନ ଆୟୋଗ ନିଯୁକ୍ତି ପ୍ରକ୍ରିୟାକୁ ସରକାରଙ୍କ ଅଧୀନରେ ରଖିବା ଏବଂ ଏହାକୁ ନିରପେକ୍ଷ ହବାରୁ ବଂଚିତ କରିବା, ଦିଲ୍ଲୀ ଏବଂ ଚଣ୍ଡିଗଡ଼ ମେୟର ନିର୍ବାଚନରେ ଖୋଲାଖୋଲି ଭାବରେ ବିଜେପିକୁ ଜିତେଇବା ପାଇଁ ପ୍ରଶାସନିକ ଷଡଯନ୍ତ୍ର କରିବା ଏବଂ ସର୍ବୋପରି ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଚାନ୍ଦା ଆଦାୟ କରିବା ଆଜି ଉଭୟ ସମ୍ବିଧାନ ଏବଂ ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି କରିଛି ।ତେଣୁ ସମ୍ବିଧାନର ସୁରକ୍ଷା ପାଇଁ, ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଏବଂ ଅରବିନ୍ଦ କେଜ୍ରିୱାଲଙ୍କୁ ମିଥ୍ୟା ମାମଲାରେ ଜେଲ ପଠାଇବାକୁ ବିରୋଧ କରି ଆମ ଆଦମୀ ପାର୍ଟିର ସଦସ୍ୟ, ସମର୍ଥକ ଏବଂ ଗଣତନ୍ତ୍ରପ୍ରେମୀ ଜନସାଧାରଣ ଏହି ଉପବାସ ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ପ୍ରଥେମେ ପାର୍ଟି ର ସଭାପତି କୁମାର ସ୍ୱର୍ଣ୍ଣ ଭାରତ ମଲ୍ଲିକ ଏକ କ୍ରାନ୍ତିକାରୀ ଅଭିଭାଷଣ ମାଧ୍ୟମରେ ସନସାଧାରଣ ଙ୍କୁ ଉଦବୋଧନ ଦେଇଥିଲେ। ଏଇ ସଭାରେ ପୂର୍ବତନ ନୀଳଗିରି ବିଧାୟକ ପ୍ରଦୀପ୍ତ ପଣ୍ଡା, ମକ୍ତୁଞ୍ଜ ର ରାଜ୍ୟ ସମ୍ପାଦକ ଶିଶିର ଭୋଇ, ବାଲେଶ୍ୱର ସମ୍ପାଦକ ନିର୍ମଳ ନାୟକ, ମକ୍ତୁସ ର ତପନ ଚକ୍ରବର୍ତ୍ତୀ ପୂର୍ବତନ ନଗରପାଳ, ସୀତାଂଶୁ ଶେଖର ସେନାପତି ଜିଲ୍ଲା ସଭାପତି କୃଷକ ସଭା, ରାଜକିଶୋର ଶ୍ରମିକ ନେତା, ଗୌରାଙ୍ଗ ପାଣିଗ୍ରାହୀ ଇସଷ୍ଟଙ୍କମ ନେତା ଉପସ୍ଥିତ ରହି ବିକ୍ଷବ କୁ ସମର୍ଥନ ଜଣାଇ ଉଦବୋଧନ ଦେଇଥିଲେ। ଆମ ଆଦମୀ ପାର୍ଟି ର ନିକୁଞ୍ଜ ମହାନ୍ତି, କୈଳାଶ ପୃଷ୍ଟି , ସରୋଜ ରାଉଳ, ମିନାକ୍ଷୀ ଦାସ,ଉପେନ୍ଦ୍ରନାଥ ଗିରି, ଅମୀୟ ମହାନ୍ତି ଏବଂ ଅନ୍ୟ ସଦଶ୍ୟ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo